R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୩
ତିଥି : ଚତୁର୍ଥୀ
୧୭ ଜାନୁଆରୀ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 103
17 Jan 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore







## ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ

# ଓଡ଼ିଶାରେ ନୂଆ ଅଧ୍ୟାୟର ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ

# ଶ୍ରୀ ଥର୍ମନ୍ ଶନ୍ମୁଗରତ୍ନମ୍‌ଙ୍କୁ

ଓଡ଼ିଶା ବାସୀଙ୍କ

# ଭବ୍ୟ ସ୍ୱାଗତ

## ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ
## ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

**ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା**
ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

**ଗ୍ରୀନ ହାଇଡ୍ରୋଜେନ୍ କରିଡର୍**
ଇପିକଲ ଏବଂ ସେମ୍ବକର୍ପ , ସିଙ୍ଗାପୁର

**ଇଣ୍ଡଷ୍ଟ୍ରିଆଲ୍ ପାର୍କ୍**
(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର )

**ପେଟ୍ରୋଲିୟମ୍ , କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)**
ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

**ନୂତନ ସହରର ବିକାଶ**
ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

**ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକାରଣ**
ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)



## ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/13/0371/2425 DADLS-88



# ଚିକୁନ୍‌ଗୁନିଆ

ଚିକୁନ୍‌ଗୁନିଆ ହେଉଛି ଏକ ପ୍ରକାରର ଭାଇରସ ଯାହା ମଶା କାମୁଡିବା ଦ୍ୱାରା ସଂକ୍ରମଣ ହୋଇଥାଏ । ଯଦି ଆମକୁ ଏଡିଜ୍ ଏଜିପ୍ଟ କିମ୍ବା ଏଲ୍‌ବୋପିକ୍ଟସ୍ ମଶା କାମୁଡିଥାଏ ତେବେ ଚିକୁନ୍‌ଗୁନିଆ ହେବାର ଆଶଙ୍କା ଅଧିକ ରହିଥାଏ । ଏହି ସଂକ୍ରମଣ ସାଧାରଣତ ଏକ ସପ୍ତାହ ରହିଥାଏ । ହେଲେ କିଛି କ୍ଷେତ୍ରରେ ଏହା ଗମ୍ଭୀର ହେବାର ଉଦାହରଣ ମଧ୍ୟ ଦେଖିବାକୁ ମିଳେ । ଏହା କାରଣରୁ କିଛି ଲୋକଙ୍କର ଆଣ୍ଠୁରେ ଜୀବନ ଯାକ ଯନ୍ତ୍ରଣା ରହିଥାଏ । ସେହିଭଳି ଚିକୁନ୍‌ଗୁନିଆର ଲକ୍ଷଣ ସଂକ୍ରମିତ ମଶା କାମୁଡିବାର ତିନିଦିନ ପରେ ଦେଖିବାକୁ ମିଳିଥାଏ । ତେବେ ଏହା କିଛି ଲୋକଙ୍କ କ୍ଷେତ୍ରରେ ପରିବର୍ତ୍ତିତ ହେଉଥିବାର ଦେଖିବାକୁ ମିଳେ । ଚିକୁନ୍‌ଗୁନିଆର ସବୁଠାର ବଡ ଲକ୍ଷଣ ହେଲା ଜ୍ୱର । ଜ୍ୱର ସହିତ ଆଣ୍ଠୁଗଣ୍ଠିରେ ମଧ୍ୟ ଯନ୍ତ୍ରଣା ଦେଖିବାକୁ ମିଳେ । ଯଦି କୌଣସି ଲକ୍ଷଣ ଦେଖିବାକୁ ମିଳେ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।

### ଲକ୍ଷଣ

- ମୁଣ୍ଡବିନ୍ଧା
- ଜ୍ୱର
- ଥଣ୍ଡା ଲାଗିବା
- ପିଠିରେ ଯନ୍ତ୍ରଣା
- ବାନ୍ତି
- ମୁଣ୍ଡ ବୁଲାଇବା
- ର୍‍ୟାସ ବା ଲାଲ୍‌ଲାଲ୍ ଫଳିଯିବା

### ଟିପ୍ସ

- ହାଇଡ୍ରେଟ୍ ରୁହନ୍ତୁ, ପାଣି ଅଧିକ ପିଅନ୍ତୁ ।
- ଘରେ ରହିବା ସହିତ ଅଧିକ ଆରାମ କରନ୍ତୁ ।
- ଅଧିକ ଶୋଇବାକୁ ଚେଷ୍ଟା କରନ୍ତୁ ।
- ଫାଇବର ଥିବା ଫଳ ଅଧିକ ଖାଆନ୍ତୁ ।
- ସବୁଜ ପନିପରିବା ଅଧିକ ପରିମାଣରେ ଖାଆନ୍ତୁ । ଏହାକୁ ସୁପ୍ କରି ପିଅନ୍ତୁ ।
- ତେବେ ଡାକ୍ତରଙ୍କ ପରାମର୍ଶରେ ଉପରୋକ୍ତ ଟିପ୍ସକୁ ଅନୁକରଣ କରନ୍ତୁ ।



## ସୋସିଆଲ କୋଟ୍ସ



"ମୋତେ ସବୁବେଳେ ଲାଇଫ୍‌ରେ ହାଉସ୍ ୱାଇଫ୍ ଦରକାର ଥିଲା । ତେଣୁ ଶିବାଙ୍ଗି ମୋ ପାଇଁ ତାଙ୍କ କ୍ୟାରିୟର ଛାଡିଦେଇଥିଲେ ।

ଶକ୍ତି କପୁର, ଅଭିନେତା



"ଯେତେବେଳେ ହ୍ରିତିକ୍ ପ୍ରଥମ ଫିଲ୍ମ କହୋ ନା ପ୍ୟାର୍‌ହେର ପ୍ରଥମ ସଟ୍ ଦେଇଥିଲେ । ଏହାକୁ ଦେଖି ମୁଁ ଚକିତ ହୋଇ ଯାଇଥିଲି । ସେ ଖୁବ ଭଲ ଅଭିନୟ କରିଥିଲେ ।

ରାକେଶ ରୋଶନ୍, ଫିଲ୍ମ ମେକର

"ଗେମ୍ ଚେଞ୍ଜର ଫିଲ୍ମକୁ ଦର୍ଶକ ଭଲପାଇବା ଦେଉନାହାନ୍ତି । ଏହାର କଲେକସନ୍ ନେଇ ଯାହା ବି ତଥ୍ୟ ଦିଆ ଯାଉଛି ତାହା ମିଛ । ଏହାକୁ ଅନ୍ୟ ଫିଲ୍ମର କଲେକ୍ସନ ସହିତ ତୁଳନା କଲେ ସତ ଜଣାପଡୁଛି ।

ରାମଗୋପାଲ ବର୍ମା, ଫିଲ୍ମ ମେକର



# କାଳିମୁଦ୍ରା

ଏହି ଯୋଗାସନଟିକୁ କରିବା ପାଇଁ ସର୍ବପ୍ରଥମେ ଧ୍ୟାନମୁଦ୍ରାରେ ବସିଯାଆନ୍ତୁ । ଏହାପରେ ଆପଣଙ୍କ ଦୁଇ ହାତର ପାପୁଲିକୁ ଯୋଡ଼ିଦିଅନ୍ତୁ । ଏହାପରେ ବିସି ଆଙ୍ଗୁଠି ବା ତର୍ଜନୀ ଅଙ୍ଗୁଳିକୁ ଛାଡ଼ି ଅନ୍ୟ ସମସ୍ତ ଆଙ୍ଗୁଠିକୁ ପରସ୍ପର ସହିତ ଛନ୍ଦୁରେଇଦିଅନ୍ତୁ । ଧ୍ୟାନ ରଖିବେ ଯେମିତି ଆପଣଙ୍କ ବାମ ପାପୁଲିର ବୁଢ଼ା ଅଙ୍ଗୁଳି ଡାହାଣ ପାପୁଲିର ବୁଢ଼ା ଅଙ୍ଗୁଳି ଉପରେ ରହିଥିବ । ଏହି ସମୟରେ ଆପମଙ୍କ ତର୍ଜନୀ ଅଙ୍ଗୁଳି ପରସ୍ପର ସହିତ ଯୋଡ଼ିହୋଇ ଉପରକୁ ସିଧା ହୋଇ ରହିଥିବ ।




### ଉପକାର

- ପାଚନ ପ୍ରକ୍ରିୟାକୁ ସହଜ କରିବ ।
- ନକରାତ୍ମକତା ଆଙ୍ଗ୍‌ଜାଇଟି, ଅବସାଦ ଆଦି ଦୂର ହେବ ।
- ଶରୀରକୁ ଶକ୍ତି ଯୋଗାଇବ ।
- କେଶଝଡ଼ା ସମସ୍ୟାରୁ ଆଶ୍ୱସ୍ତି ମିଳିବ ।

## ଇତିହାସ

୧୯୧୭ – ଦକ୍ଷିଣ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ତଥା ରାଜନେତା ଏମ୍ ଜି ରାମଚନ୍ଦ୍ରନଙ୍କ ଜନ୍ମ ।



୧୯୨୩ – ହିନ୍ଦୀ ସାହିତ୍ୟକାର ରଙ୍ଗେୟ ରାଘବଙ୍କର ଜନ୍ମ ।

୧୯୪୧ – ସୁଭାଷ ଚନ୍ଦ୍ର ବୋଷ କୋଲକାତାରୁ ଜର୍ମାନୀ ପାଇଁ ବାହାରିଥିଲେ ।

୧୯୪୫ – ହିନ୍ଦୀ ଫିଲ୍ମର ଗୀତିକାର ଓ ଲେଖକ ଜାଭେଦ୍ ଅଖତରଙ୍କର ଜନ୍ମ ।

୧୯୪୬ – ସଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ପ୍ରଥମ ବୈଠକ ।

୧୯୪୮ – ନେଦରଲାଣ୍ଡ ତଥା ଇଣ୍ଡୋନେସିଆ ସଂଘର୍ଷରେ ବିରାମ ।

୧୯୮୭ – ଟାଟା ଫୁଟବଲ ଏକାଡେମୀର ଆରମ୍ଭ ।

# କେତେ ଭୟଙ୍କର ଗୁଡିଉଡା



ଶୀତଦିନ ଆସିଲେ ଆକାଶରେ ଅନେକ ଗୁଡି ଉଡୁଥିବାର ଦେଖିବାକୁ ମିଳିଥାଏ । ଆନନ୍ଦ ନେବାପାଇଁ ଉଡାଯାଉଥିବା ଏହି ଗୁଡି ଖୁବ ଭୟଙ୍କର ହୋଇଥାଏ । ଗୁଡିର ସୂତା କାରଣରୁ ଅନେକ ସମୟରେ ଦୁର୍ଘଟଣା ହେଉଥିବାର ମଧ୍ୟ ଦେଖିବାକୁ ମିଳିଥାଏ । କାହାର ବେକ କଟୁଥିବାବେଳେ କାହାର ଦୁର୍ଘଟଣାରେ ଜୀବନ ଯାଇଥାଏ । ତେବେ ଗୁଡିରେ ବ୍ୟବହୃତ ହେଉଥିବା ମାଞ୍ଜାସୂତାକୁ ନେଇ ଅନେତ ତଥ୍ୟ ଏଭଳି ରହିଛି, ଯାହା ବିଷୟରେ ସମସ୍ତେ ଜାଣି ନଥାନ୍ତି । ସାଧାରଣତଃ ଗୁଡି ଉଡାଇବା ପାଇଁ ଦୁଇ ପ୍ରକାରର ମାଞ୍ଜା ସୂତା ବ୍ୟବହାର କରାଯାଇଥାଏ, ସୁତା ମାଞ୍ଜା କିମ୍ବା ଚାଇନିଜ୍ ମାଞ୍ଜା । ସୂତା ମାଞ୍ଜା ଠାରୁ ଚାଇନିଜ୍ ମାଞ୍ଜା ବେଶି ଖରାପ । ଚାଇନିଜ୍ ମାଞ୍ଜାକୁ ନାଇଲନ୍ ସୂତାରୁ ପ୍ରସ୍ତୁତ କରାଯାଇଥାଏ । ଏଥିରେ କାଚ ଓ ମେଟାଲିକ୍ ପାଉଡର ଲଗାଯାଇଥାଏ । ଯାହାଫଳରେ ମାଞ୍ଜା ସୂତା ଅଧିକ ଧାର ହୋଇଥାଏ । ଯାହାଫଳରେ ଏହା ମଣିଷଙ୍କ ସହ ଅନ୍ୟ ପଶୁଙ୍କୁ ମଧ୍ୟ କ୍ଷତ ପହଞ୍ଚାଇବାରେ ସକ୍ଷମ ହୋଇଥାଏ । ଏପରି ଉଦାହରଣ ମଧ୍ୟ ରହିଛି କି ଏହି ସୂତାରେ କରେଣ୍ଟ ମଧ୍ୟ ଚାର୍ଜ ହୋଇଥାଏ । ରାଜସ୍ଥାନରେ ଏଭଳି ଘଟଣା ଘଟିଛି, ଯେଉଁଥିରେ ସୂତାରେ କରେଣ୍ଟ ଚାର୍ଜ ହେବା କାରଣରୁ ଜଣଙ୍କର ମୃତ୍ୟୁ ଘଟିଛି । ଚାଇନିଜ୍ ମାଞ୍ଜା କାରଣରୁ ଅନେକ ସହର ମହାରାଷ୍ଟ୍ର, ପଞ୍ଜାବ, ଓଡ଼ିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଆଦିରେ ଦୁର୍ଘଟଣା ଦେଖିବାକୁ ମିଳିଛି । ତେବେ ଏହି ସୂତା ଅନ୍ୟ ଗୁଡିକୁ କାଟିବାରେ ବେଶି ସକ୍ଷମ ହୋଇଥିବାରୁ ଏଥିରେ ଗୁଡି ଉଡାଇବାକୁ ସମସ୍ତେ ବେଶି ପସନ୍ଦ କରନ୍ତି । ଏହା ଟାଣ ଓ ଧାର ଥିବାରୁ ଏହାକୁ ଲୋକ ବେଶି ପସନ୍ଦ କରିଥାଆନ୍ତି । ଏହା ଉପରେ ବ୍ୟାନ୍ ଲଗାଇଯାଇଥିଲେ ମଧ୍ୟ ଚୋରାରେ ଏହା ମିଳିଥାଏ । ୨୦୧୭ରେ ପୁରା ଦେଶରେ ନାଇଲନ୍ ବା ଚାଇନିଜ୍ ମାଞ୍ଜା ବିକ୍ରି ଉପରେ କଟକଣା ଲଗାଯାଇଛି । ଏହାପରେ ମଧ୍ୟ ଏହି ମାଞ୍ଜା ଚୋରାରେ ବିକ୍ରି କରାଯାଉଛି । ଏହି ଅପରାଧରେ ଅଭିଯୁକ୍ତକୁ ଏକ ଲକ୍ଷ ଟଙ୍କାର ଜରିମାନା ଓ ୫ ବର୍ଷର ଜେଲ ଦଣ୍ଡବିଧାନ ମଧ୍ୟ ରହିଛି ।



# ସବୁଠୁ ଖରାପ ମିସି ରୋଟି !



ଭାରତ ସବୁବେଳେ ଏହାର ଖାଦ୍ୟ ପାଇଁ ବିଶ୍ୱରେ ପରିଚିତ । ଏହା ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ବୋଲି ସବୁ ଦେଶର ଲୋକ ସ୍ୱୀକାର କରୁଥିବାର ଦେଖିବାକୁ ମିଳେ । ଭାରତୀୟ ଖାଦ୍ୟରେ ବେଶ୍ ଅଧିକ ବିଭିନ୍ନତା ଦେଖିବାକୁ ମିଳିଥାଏ । ତେବେ କିଛି ସ୍ଥାନରେ ଭାରତୀୟ ଖାଦ୍ୟକୁ ଭଲ ପାଇନଥାନ୍ତି, ଯାହାର ସଦ୍ୟ ଉଦାହରଣ ନିକଟରେ ଦେଖିବାକୁ ମିଳିଛି । ଦୁନିଆର ୧୦୦ଟି ଖରାପ ଖାଦ୍ୟ ତାଲିକାରେ ସ୍ଥାନ ପାଇଛି ଭାରତର ମିସି ରୋଟି । ଯାହା ଭାରତରେ ଖୁବ ପରିଚିତ ଓ ଲୋକମାନେ ଖୁବ ଭଲ ପାଇଥାଆନ୍ତି ଏହାକୁ ଖାଇବାକୁ । ୟୁରୋପର ଏକ ଅନୁଷ୍ଠାନ ଟେଷ୍ଟ ଆଟ୍‌ଲାସ ଏହି ତାଲିକା ବାହାର କରିଛି । ତେବେ ଏହି ସର୍ଭେ ପରେ ଭାରତୀୟଙ୍କ ରାଗ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ଏହି ତାଲିକାରେ ଏହି ଗୋଟିକ ଭାରତୀୟ ଖାଦ୍ୟ ସାମିଲ ରହିଛି । ମିସି ରୋଟି ଏହି ତାଲିକାର ୫୬ତମ ସ୍ଥାନରେ ରହିଛି । ମିସି ରୋଟି ଉତ୍ତର ଭାରତର ଏକ ପରିଚିତ ଖାଦ୍ୟ, ଯାହାକୁ ଖାଇବାକୁ ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ସମଗ୍ର ଭାରତ ଭଲ ପାଇଥାଏ । ଲୋକମାନେ ଏହାକୁ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ କରି ବିରୋଧ କରିବାରେ ଲାଗିଛନ୍ତି ।




# ପବନରୁ ଚାର୍ଜ

ମୋବାଇଲ୍, ଲାପଟପ୍, ବ୍ଲୁଟୁଥ୍, ସ୍ପିକର ଭଳି ଅନ୍ୟ ଗ୍ୟାଜେଟ୍ ଚାର୍ଜ କରିବା ପାଇଁ ସାଧାରଣତଃ ବିଜୁଳିର ଆବଶ୍ୟକ ପଡିଥାଏ । ହେଲେ ପବନରୁ ମଧ୍ୟ ଏ ସମସ୍ତ ଗ୍ୟାଜେଟ୍‌ସକୁ ମଧ୍ୟ ଚାର୍ଜ କରିହେବ, କଥାଟି ଅବିଶ୍ୱାସ ଲାଗିଲେ ମଧ୍ୟ । ଆଜିକାଲିର ବୈଜ୍ଞାନିକଙ୍କ ପାଇଁ ସବୁ ସମ୍ଭବ । ଏକ ରିପୋର୍ଟ ଅନୁସାରେ ଜାପାନର ବୈଜ୍ଞାନିକ ମାନେ ଏଭଳି ନୂତନ ଟେକନିକ୍‌ର ଉଦ୍ଭାବନ କରିଛନ୍ତି ଯାହା ବିଜୁଳିର ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ । ବୈଜ୍ଞାନିକ ମାନେ ଏକ ୱେୟାର ଲେସ୍ ଚାର୍ଜିଂ ରୁମ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ପବନରୁ ବିଭିନ୍ନ ଗ୍ୟାଜେଟ୍ ଚାର୍ଜ ହେଉଛି । ଜାପାନର ଟୋକିଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ୧୦ ବାଏ ୧୦ ଫୁଟ୍‌ର ଚାର୍ଜିଂ ରୁମ୍ ପ୍ରସ୍ତୁତ କରିଛନ୍ତି, ଯାହା ୫୦ ଭୋଲ୍ଟ ପର୍ଯ୍ୟନ୍ତ ପାୱାର ଦେଇଥାଏ । ବୈଜ୍ଞାନିକଙ୍କ ମତରେ ଏହାର ଟେଷ୍ଟିଙ୍ଗ ସରିଛି, ଏହି ରୁମ୍‌ରେ ପାୱାର ଲ୍ୟାମ୍ପ, ମୋବାଇଲ୍ ଆଦିକୁ ରଖି ଚାର୍ଜ କରାଯାଇଛି । ବୈଜ୍ଞାନିକଙ୍କ ମତରେ ମଣିଷଙ୍କୁ ଏଥିରୁ କୌଣସି କ୍ଷତି ନାହିଁ । ଏହା ଏକ ନୂଆ ଟେକ୍‌ନିକ୍ ଯେଉଁଥିରେ ବିନା ଇଲେକ୍ଟ୍ରିକ୍ ଫିଲ୍ଡରେ ମ୍ୟାଗ୍‌ନେଟିକ୍ ଫିଲ୍ଡକୁ ଜେନେରେଟ କରିହେବ । ଏହାସହ ଏହି ଟେକ୍‌ନିକ୍‌ରେ ଆଉ ଏକ ସ୍ୱତନ୍ତ୍ରତା ହେଉଛି ଏହାକୁ ବ୍ୟବହାର କରି ବିନା ଚାର୍ଜିଙ୍ଗ ପ୍ୟାଡ୍‌ରେ ଗ୍ୟାଜେଟ୍‌କୁ ଚାର୍ଜ କରିହେବ । ତେବେ ଏହା ବର୍ତ୍ତମାନ ପ୍ରୋଗ୍ରେସିଂ ଷ୍ଟେଜ୍‌ରେ ରହିଛି । ଆଗକୁ ଏହାକୁ ଆହୁରି ଉନ୍ନତ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ଧରଣର କରାଯିବ । ଏହା ପୂରାପୁରି ପ୍ରସ୍ତୁତ ହେବା ପାଇଁ ଅନେକ ବର୍ଷ ଲାଗିବ । ତେବେ ଏହି ୱେୟାରଲେସ୍ ଚାର୍ଜିଂକୁ ନେଇ ଅନେକ ବିବାଦ ମଧ୍ୟ ରହିଛି । କେତେକ ବୈଜ୍ଞାନିକ ଏହାକୁ ହାନିକାରକ ବୋଲି ଦର୍ଶାଇଛନ୍ତି ।



# ଡେବ୍ୟୁକୁ ନେଇ ନର୍ଭସ

ଖୁବଶୀଘ୍ର ରବିନାଙ୍କ ଝିଅ ରାଶା ଟଣ୍ଡନ ବି ଟାଉନ୍ ଡେବ୍ୟୁ କରିବାକୁ ଯାଉଛନ୍ତି । ସେ ନିଜର ପ୍ରଥମ ଫିଲ୍ମକୁ ନେଇ ଖୁବ ନର୍ଭସ ଅଛନ୍ତି । ରାଶାଙ୍କୁ ଫିଲ୍ମ ଆଜାଦରେ ଦେଖିବାକୁ ମିଳିବ, ଯେଉଁଥିରେ ସେ ଅଜୟ ଦେବଗନଙ୍କ ସମ୍ପର୍କୀୟ ଅମନ ଦେବଗନଙ୍କ ସହିତ ସ୍କ୍ରିନ୍ ସେୟାର କରିବେ । ଫିଲ୍ମଟି ରାଶାଙ୍କ ପାଇଁ ଖୁବ ସ୍ପେସାଲ ବୋଲି ସେ ସାକ୍ଷାତକାରରେ ମତ ଦେଇଛନ୍ତି । ଫିଲ୍ମର ସୁଟିଂ ସମୟର ଅନେକ ସ୍ମୃତି ତାଙ୍କ ପାଇଁ ଖୁବ ମଜାଦାର । ଏହି ସବୁ ସ୍ମୃତି ସବୁବେଳେ ତାଙ୍କ ପାଖରେ ସତେଜ ହୋଇ ରହିବ ବୋଲି ରାଶା ମତ ଦେଇଛନ୍ତି । ସେ ଆଗକୁ ଯେତେ ପ୍ରୋଜେକ୍ଟରେ ଅଭିନୟ କଲେ ବି ଏହି ଫିଲ୍ମରୁ ଶିଖିଥିବା କଥା ସବୁବେଳେ ତାଙ୍କର ମନେ ରହିବ । କ୍ୟାରିୟର ଆରମ୍ଭ କରିବାକୁ ଏହା ସବୁଠାରୁ ଭଲ ଫିଲ୍ମ ବୋଲି ରାଶା କହିଛନ୍ତି । ଏଥିରେ ସେ ଅଜୟ ଦେବଗନ ଓ ନିର୍ଦ୍ଦେଶକ ଅଭିଷେକ କପୁରଙ୍କ ଠାରୁ ଅନେକ କିଛି ଶିଖିବାକୁ ପାଇଛନ୍ତି, ଯାହା ତାଙ୍କୁ ଆଗକୁ କ୍ୟାରିୟରରେ ସାହାଯ୍ୟ କରିବ । ଫିଲ୍ମ ପାଇଁ ସେ ଖୁବ ପରିଶ୍ରମ କରିଛନ୍ତି ତେଣୁ ଏହା ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସିବ ବୋଲି ରାଶା ମତ ଦେଇଛନ୍ତି ।



## ହାଃ...ହାଃ...

ପପୁ– ତୁମେ ଝିଅମାନେ ବିବାହ ସମୟରେ ଏତେ କାନ୍ଦ କଣ ପାଇଁ । ଆଜିକାଲି ତ ଯେତେବେଳେ ଚାହିଁବ ବାପା ମାଆଙ୍କ ପାଖକୁ ଯାଇପାରିବ ।

ପତ୍ନୀ– ଆରେ ତୁମେ ଯଦି ଜାଣିବ ତୁମକୁ ଘର ଠାରୁ ଦୂରକୁ ନେଇ ବାସନ ମାଜିବାକୁ ଦିଆଯିବ, ତେବେ ତୁମେ ପୁଅମାନେ ମଧ୍ୟ କାନ୍ଦିବ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୩
ତିଥି : ଚତୁର୍ଥୀ
୧୭ ଜାନୁଆରୀ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 103
17 Jan 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ବନ୍ଦ ହେବ ହମାସ୍-ଇସ୍ରାଏଲ ଯୁଦ୍ଧ!




ନୂଆଦିଲ୍ଲୀ, ୧୬।୧ : ମଧ୍ୟପ୍ରାଚ୍ୟରେ ଏକ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ବିରତି ଲାଗି ଚୁକ୍ତି ହେବ ବୋଲି ଘୋଷଣା କରାଯାଇଛି । ପ୍ରାୟ ୧୫ ମାସ ଧରି ଗାଜା ଷ୍ଟ୍ରିପ୍ ଏଥିଯୋଗୁ ରକ୍ତରଞ୍ଜିତ ହୋଇଥିଲା । କୁଟନୈତିକ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଛି ବୋଲି କୁହାଯାଉଛି । ଆମେରିକାର ବିଦାୟ ନେବାକୁ ଥିବା ରାଷ୍ଟ୍ରପତି ଏହି ବୁଝାମଣାକୁ ଏକ ବଡ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । ଭାରତ ପକ୍ଷରୁ ଏହି ଘୋଷଣାକୁ ସ୍ୱାଗତ କରାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଆମେ ଆଶା ରଖିଛୁ ଶାନ୍ତିଚୁକ୍ତି ଯୋଗୁ ମାନବିକ ସହାୟତା ଗାଜାବାସୀଙ୍କ ପାଖରେ ସୁରକ୍ଷିତ ଭାବେ ପହଞ୍ଚିବ । ଆମେ ଏହାକୁ ସ୍ୱାଗତ କରୁଛୁ ।

ଇସ୍ରାଏଲ ଓ ହମାସ ଏବେ ଏହି ଚୁକ୍ତିରେ ପହଞ୍ଚିଛନ୍ତି । ଆମେରିକା ସହଯୋଗରେ ଇଜିପ୍ଟ ଓ କାତାର ମଧ୍ୟସ୍ଥତାରେ ଏହି ଚୁକ୍ତିନାମା ସଫଳ ହୋଇପାରିଛି । ଆସନ୍ତା ୧୯ରୁ ଏହା କାର୍ଯ୍ୟକାରୀ ହେବ । ତେବେ ଜାନୁଆରୀ ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଶପଥ ନେବେ । ଏହାପୂର୍ବରୁ ଏହି ଅଗ୍ରଗତି ଘଟିଛି । ଇସ୍ରାଏଲ ଓ ହମାସ ଯୁଦ୍ଧ ବେଶ ଭୟଙ୍କର ଥିଲା । ମାନବିକ ଅଧିକାର ସେଠାରେ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ ହୋଇଥିଲା । ୧୨୦୦ ସୈନିକ ମୃତ୍ୟୁବରଣ କରିଥିଲେ । ପ୍ରାୟ ୨୫୦ ଲୋକଙ୍କୁ ପଣବନ୍ଦୀ ରଖାଯାଇଥିଲା । ଉଭୟ ପକ୍ଷରୁ ୪୬ ହଜାର ସାଧାରଣ ଲୋକ ମୃତ୍ୟୁବରଣ କରିଥିଲାବେଳେ ହଜାର ହଜାର ବାସଚ୍ୟୁତ ହୋଇଥିଲେ । ବଞ୍ଚିବା ପାଇଁ ସେମାନେ ଆଶ୍ରୟସ୍ଥଳ ଖୋଜୁଥିଲେ । ୧୫ ମାସ ପରେ ଏହି ଚୁକ୍ତିନାମା ମଧ୍ୟପ୍ରାଚ୍ୟ ପାଇଁ ଆଶ୍ୱସ୍ତି ଆଣିଛି । ଇସ୍ରାଏଲ ମଧ୍ୟ ପଣବନ୍ଦୀମାନଙ୍କୁ ଫେରାଇ ଦେବ । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ଏହି ବୁଝାମଣାକୁ ସମ୍ମତି ପ୍ରଦାନ କରିଛନ୍ତି । ୬ ସପ୍ତାହ ଲାଗି ଏହି ପ୍ରାରମ୍ଭିକ ଚୁକ୍ତିନାମା ହୋଇଛି । ଆସନ୍ତା ୧୯ ପରେ ଗାଜାରୁ ଧୀରେଧୀରେ ଇସ୍ରାଏଲ୍ ସୈନ୍ୟଙ୍କୁ ପ୍ରତ୍ୟାହାର କରାଯିବ । ଏହାପରେ ହମାସ ତା'ର ପଣବନ୍ଦୀମାନଙ୍କୁ ଛାଡ଼ିବ । ଯେଉଁ ପାଲେଷ୍ଟାଇନମାନେ ଇସ୍ରାଏଲ୍‌ରେ ଅଛନ୍ତି, ସେମାନଙ୍କୁ ମଧ୍ୟ ମୁକ୍ତ କରାଯିବ ।

**ଉଭୟଙ୍କ ମଧ୍ୟରେ ଅସ୍ତ୍ରବିରତି ନେଇ ବୁଝାମଣା**

**୧୯ ତାରିଖରୁ ଲାଗୁ ହେବ ରାଜିନାମା**

**୧୫ ମାସ ଧରି ଚାଲିଥିଲା ରକ୍ତପାତ**

**୧୨୦୦ ସୈନିକଙ୍କ ସମେତ ହଜାର ହଜାର ସାଧାରଣ ନାଗରିକ ମୃତ**

**ଯୁଦ୍ଧ ବିରତିକୁ ଭାରତର ସ୍ୱାଗତ**

# ସୈଫଅଲ୍ଲୀ ଖାନ୍‌ଙ୍କୁ ଛୁରାମାଡ



ନୂଆଦିଲ୍ଲୀ, ୧୬।୧ : ବଲିଉଡ୍ ଅଭିନେତା ସୈଫଅଲ୍ଲୀ ଖାନ୍‌ଙ୍କୁ ଜଣେ ଅଜଣା ବ୍ୟକ୍ତି ତାଙ୍କ ମୁମ୍ବାଇସ୍ଥିତ ବାନ୍ଦ୍ରା ବାସଭବନରେ ପହଞ୍ଚି ଛୁରିମାଡ଼ କରିଛନ୍ତି । ଛୁରିମାଡ଼ ପରେ ତାଙ୍କର ଅସ୍ତ୍ରୋପଚାର ହୋଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଅସ୍ତ୍ରୋପଚାର ବେଳେ ସୈଫ୍‌ଙ୍କ ମେରୁଦଣ୍ଡରୁ ୨.୫ ସେମି ଲମ୍ବର ଏକ ଛୁରି ବାହାରିଛି । ତାଙ୍କ ଶରୀରର ୬ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ଦୁଇଟି ଗଭୀର ଥିଲାବେଳେ ଦୁଇ ମଧ୍ୟମ ଓ ଦୁଇଟି ସାମାନ୍ୟ କ୍ଷତ ରହିଛି । ୫୪ ବର୍ଷୀୟ ଏହି ଅଭିନେତା ମେରୁଦଣ୍ଡ ହାଡ଼ରେ ଆଘାତ ଲାଗିଲା ପରେ ତୁରନ୍ତ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଘଟଣାରୁ ପ୍ରକାଶ ଯେ ଗତକାଲି ରାତି ୨ଟା ବେଳେ ଏଭଳି ଘଟଣା ଘଟିଥିଲା । ସୈଫ୍‌ଙ୍କ ଘରେ ଯେଉଁ ଲୋକ ପ୍ରବେଶ କରି ଏଭଳି କାଣ୍ଡ ଭିଆଇଥିଲା ସିସିଟିଭି ଫୁଟେଜରେ ତାର ଫଟୋ ଦେଖିବାକୁ ମିଳିଛି । ପୁଲିସ ପକ୍ଷରୁ (୯ ପୃଷ୍ଠାରେ)

**ଅସ୍ତ୍ରୋପଚାରରେ ମେରୁଦଣ୍ଡ ହାଡରୁ ବାହାରିଲା ୨.୫ ସେମି ଛୁରୀ**

**ଦୁର୍ବୃତ୍ତର ଫଟୋ ସିସିଟିଭିରେ କଏଦ**

**୧୦ ଟିମ୍ ଗଠନ କରି ପୋଲିସର ଯାଞ୍ଚ**

# ଖସିଲା ପାରଦ, ବଢ଼ିଲା ଶୀତ

ଭୁବନେଶ୍ୱର, ୧୬।୧ (ସବ୍ୟୁ) : ଚଳିତ ଶୀତଋତୁରେ ଜି ଉଦୟଗିରିରେ ପ୍ରଥମ ତୁଷାରପାତ ଗୁରୁବାର ଭୋରରୁ ଦେଖିବାକୁ ମିଳିଛି । ଜି.ଉଦୟଗିରିର ଆଭ୍ୟନ୍ତରୀଣ ଗାଁମାନଙ୍କରେ ଏଭଳି ସ୍ଥିତି ନଜର ଆସିଛି । ପାରଦ ଲଗାତାର ଖସିବାରେ ଲାଗିଛି । ଆସନ୍ତା ୫ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତ୍ତନ ହେବାର ନାହିଁ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଗୁରୁବାର ସର୍ବନିମ୍ନ ତାପମାତ୍ରା ୭.୨ଡିଗ୍ରୀ ସହରରେ ରେକର୍ଡ କରାଯାଇଥିବା ବେଳେ ଆଭ୍ୟନ୍ତରୀଣ ଗାଁଗୁଡ଼ିକରେ ଏହା ୭ଡିଗ୍ରୀରୁ ତଳକୁ ଖସିଛି । ପ୍ରବଳ ଥଣ୍ଡାରେ ସାରା ଅଞ୍ଚଳ କମ୍ପୁଛି । ହାଡ଼ଭଙ୍ଗା ଶୀତ ସାଙ୍ଗକୁ ହାତ ଗୋଡ଼ କାଲୁଆ ମାରିଦେଉଛି । ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଲଗେଇ ଲୋକେ ବସୁଥିବା ଦେଖିବାକୁ ମିଳୁଛି । ସେହିପରି ଦାରିଙ୍ଗବାଡ଼ିରେ ୮.୫ ଡିଗ୍ରୀ, ଫୁଲବାଣୀରେ ୯.୫ ଡିଗ୍ରୀ, ଅନୁଗୁଳରେ ୧୧ ଡିଗ୍ରୀ ଓ କେନ୍ଦୁଝରରେ ୧୧.୨ ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତା ଦୁଇ ଦିନ ଧରି ରାଜ୍ୟର ଅନେକ ଜିଲ୍ଲାରେ ଘନ କୁହୁଡ଼ି ପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୮ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଏବଂ ଝାରସୁଗୁଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ଅଧିକ ରହିଥିବା କୁହାଯାଇଛି ।

ସେହିପରି ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ପାଗ ଶୁଖିଲା ରହିବାର ସମ୍ଭାବନା ଅଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । (୯ ପୃଷ୍ଠାରେ)

**ଜି. ଉଦୟଗିରିରେ ତୁଷାରପାତ**

**ଘନ କୁହୁଡ଼ି ନେଇ ୟେଲୋ ୱାର୍ଣ୍ଣିଂ**

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଅଷ୍ଟମ ବେତନ କମିଶନ

ନୂଆଦିଲ୍ଲୀ, ୧୬।୧ : କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଧାରୀଙ୍କ ପାଇଁ ଖୁସି ଖବର । କେନ୍ଦ୍ର କ୍ୟାବିନେଟ୍ ଅଷ୍ଟମ ପେ' କମିଶନ ଗଠନ ଲାଗି ଆଜି ମଞ୍ଜୁରୀ ଦେଇଛନ୍ତି । ଅଷ୍ଟମ ପେ' କମିଶନ କେନ୍ଦ୍ର କର୍ମଚାରୀଙ୍କ ଦରମା-ଭତ୍ତା ଓ ପେନ୍‌ସନ୍‌ଧାରୀଙ୍କ ପେନ୍‌ସନ୍ ସମ୍ପର୍କରେ ନିଷ୍ପତ୍ତି ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ସୂଚନା ଦେଇଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଖୁବ୍‌ଶୀଘ୍ର ଜଣେ (୯ ପୃଷ୍ଠାରେ)

## ସିମେଣ୍ଟ ପ୍ଲାଣ୍ଟରେ କୋଲ୍ ହପର୍ ଭୁଶୁଡିଲା

### ଏକାଧିକ ଶ୍ରମିକ ଚାପି ହୋଇଥିବା ଆଶଙ୍କା

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୧୬।୧ (ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଡାଲମିଆ ସିମେଣ୍ଟ ପ୍ଲାଣ୍ଟରେ କୋଲ୍ ହପର୍ ଭୁଶୁଡ଼ି ଏକାଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା ପ୍ରକାଶ ପାଇଛି। ଷ୍ଟକ ରଖାଯାଉଥିବା କୋଇଲା ହପର୍ ଭୁଶୁଡ଼ି ପଡ଼ିବାରୁ କାର୍ଯ୍ୟରତ ଶ୍ରମିକମାନେ ଏହା ତଳେ ଚାପି ହୋଇଛନ୍ତି । ୩/ ୪ ଜଣ ଶ୍ରମିକ ସିମେଣ୍ଟ ପ୍ଲାଣ୍ଟରେ ଘଟିଥିବା ଏହି ଦୁର୍ଘଟଣାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ହପର୍ ତଳେ ଚାପି ହୋଇ ରହିଯାଇଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ କ୍ରେନ ଲଗାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ପ୍ଲାଣ୍ଟରେ ଆମ୍ବୁଲାନ୍ସ ଆସି ପହଞ୍ଚିଥିବାବେଳେ ଏଭଳି ଅଘଟଣ ନେଇ ପ୍ଲାଣ୍ଟ ବାହାରେ ଉତ୍ତେଜନା ପ୍ରକାଶ ପାଇଛି। ହପର୍ ଦାୟିତ୍ୱରେ ୧୨ ଶ୍ରମିକ ଥିବା କୁହାଯାଉଛି। ଦୁର୍ଘଟଣା ପରେ ଶ୍ରମିକଙ୍କ ଫୋନରେ ଯୋଗାଯୋଗ କରିବା ସମ୍ଭବ (୯ ପୃଷ୍ଠାରେ)

## ପଦ୍ମ ବିଜେତାଙ୍କୁ ମାସକୁ ମିଳିବ ୩୦ ହଜାର

ଭୁବନେଶ୍ୱର, ୧୬।୧ (ସବ୍ୟୁ) : ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମ୍ମାନସୂଚକ ସହାୟତା ରାଶି ଘୋଷଣା କରାଯାଇଛି । ସେମାନଙ୍କୁ ମାସିକ ୩୦ ହଜାର ଟଙ୍କା ମିଳିବ । ଓଡ଼ିଶା ସରକାର ଏହି ସହାୟତା ରାଶି ଘୋଷଣା କରିଛନ୍ତି ।

ଚଳିତ ଜାନୁଆରୀ ୨୫ରୁ ଏହି ସହାୟତା ରାଶି ପ୍ରଦାନ କରାଯିବ । ପୂର୍ବରୁ ଏନେଇ ନିଷ୍ପତ୍ତି ନିଆଯାଇଥିବା ବେଳେ ଗୁରୁବାର ଏହାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବରୁ ପଦ୍ମ ବିଜେତାଙ୍କୁ ମାସକୁ ୩୦ ହଜାର ଟଙ୍କାର ସମ୍ମାନସୂଚକ ସହାୟକ ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମସ୍ତ ୫୫ ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷ ମାସକୁ ୩୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ସହାୟକ ରାଶି ପାଇବେ । ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି । (୯ ପୃଷ୍ଠାରେ)

# ସୁରକ୍ଷାବଳ ଗୁଳିରେ ୧୨ ମାଓବାଦୀ ନିହତ



ଭୁବନେଶ୍ୱର/ସୁକମା/ବିଜାପୁର, ୧୬।୧ (ସବ୍ୟୁ) : ଛତିଶଗଡରେ ସୁରକ୍ଷାବଳ ଏନକାଉଣ୍ଟରରେ ୧୨ ମାଓବାଦୀ ନିପାତ ହୋଇଛନ୍ତି । ମାଓ ଦମନ ନେଇ ବିଜାପୁର ଓ ସୁକମା ଜିଲାରେ ବଡ ଧରଣର ଏନକାଉଣ୍ଟର ହୋଇଛି । ସର୍ଚ୍ଚ ଅପରେସନ ସମୟରେ ମାଓବାଦୀଙ୍କ ତରଫରୁ ଆକ୍ରମଣ ହେବା ପରେ ସୁରକ୍ଷାବଳ ତରଫରୁ ପାଲଟା ଜବାବ ଦିଆଯାଇଥିଲା । ଏଥିରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି । ଗୁଳି ବିନିମୟ ଦୀର୍ଘ ସମୟ ଧରି ଜାରି ରହିଥିବା ସୂଚନା ମିଳିଛି ।

ଅନ୍ୟ ପକ୍ଷରେ ଛତିଶଗଡ଼ର ବିଜାପୁର ଜିଲାରେ ପୁଣି ଥରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି ଯବାନ। ବିସ୍ଫୋରଣରେ ସୁରକ୍ଷାବାହିନୀର ୨ ଜଣ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ବିଜାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ଯବାନଙ୍କ ନାମ ମୃଦୁଲ୍ ବର୍ମନ ଓ ମହମ୍ମଦ ଇସହାକ ଏବଂ ଦୁହେଁ କୋବ୍ରା ୟୁନିଟର ବୋଲି ଜଣାପଡ଼ିଛି। ଉଭୟଙ୍କ ଗୋଡ଼ରେ ଆଘାତ ଲାଗିଛି । (୯ ପୃଷ୍ଠାରେ)

**ଆଇଇଡି ବିସ୍ଫୋରଣ, ୨ ଯବାନ ଆହତ**






ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ସରଣ ସିଂହଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

### ଅଢ଼େଇ ମାସରେ ୬.୫ ଲକ୍ଷ ଫୋନ କଲ୍

## ଚାଷୀଙ୍କ ହିତରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସବୁ ବ୍ୟବସ୍ଥା କରାଯାଇଛି । ଏବେ ସୁଦ୍ଧା ସାଢ଼େ ୬ ଲକ୍ଷ ଚାଷୀ ଟୋଲଫ୍ରି ନମ୍ବରକୁ କଲ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଟୋଲ ଫ୍ରି ନମ୍ବରରେ ୧ ଲକ୍ଷ ୪୧୭୮ଟି ଇନକମିଂ କଲ ରହିଛି । ଏଥିରେ ସର୍ବାଧିକ ପ୍ରାୟ ୯୦ ହଜାର କଲ ଟୋକନ ସମ୍ବନ୍ଧୀୟ ରହିଛି । ସେହିଭଳି ଏହି କେନ୍ଦ୍ରରୁ ୧ ଲକ୍ଷ ୧୨ ହଜାର ୧୧ଟି କଲ ଆଉଟଗୋଇଙ୍ଗ କଲ ରହିଛି । ଏଥିମଧ୍ୟରେ ପ୍ରାୟ ୭୦ ହଜାର ଚାଷୀଙ୍କ ମତାମତ ଓ ୩୯ ହଜାର କଲ ଭାଗଚାଷୀ ଯାଞ୍ଚ ସମ୍ପର୍କିତ କଲ ରହିଛି । ସେହିଭଳି ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ ମାଧ୍ୟମରେ ମଧ୍ୟ ୪ଲକ୍ଷ ୨୯ ହଜାର ୬୫୦ଟି କଲ କରାଯାଇଛି । ସେଥିମଧ୍ୟରେ ପ୍ରାୟ ୩ଲକ୍ଷ ୧୫ ହଜାର କଲ କେବଳ ଟୋକନ ସମ୍ପର୍କରେ କରାଯାଇଥିବା ଜଣାପଡ଼ିଛି । ଏହିଭଳି ଭାବେ ପ୍ରାୟ ୬ ଲକ୍ଷ ୫୦ହଜାର କଲ କରାଯାଇଛି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀମାନେ ତୁରନ୍ତ ସେମାନଙ୍କ ଅଭିଯୋଗ କରିପାରୁଛନ୍ତି । ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇପାରୁଛି । ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି । କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରାଯାଇପାରୁଛନ୍ତି । ଏହି ତଥ୍ୟ ଗତ ଅଢ଼େଇ ମାସ ଅର୍ଥାତ ଗତ ନଭେମ୍ବର ପହିଲାରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ରହିଛି । ଏହି କକ୍ଷ ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଉପଲବ୍ଧ ରହିବ ।

## ଶିଳ୍ପ ମନ୍ତ୍ରୀଙ୍କ ସହ ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ରାଜେଶ ଧର୍ମାନୀଙ୍କ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ଅପରାହ୍ନରେ ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ରାଜେଶ ଧର୍ମାନୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଲୋକସେବା ଭବନସ୍ଥ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉତ୍ତରୀୟ ଓ କୋଣାର୍କ ଚକ୍ରର ସ୍ମାରକ ପ୍ରଦାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଧର୍ମାନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରିଥିଲେ । ଇଂଜିନିୟରିଂ ଛାତ୍ରଛାତ୍ରୀମାନେ ଟ୍ରେନିଂ ପ୍ଲେସ୍ମେଣ୍ଟରେ ଦେଶବିଦେଶରେ ନିଯୁକ୍ତି ପାଇଥିବା ଜାଣି ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କର ଉନ୍ନତି କାମନା କରିଥିଲେ । ଭବିଷ୍ୟତରେ ଓଡ଼ିଶାକୁ ରୋଲ୍ ମଡେଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶା ପ୍ରକଟ କରିଥିଲେ । ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଧର୍ମାନୀଙ୍କୁ ଅବଗତ କରାଇଥିଲେ । ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଅକ୍ଷୟ ସୁଦ୍‌ଙ୍କ ସମେତ ହିମାଚଳ ପ୍ରଦେଶର ବିଭାଗୀୟ କର୍ମକର୍ତ୍ତା ଓ ଅଧିକାରୀବୃନ୍ଦ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ ।

## ବିଭୁପ୍ରସାଦ ତ୍ରିପାଠୀଙ୍କୁ 'ବରିଷ୍ଠ ଆଇନଜୀବୀ'ର ମାନ୍ୟତା



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଜଣାଶୁଣା ଆଇନଜୀବୀ ତଥା ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସଭାପତି ବିଭୁପ୍ରସାଦ ତ୍ରିପାଠୀଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ବରିଷ୍ଠ ଆଇନଜୀବୀର ମାନ୍ୟତା ପ୍ରଦାନ କରିଛନ୍ତି । ଏ ସଂପର୍କରେ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନରାଲ, ଶ୍ରୀ ତ୍ରିପାଠୀଙ୍କ ସମେତ ୧୩ ଜଣ ଆଇନଜୀବୀଙ୍କୁ ଏହି ମାନ୍ୟତା ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଭୁପ୍ରସାଦ ତ୍ରିପାଠୀ, ବେଙ୍ଗାଲୁର ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ସାରିବା ପରେ କଟକ ଓ ଭୁବନେଶ୍ୱରରେ ଆଇନ ପେଷା ଆରମ୍ଭ କରିଥିଲେ । ପରିବାରର ପ୍ରଥମ ପିଢ଼ୀର ଆଇନଜୀବୀ ଭାବେ ପରିବେଶ ସଂପର୍କିତ ଜନସ୍ୱାର୍ଥ ମାମଲା ଓ ଦଳିତ ଆଦିବାସୀ ବର୍ଗଙ୍କୁ ନ୍ୟାୟ ଯୋଗାଇବା ଲାଗି ସେ ଖ୍ୟାତି ଅର୍ଜନ କରିଛନ୍ତି । ପରବର୍ତ୍ତୀ ସମୟରେ ଦୀର୍ଘବର୍ଷ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ ସେ ଦାୟିତ୍ୱ ନିର୍ବାହ କରିଛନ୍ତି । ଶ୍ରୀ ତ୍ରିପାଠୀଙ୍କୁ ହାଇକୋର୍ଟ ଏହି ମାନ୍ୟତା ପ୍ରଦାନ କରିଥିବାରୁ ନୂଆପିଢ଼ୀର ଯୁବ ଆଇନଜୀବୀଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି । ଶ୍ରୀ ତ୍ରିପାଠୀ, ବର୍ତ୍ତମାନ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ସଦସ୍ୟ ଅଛନ୍ତି । ଅନେକ ଆଇନଜୀବୀ ଓ ବହୁ ଜନ–ଆନ୍ଦୋଳନର ନେତୃବର୍ଗ, ଶ୍ରୀ ତ୍ରିପାଠୀଙ୍କୁ ଆଜି ତାଙ୍କ କାର୍ଯ୍ୟାଳୟରେ ଭେଟି, ଶୁଭେଚ୍ଛା ଜଣାଇବା ସହ ଲୋକଙ୍କ ପାଇଁ ଓକିଲାତି ପେଷାକୁ ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

## ରାଜ୍ୟପାଳଙ୍କୁ ଭେଟିଲେ ମାନବାଧିକାର ଆୟୋଗ ଅଧକ୍ଷ



ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ମାନବାଧିକାର ଆୟୋଗର ଅଧକ୍ଷ ଜଷ୍ଟିସ୍ ଶତ୍ରୁଘନ ପୁଜାହାରୀ ନବନିଯୁକ୍ତ ରାଜ୍ୟପାଳ ଡା. ହରି ବାବୁ କମ୍ଭମପଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଜଷ୍ଟିସ ପୂଜାହାରୀ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇଥିଲେ । ଓଡିଶା ମାନବାଧିକାର ଆୟୋଗର କାର୍ଯ୍ୟାଧାରା ଏବଂ ତତ୍‌ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ବିଶେଷକରି ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଗ ଏକ ନୂତନ କାର୍ଯ୍ୟକ୍ଷମ ଡାଇନାମିକ ୱେବସାଇଟ୍ ପ୍ରସ୍ତୁତ କରିଛନ୍ତି । ଯେଉଁଠାରେ ଆୟୋଗ ଦ୍ୱାରା ପଞ୍ଜିକୃତ ସମସ୍ତ ମାମଲାର ବିବରଣୀ, ପ୍ରତ୍ୟେକ ମାମଲାର ସ୍ଥିତି, ଆଦେଶ ଇତ୍ୟାଦି ଯେ କୌଣସି ସମୟରେ ଓ ଯେକୌଣସି ସ୍ଥାନରେ ଯେ କେହି ବି ପାଇପାରିବେ । ଆଗାମୀ ଦିନରେ ଆୟୋଗକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ଜଷ୍ଟିସ ଶ୍ରୀ ପୂଜାହାରୀ ଆଶାବ୍ୟକ୍ତ କରିଛନ୍ତି ।

## ଅବସର ପ୍ରାପ୍ତ କର୍ମଚାରୀମାନଙ୍କ ପେନସନ ବନ୍ଦ ବିଷୟରେ ଆଲୋଚନା କଲେ ବିଧାୟିକା

କଟକ, (ସବ୍ୟୁ): ବିଧାୟିକା ସୋଫିଆ ଫିରଦୋଷ ଯୋବ୍ରା ସ୍ଥିତ ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶିତ ନିର୍ଦ୍ଦେଶିକା ରଜନୀ ଯାନୀଙ୍କ ସହିତ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଉପରେ ହୋଇଥିବା ଅନ୍ୟାୟ ବିଷୟରେ ଆଲୋଚନା କରିଥିଲେ । ୩୨ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବନ୍ଦ କରିବା ସହ ଯେଉଁମାନଙ୍କୁ ନିଲମ୍ବନ କରାଯାଇଛି ସେମାନଙ୍କର ନିଲମ୍ବନ ଭତ୍ତା କାହିଁକି ଅଟକେଇ ରଖା ଯାଇଛି ବୋଲି ବିଧାୟିକା ନିର୍ଦ୍ଦେଶିକାଙ୍କୁ ପଚାରିଥିଲେ । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ସହ ବିଧାନସଭାରେ ବିଧାୟିକାଙ୍କ ପ୍ରଶ୍ନର ଉତ୍ତରରେ ମଧ୍ୟ ମନ୍ତ୍ରୀ ପେନସନ ବନ୍ଦ ନକରି ତୁରନ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଏହାକୁ ଅତିରିକ୍ତ ନିର୍ଦ୍ଦେଶିକା ନମାନି ନିଜର ମନମାନି ଚଲାଇବା ଦୁଃର୍ଭାଗ୍ୟଜନକ । କୌଣସି ପ୍ରକାର ବା କାହାର ନିର୍ଦ୍ଦେଶ ମୁଁ ପାଳନ କରିବି ନାହିଁ ବୋଲି ଏଭଳି ମନ୍ତବ୍ୟ ଅତିରିକ୍ତ ନିର୍ଦ୍ଦେଶିକା ଦେବା ଦୁଃର୍ଭାଗ୍ୟଜନକ ବୋଲି ବିଧାୟିକା ସୋଫିଆ କହିଛନ୍ତି । ତୁରନ୍ତ ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି କିପରି ଅବସର କର୍ମଚାରୀମାନେ ପେନସନ ପାଇବେ ସେ ଦିଗରେ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟିକା କହିଛନ୍ତି ।

### ବୃହତ୍ତର ଖଣ୍ଡପୀଠରେ ସାମିଲ୍ ବିଚାରପତିଙ୍କୁ ନେଇ ପ୍ରଶ୍ନ ପ୍ରସଙ୍ଗ

## ନିସର୍ତ୍ତ କ୍ଷମା ପ୍ରାର୍ଥନା କଲେ ପ୍ରତିପକ୍ଷ, ଶୁଣାଣୀ ୨୯ ରେ

କଟକ, (ସବ୍ୟୁ): ଏକ ମାମଲାରେ ଗଠିତ ବୃହତ୍ତ ବେଞ୍ଚ୍ ଗଠନକୁ ନେଇ ପ୍ରତିପକ୍ଷଙ୍କ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲାବେଳେ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ହାଇକୋର୍ଟ ।ଏହି ଘଟଣାରେ ହାଇକୋର୍ଟ ପ୍ରତିପକ୍ଷ ମନୋଜ କୁମାର ବଳ ଏବଂ ତାଙ୍କ ଆଇନଜୀବୀଙ୍କ ପ୍ରଦୀପ୍ତ କିଶୋର ଭୂୟାଁଙ୍କ ବିରୋଧରେ 'ଅଦାଲତ ଅବମାନନା' ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେବାସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ଏହି ନୋଟିସ୍‌ର ଜବାବ ଉଭୟ ଅଦାଲତରେ ଦାଖଲ କରି ନିସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି । ଉଭୟଙ୍କ ପକ୍ଷରୁ ଜବାବ ପରେ ହାଇକୋର୍ଟ ମାମଲାର ଶୁଣାଣି ଆସନ୍ତା ୨୯ତାରିଖକୁ ଧାର୍ଯ୍ୟ କରିଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ଜଷ୍ଟିସ୍ ସାବିତ୍ରୀ ରଥ ଏବଂ ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ବୃହତ୍ତର ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏକ ମାମଲା ଯେଉଁ ଖଣ୍ଡପୀଠରେ ଶୁଣାଣି ହୋଇଥିଲା ସେଥିରେ ଉଭୟ ବିଚାରପତି ସେମାନଙ୍କ ରାୟରେ ଭିନ୍ନମତ ପୋଷଣ କରିଥିଲେ । ଫଳରେ ଏହି ମାମଲା ବୃହତ୍ତର ବେଞ୍ଚକୁ ଆସିଥିଲା । ଏହି ମାମଲାରେ ପ୍ରତିପକ୍ଷ ବୃହତ୍ତର ବେଞ୍ଚରେ ଯେଉଁ ବିଚାରପତି ରହିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଯେହେତୁ ପୂର୍ବ ବେଞ୍ଚରେ ଉଭୟ ବିଚାରପତିଙ୍କ ମଧ୍ୟରେ ମତ ଭିନ୍ନ ଥିଲା ସେମାନଙ୍କୁ ପୁନର୍ବାର ଏହି ବେଞ୍ଚର ରଖାଯିବାର କୌଣସି ଆବଶ୍ୟକତା ନଥିବା ପ୍ରତିପକ୍ଷ କହିଥିଲେଛ ଦୁଇ ଭିନ୍ନମତ ବିଚାରପତିଙ୍କ ସହ ତୃତୀୟ ବିଚାରପତିଙ୍କ ରହିବାର କୌଣସି ମାନେ ରଖେନାହିଁ । ତେଣୁ ବୃହତ୍ତର ବେଞ୍ଚ ସାନି ଗଠନ କରାଯାଉ ଯେଉଁଥରେ ନୂତନ ବିଚାରପତି ରହିଥିବେ ବା ଏହି ମାମଲା ସଂକ୍ରାନ୍ତରେ କୌଣସି ଜ୍ଞାନ ନଥିବା । ପ୍ରତିପକ୍ଷଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଯେଉଁଭଳି ଢ଼ଙ୍ଗରେ ଯୁକ୍ତି ଲେଖାଯାଇଛି ତାହା 'ଅଦାଲତଙ୍କ ଆଦେଶର' ଉଲଂଘନ ହେଉଥିବା ଦର୍ଶାଉଛି ବୋଲି ହାଇକୋର୍ଟ ପୂର୍ବ ଶୁଣାଣିରେ ମତଦେବା ସହ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ନୋଟିସ୍ ଜାରି କରାଯାଇଥିଲା । ଏହା ଉପରେ ଉଭୟ ସତ୍ୟପାଠ ଜରିଆରେ ପକ୍ଷ ରଖିଛନ୍ତି ।

## ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ରାଫିକ୍ କଟକଣା

ଭୁବନେଶ୍ୱର, (ସବ୍ୟୁ) : ସିଙ୍ଗାପୁର ରାଷ୍ଟ୍ରପତି ଶୁକ୍ରବାର ଓ ଶନିବାର ଓଡ଼ିଶା ଗସ୍ତରେ ଆସୁଥିବାରୁ ଭୁବନେଶ୍ୱରରେ ଦୁଇଦିନ ପାଇଁ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି । ୧୭ ତାରିଖ ଦିନ ସକାଳ ୧୦ଟା ୫୦ରୁ ୧୧ଟା ୪୦ ମିନିଟ୍ ମଧ୍ୟରେ ଏୟାରପୋର୍ଟ, ହସ୍ପିଟାଲ, ଏଜି ଛକ, ରାଜଭବନ, ଗୋପବନ୍ଧୁ ଛକ, ଓୟୁଏଟି ଛକ, ସିଟି ୱିମେନ୍ସ କଲେଜ ଛକ, ଡେଲ୍‌ଟା ଛକ, ଫାୟାର ଷ୍ଟେସନ ଛକ ପ୍ରଭୃତି ସ୍ଥାନରେ ବାମମୋଡ ଥିବାବେଳେ ବରମୁଣ୍ଡା ଫ୍ଲାଏ ଓଭରବ୍ରିଜ୍, ଖଣ୍ଡଗିରି ଛକ, କସ୍ତୁପଲ୍ଲୀ, ଢୁମୁଢୁମା ଅଣ୍ଡର ପାସ୍, ଗେଲ୍ ଷ୍ଟେସନ ଅଣ୍ଡର ପାସ୍ । ସେହିପରି ସେହିଦିନ ୨ଟା ୪୦ରୁ ୩ଟା ୨୦ ମଧ୍ୟରେ ଗେଲ୍ ଷ୍ଟେସନ ଅଣ୍ଡର ପାସ୍‌ରେ ଡାହାଣ ମୋଡ ଥିବାବେଳେ ଖଣ୍ଡଗିରି ଫ୍ଲାଏଓଭର, ବରମୁଣ୍ଡା ଫ୍ଲାଏଓଭର, ଜୟଦେବବିହାର ଫ୍ଲାଏଓଭର, ଆଚାର୍ଯ୍ୟବିହାର ଫ୍ଲାଏଓଭର, ବାଣୀବିହାର ଫ୍ଲାଏଓଭର, ଭିଏସ୍‌ଏସ୍‌ନଗର ବାମମୋଡ ଥିବାବେଳେ ଭିଏସ୍‌ଏସ୍‌ନଗର ଫ୍ଲାଏଓଭର, କ୍ୟାପିଟାଲ ଟୋଏଟା ବାମମୋଡ ଦେଇ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ନିକଟରେ ବାହାରିବ । ସେହିପରି ୫ଟା ୨୦ରୁ ସନ୍ଧ୍ୟା ୬ଟା ମଧ୍ୟରେ ୱାର୍ଲ୍ଡସ୍କିଲ୍ ସେଣ୍ଟର, କ୍ୟାପିଟାଏ ଟୋଏଟା, ଭିଏସ୍‌ଏସ୍‌ନଗର ଫ୍ଲାଏଓଭର, ରସୁଲଗଡ ଛକ, ବାଣୀବିହାର ଫ୍ଲାଏଓଭର, ଜୟଦେବବିହାର ଫ୍ଲାଏଓଭର, ସିଆର୍‌ପି ଫ୍ଲାଏଓଭର, ଫାୟାରଷ୍ଟେସନ ଫ୍ଲାଏଓଭର, ବରମୁଣ୍ଡା–ଖଣ୍ଡଗିରି ଫ୍ଲାଏଓଭର, କସ୍ତୁପଲ୍ଲୀ–ଢୁମୁଢୁମା ଅଣ୍ଡରପାସ୍, ଗେଲ୍ ଷ୍ଟେସନ ଅଣ୍ଡରପାସ୍ ପ୍ରଭୃତି କଟକଣା ରହିଛି ।

ସେହିପରି ଶନିବାର ଦିନ ମଧ୍ୟ ସକାଳ ୭ଟା ୫୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ସିଆର୍‌ପି, ଉତ୍ତରା, ଧଉଳି, ଲିଙ୍ଗିପୁର, ସାଇମନ୍ଦିର, କେସୁରା, ପାଣ୍ଡରା, ସପ୍ତସପ୍ତୀ ଛକ, ପଳାଶୁଣୀ, ଆଚାର୍ଯ୍ୟବିହାର, ଜୟଦେବବିହାର, ସିଆର୍‌ପି ଫ୍ଲାଏଓଭର, କସ୍ତୁପଲ୍ଲୀ ଛକ ପ୍ରଭୃତିରେ କଟକଣା ରହିବ । ଆଦର୍ଶ ଗ୍ରାମ ଓଡିଶା ଆଦର୍ଶ ବିଦ୍ୟାୟ, କଳିଙ୍ଗ ଷ୍ଟୁଡିଓ, ରେଣ୍ଟାଲ ଛକ, ଫାୟାର ଷ୍ଟେସନ ଛକ, ଢୁମୁଢୁମା ପ୍ରଭୃତି ସ୍ଥାନରେ ମଧ୍ୟ ୩ଟା ୫୦ରୁ ୪ଟା ୨୦ ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା ରହିବ ।

### ଚିଟ୍‌ଫଣ୍ଡ କେଲେଙ୍କାରୀ

## ରୋଜଭ୍ୟାଲିର ୩୩୨କୋଟିର ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର, (ସବ୍ୟୁ) : ଚିଟ୍‌ଫଣ୍ଡ କେଲେଙ୍କାରୀର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ରୋଜଭ୍ୟାଲି ଚିଟ୍‌ଫଣ୍ଡ କମ୍ପାନୀର ମୁଖ୍ୟ ଗୌତମ କୁଣ୍ଡୁ ଓ ଶିବମୟ ଦତ୍ତଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଚାର୍ଜଫ୍ରେମ୍ କରିଛି ।

ରୋଜଭ୍ୟାଲିର ୩୩୨ କୋଟି ଟଙ୍କାର ସମ୍ପତ୍ତି ଇଡି ଜବତ କରିଥିଲା । ସେହି ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଛି । ଏଥିସହ ଆଜି ନିର୍ଦ୍ଧାରିତ କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯିବା ସହ ବାଜ୍ୟାପ୍ତ କଥା ମଧ୍ୟ ସେଥିରେ ଦର୍ଶାଯାଇଛି । ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ କୋଟି କୋଟି ଟଙ୍କା ଠକି ନେଇଥିବା ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ବିରୋଧରେ ପୋଲିସ ପରେ ଇଡି ତଦନ୍ତ କରିଥିଲା । ସେଥିମଧ୍ୟରୁ ରୋଜଭ୍ୟାଲି କମ୍ପାନୀ ଅନ୍ୟତମ । ସେହି କମ୍ପାନୀ

### ଚାର୍ଜଫ୍ରେମ୍ କଲା ଇଡି

ବିରୋଧରେ ଇଡି ତଦନ୍ତ କରି ଠକେଇର ପର୍ଦ୍ଦାଫାସ କରିଥିଲା । ଜବତ ସମ୍ପତ୍ତି ବାଜ୍ୟାପ୍ତ ହେଲେ କ୍ଷତିଗସ୍ତ ଜମାକାରୀଙ୍କୁ ଫେରସ୍ତ ଦିଆଯିବ ।

ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ ସର୍ବନିମ୍ନ ଜମାକାରୀଙ୍କୁ ପୂର୍ବ ସରକାର ଟଙ୍କା ଫେରାଇ ଥିଲେ । ବର୍ତ୍ତମାନର ସରକାର ଚିଟ୍‌ଫଣ୍ଡ ଜମାକାରୀଙ୍କୁ ନିର୍ବାଚନ ସମୟରେ ଟଙ୍କା ଫେରସ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ । କ୍ଷତିଗ୍ରସ୍ତ ଜମାକାରୀଙ୍କୁ ନେଇ ମହାସଂଘ ଗଠନ କରାଯାଇଛି । ବିଭିନ୍ନ ସମୟରେ ଟଙ୍କା ଫେରିପାଇବା ପାଇଁ ଜମାକାରୀ ମହାସଂଘ ରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଛି ।

### ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ ରଖିଲା ବିଜେଡି

## ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ଅନ ୱେଲ୍‌ଫେୟା ଅଫ ଓବିସିର ଅଧକ୍ଷଙ୍କୁ ଭେଟିଲା ଟିମ

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଠାରେ ଉପସ୍ଥିତ ଥିବା ପାର୍ଲିଆମୋରୀ କମିଟି ଅନ୍ ୱେଲ୍‌ଫେୟାର ଅଫ ଓବିସିର ଅଧ୍ୟକ୍ଷ ଗଣେଶ ସିଂଙ୍କୁ ଭେଟି ଜାତିଭିନ୍ନିକ ଜନଗଣନା ଓ ଓଡ଼ିଶାର ଏସ୍‌ଇବିସିଙ୍କୁ ଜାତୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବୀ ଜଣାଇଛନ୍ତି। ବିଜେଡିର ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ଯଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ଼ଃ ଅରୁଣ କୁମାର ସାହୁ, ରାଜ୍ୟସଭା ସଂସଦ ସୁବାଶିଷ ଖୁଣ୍ଟିଆ, ବିଧାୟକ ପ୍ରଶାନ୍ତ ବେହେରା, ସୁଶାନ୍ତ ରାଉତ, ସୌଭିକ ବିଶ୍ୱାଳ, ଧ୍ରୁବ ସାହୁ, ଅନନ୍ତ ନାରାୟଣ ଜେନା, ସାରଦା ପ୍ରସାଦ ଜେନା, ପ୍ରଦୀପ ସାହୁ, ଡ଼ଃ ପ୍ରିୟବ୍ରତ ମାଝୀ ଇତ୍ୟାଦି ଶ୍ରୀ ସିଂ ଙ୍କୁ ଭେଟି ଏହି ସନ୍ଦର୍ଭରେ ଏକ ସ୍ମାରକ ପତ୍ର ଦେଇଥିଲେ । କମିଟିର ଅଧ୍ୟକ୍ଷଙ୍କୁ ବିଜୁ ଜନତା ଦଳ ତରଫରୁ ପ୍ରଦାନ କରାଯାଇଥିବା ଏକ ସ୍ମାରକ ପତ୍ରରେ ଜାତିଭିନ୍ନିକ ଜନଗଣନାର ଆବଶ୍ୟକତା ଉପରେ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଛି । ସ୍ମାରକପତ୍ରରେ କୁହାଯାଇଛି, ଏସଇସିସି (ସୋସିଓ ଇକୋନୋମିକ କାଷ୍ଟ ସେନସସ) ୨୦୧୧ରେ ଜାତି ସମ୍ବନ୍ଧରେ ଆବଶକୀୟ ତଥ୍ୟ ସଂଗ୍ରହ ହୋଇ ପାରି ନଥିଲା । ଜାତି ସମ୍ବନ୍ଧରେ ସବିଶେଷ ତଥ୍ୟର ଉପଲବ୍ଧ ନଥିବା ଯୋଗୁଁ, ଅବହେଳିତ ବର୍ଗର ଉତ୍‌ଥାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ଭବ ହୋଇ ପାରୁ ନାହିଁ। ଜାତିଭିନ୍ନିକ ଜନଗଣନା ମାଧ୍ୟମରେ ପଛୁଆ ବର୍ଗର ଲୋକ ମାନଙ୍କ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ଯଥା ସେମାନଙ୍କ ସାମାଜିକ ସ୍ଥିତି, ରୋଜଗାରର ମାଧ୍ୟମ, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ଉପଲବ୍ଧ ହୋଇ ପାରିବ । ଏହି ତଥ୍ୟ ଗୁଡିକ ଉପଲବ୍ଧ ହେଲେ, ଅବହେଳିତ ବର୍ଗର ଉତ୍‌ଥାନ ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସହାୟକ ହେବ । ଜାତି ଭିନ୍ନିକ ସରଂକ୍ଷଣ ବ୍ୟବସ୍ଥା, ସେମାନଙ୍କ ଉନ୍ନତି ପାଇଁ ଆବଶ୍ୟକୀୟ ଅର୍ଥର



ବ୍ୟବସ୍ଥା, ସେମାନଙ୍କ ବିକାଶ ପାଇଁ ନୂତନ ନୀତି ନିର୍ଦ୍ଧାରଣ ଇତ୍ୟାଦି କରାଯାଇପାରିବ ବୋଲି ବିଜୁ ଜନତା ଦଳ ତରଫରୁ ସ୍ମାରକପତ୍ରରେ କୁହାଯାଇଛି। ଏହା ଛଡା ଓଡ଼ିଶାର ଏସ୍‌ଇବିସି ତାଲିକାକୁ ଦେଶର ଓବିସି ତାଲିକାରେ ସାମିଲ କରିବାକୁ ସ୍ମାରକ ପତ୍ରରେ ଦାବୀ କରାଯାଇଛି ।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମସ୍ଥାନ ବଡନଗରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦଘାଟିତ

## ଶ୍ରୀ ମୋଦି ପାଠ ପଢ଼ିଥିବା 'ପ୍ରେରଣା ସ୍କୁଲ' ଶିକ୍ଷା ଓ ମୂଲ୍ୟବୋଧର ଅନନ୍ୟ କେନ୍ଦ୍ର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଗୁଜୁରାଟର ବଡନଗରରେ ଜନ୍ମ ଗ୍ରହଣ କରିଥିବା ଜଣେ ସାଧାରଣ ପିଲାରୁ ବିଶ୍ୱ ନେତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ଯାତ୍ରା ଆଗାମୀ ଦିନରେ ଦେଶ ଦୁନିଆର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଧ୍ୟୟନର ବିଷୟ ହେବ । ଗୁରୁବାର ଗୁଜରାଟର ବଡନଗର ଠାରେ ଏକ ଅତ୍ୟାଧୁନିକ ପ୍ରତ୍ନତାତ୍ତ୍ୱିକ ଅନୁଭୂତି ସଂଗ୍ରହାଳୟ, ପ୍ରେରଣା କମ୍ପ୍ଲେକ୍ସ ଏବଂ ୱାଡନଗର କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା । କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ଆଜି ସମଗ୍ର ବିଶ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦାନୁସରଣ କରୁଛି । ଆଜିର କାର୍ଯ୍ୟକ୍ରମ ମୋଦୀଙ୍କ ଜନ୍ମସ୍ଥାନରେ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ବଡନଗରକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଶ ଓ ବିଶ୍ୱର ମାନଚିତ୍ରରେ ସ୍ଥାନିତ କରିବାକୁ ଯାଉଛି । ବଡନଗର ହେଉଛି ବିଶ୍ୱର ଅନ୍ୟତମ ପୁରାତନ





ସହର । ଏହା ପ୍ରତ୍ୟେକ ଯୁଗର ସଂସ୍କୃତି ଏବଂ ମୂଲ୍ୟବୋଧକୁ ପ୍ରଭାବିତ କରିଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାର କେନ୍ଦ୍ରସ୍ଥଳ ବଡନଗରର ତପୋଭୂମି ଆଜି ନୂଆ ରୂପ ନେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ସହିତ ଗ୍ଲୋବାଲ ସାଉଥର ସ୍ୱର ହୋଇଛନ୍ତି । ଏହା ହେଉଛି ବଡନଗରର ସଂସ୍କାର । ଯେଉଁ ସ୍କୁଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ, ସେହି ଠାରେ ଲୋକାର୍ପିତ 'ପ୍ରେରଣା କମ୍ପଲେକ୍ସ' ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପାଠ୍ୟକ୍ରମ ମାଧ୍ୟମରେ ଆମ ପିଲାମାନଙ୍କ ମଧ୍ୟରେ ନେତୃତ୍ୱର ଗୁଣାତ୍ମକ ଏବଂ ମୂଲ୍ୟବୋଧ ବିକାଶ କରିବାର ଏକ ଜରିଆ ହେବ । ଏହି ଆଧୁନିକ ସଂଗ୍ରହାଳୟରେ ବଡନଗର ପ୍ରାଚୀନ ସଂସ୍କୃତି ଏବଂ ଇତିହାସର ଛାପ ରହିଛି । ଏହା ବିଶ୍ୱର ଏକମାତ୍ର ଅତ୍ୟାଧୁନିକ ସଂଗ୍ରହାଳୟ । ବଡନଗର ଆମର ସମୃଦ୍ଧ ଐତିହ୍ୟ । ଆଗାମୀ ଦିନରେ ଏହି ଭୂମି ଆମର ଯୁବପିଢ଼ିଙ୍କୁ ଗର୍ବିତ କରିବା ସହିତ ଏକ ବିକଶିତ ଭାରତ ନିର୍ମାଣ ପାଇଁ ପ୍ରେରଣା ଯୋଗାଇବ ।

ଆଜି ପ୍ରେରଣା ବିଦ୍ୟାଳୟର ୪୨ତମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଆଲୋଚନା କରିଥିଲେ । ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ଏହି ଆଲୋଚନା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନଦାୟକ ନଥିଲା, ବରଂ ତାଙ୍କ ଭିତରେ ନୂତନ ଶକ୍ତି ଏବଂ ଚିନ୍ତାଧାରା ମଧ୍ୟ ସୃଷ୍ଟି କରିଥିଲା । ଏହି ପ୍ରେରଣାଦାୟୀ ଆଲୋଚନା ସେମାନଙ୍କ ବ୍ୟକ୍ତିତ୍ୱ ଏବଂ ଦୃଷ୍ଟିକୋଣକୁ ବ୍ୟାପକ କରିବାରେ ସାହାଯ୍ୟ କରିବ । ଗୃହମନ୍ତ୍ରୀଙ୍କ ସହ ଏହି ବାର୍ତ୍ତାଳାପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦେଶପ୍ରେମ ଏବଂ ସମାଜ ପ୍ରତି ଦାୟିତ୍ୱବୋଧକୁ ସୁଦୃଢ଼ କରି 'ବିକଶିତ ଭାରତ' ଗଠନ ପାଇଁ ପ୍ରେରଣା ଯୋଗାଇବ । ଏହି ସମାରୋହରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଉପସ୍ଥିତ ଥିଲେ ।

## ଆସିକାରେ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

# ସୁରକ୍ଷା ଓ ଭରସାଯୋଗ୍ୟ ବିଜୁଳି ସେବା ଉପରେ ପ୍ରାଥମିକତା



ବ୍ରହ୍ମପୁର, (ସବ୍ୟୁ): ଆସିକା ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ନିକଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଆସିକାରେ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏସ୍‌ଓଡିଏଲ୍ ଆସିକା ଅଞ୍ଚଳର ଉପଭୋକ୍ତାଙ୍କ ପାଇଁ ଏକ ସ୍ଥିର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ସହ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିଛି । କମ୍ପାନୀ ପକ୍ଷରୁ ଆସିକାର ବଡ଼ନଦୀଠାରେ ଏକ ନୂତନ ୟୁଆର୬ ଟାୱାର ସ୍ଥାପନ କରାଯାଇଛି । ବନ୍ୟା ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଏବଂ ବନ୍ୟା ସମୟରେ ସମ୍ଭାବ୍ୟ ବିଦ୍ୟୁତଜନିତ ଦୁର୍ଘଟଣାରୁ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଭିତ୍ତିଭୂମି ସ୍ଥାପନ କରାଯାଇଛି । ପୂର୍ବରୁ ବଡ଼ନଦୀ ଉପରେ ପରିବାହୀର ଗ୍ରାଉଣ୍ଡ କ୍ଲିୟରାନ୍ସ କମ୍ ଥିଲା ଏବଂ ବନ୍ୟା ସମୟରେ ୩୩ କେଭି ବିଦ୍ୟୁତ ଲାଇନ୍ ଜଳସ୍ତର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା ।

ମତ୍ସ୍ୟଜୀବୀ ଏବଂ ଜନସାଧାରଣଙ୍କ ପ୍ରତିଥିବା ବିପଦକୁ ଏଡ଼ାଇବା ପାଇଁ ବିଦ୍ୟୁତ୍ କାଟ ହିଁ ଏକମାତ୍ର ସମାଧାନ ଥିଲା। କିନ୍ତୁ ବର୍ତ୍ତମାନ ବଡ଼ ନଦୀଠାରେ ନୂତନ ୟୁଆର୬ ଟାୱାର ସ୍ଥାପନ ହେବା ପରେ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୪ ମିଟରକୁ ବୃଦ୍ଧି ପାଇଛି, ଯାହା ଦ୍ୱାରା ୩୩ କେଭି ଲାଇନ କଣ୍ଡକ୍ଟର ଜଳସ୍ତର ଛୁଇଁବା ଆଶଙ୍କା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ଏବଂ ଆଖପାଖ ବାସିନ୍ଦାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି । ଏହାବ୍ୟତୀତ ୟୁଆର ୬ ଟାୱାରର ଦୃଢ଼ତା ଯୋଗୁଁ ଯେକୌଣସି ଘୂର୍ଣ୍ଣିବଳୟ କିମ୍ବା ଝଡ଼ବର୍ଷା ସମୟରେ ବିଜୁଳି ଯୋଗାଣ ହୋଇପାରିବ। ଏହାଦ୍ୱାରା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୭ଟି ପଞ୍ଚାୟତର ପ୍ରାୟ ୧୩ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେବେ ଏବଂ ବିଜୁଳି ସେବାର ଗୁଣବତ୍ତା ଓ ବିଶ୍ୱସନୀୟତାରେ ଯଥେଷ୍ଟ ଉନ୍ନତି ଘଟିବ। ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଦିଗରେ ଦୃଢ଼ ପ୍ରତିବଦ୍ଧତାର ସହ ଟିପିଏସ୍‌ଓଡିଏଲ୍ ଆସିକା ଉପଖଣ୍ଡ ଡାକ୍ତରଖାନା(ଏସଡିଏଚ୍)ରେ ୧୧ କେଭି ରିଙ୍ଗ ମେନ୍ ୟୁନିଟ୍ (ଆରଏମୟୁ) ସ୍ଥାପନ କରିଛି। ଏହି ୟୁନିଟ୍ ଦୁଇଟି ଫିଡର- ବସ୍ ଷ୍ଟାଣ୍ଡ ଫିଡର ଏବଂ ମେଡିକାଲ ଫିଡରରୁ ବିଜୁଳି ଗ୍ରହଣ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୨୪ ଘଣ୍ଟିଆ ବିଜୁଳି ଉପଲବ୍ଧ କରାଇଥାଏ । ଆରଏମୟୁ ସ୍ଥାପନ କରିବାର ମୁଖ୍ୟ ଫାଇଦା ହେଉଛି ଯଦି କୌଣସି ଗୋଟିଏ ଫିଡରରେ କିଛି ବିଭ୍ରାଟ ହୁଏ, ତଥାପି ଅନ୍ୟ ଫିଡର ସାହାଯ୍ୟରେ ବିଜୁଳି ଯୋଗାଣ କରାଯାଇପାରିବ, ଯାହା ଫଳରେ ଆସିକା ମେଡିକାଲକୁ ୨୪ସ୍ତ୍ରେ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବ। ଏହି ପଦକ୍ଷେପ ଡାକ୍ତରଖାନାରେ ଉତ୍ତମ ସ୍ୱାସ୍ଥ୍ୟ ସେବ ପ୍ରଦାନରେ ସହାୟକ ହେବା ସହ ଯେକୌଣସି ବିପର୍ଯ୍ୟୟ ସମୟରେ ମଧ୍ୟ ଚିକିତ୍ସାଳୟ ଭଳି ଜରୁରୀ ସେବାକୁ ବିଜୁଳି ଯୋଗାଣ ସୁନିଶ୍ଚିତ କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରିବା ଦିଗରେ ପ୍ରତିବଦ୍ଧ ରହିଆସିଛି। ଆସିକାଠାରେ ନୂତନ ଭାବେ ସ୍ଥାପିତ ହୋଇଥିବା ୟୁଆର୬ ଟାୱାର ସ୍ଥାନୀୟ ଅଞ୍ଚଳରେ ବିଶ୍ୱସନୀୟ ବିଜୁଳି ସେବା ସୁନିଶ୍ଚିତ କରିବା ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ। ପ୍ରାଥମିକତା ଭିତ୍ତିରେ ଡାକ୍ତରଖାନା ଭଳି ଗୁରୁତ୍ୱପୂର୍ଣ୍ଣ ସେବା କେନ୍ଦ୍ରକୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଆରଏମୟୁ ଭଳି ଅଭିନବ ଉପାୟ ମାଧ୍ୟମରେ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଆମ ଟିମ୍ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ।

# ଭଉଣୀକୁ ହତ୍ୟା କଲା ଭାଇ

ଆସିକା, (ସବ୍ୟୁ): ସ୍ଥାନୀୟ ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ଗୁରୁବାର ସକାଳୁ ସକାଳୁ ଏକ ଅଭାବନୀୟ ଘଟଣାରେ ଭାଇ-ଭଉଣୀକୁ ଅତି ନୃଶଂସ ଭାବେ ହତ୍ୟା କରିଛି। ଗ୍ରାମର ଶତ୍ରୁଘ୍ନ ପାତ୍ରଙ୍କ ୪୫ ବର୍ଷୀୟ ପୁଅ ବାବାଜୀ ପାତ୍ର ନିଜ ବିବାହିତ ଭଉଣୀ ଲକ୍ଷ୍ମୀ ମହାନ୍ତିକୁ ଆଜି ସକାଳ ପ୍ରାୟ ୫ଟା ସମୟରେ ଲୁକାୟତ ଭାବେ ଘରକୁ ପଶି ନିର୍ମମ ଭାବେ ହତ୍ୟା କରିଛି । ଘରେ କେହି ନଥିବା ବେଳେ ଅଭିଯୁକ୍ତ ନିଜ ଭଉଣୀକୁ ଶିଲୁପୁଆ ରେ ଛେଚିବା ସହ ଛୁରୀରେ ଭୂଷିବା ଫଳରେ ରକ୍ତ ଜୁଡୁବୁଡୁ ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ।

ହତ୍ୟା ପରେ ଘଟଣା ସ୍ଥଳରୁ ବାବାଜୀ ଫେରାର ହୋଇଯାଇଛି। ଘର ଭିତରେ ଲକ୍ଷ୍ମୀର ରକ୍ତ ଜୁଡୁବୁଡୁ ଶରୀର ପଡିଥିବା ବେଳେ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ଆସିକା ପୋଲିସ ପହଁଚିଥିଲା। ଘରକୁ ବନ୍ଦ କରି ସାଇଣ୍ଟିଫିକ ଟିମ ପଂହଁଚିବା ପରେ ପୋଲିସ ମୃତ ଦେହକୁ ଜବତ କରି ବ୍ରହ୍ମପୁର ମେଡିକାଲକୁ ପଠାଇଥିବା ଜଣା ପଡିଛି । ଉପଖଣ୍ଡ ପୋଲିସ ଅଧିକାରୀ ଗିରିଜା ନନ୍ଦ ପଟ୍ଟନାୟକ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ଅନ୍ୟାନ୍ୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ମୃତ ଲକ୍ଷ୍ମୀ ମହାନ୍ତି ଙ୍କ ବାପା ଶତ୍ରୁଘନ ପାତ୍ରଙ୍କ ଅଭିଯୋଗକୁ ନେଇ ଥାନା କେଶ ନଂ - ୪୨ରେ ମାମଲା ରୁଜୁ କରିଛି । ଶିଳ ପୁଆ, ଛୁରୀ ଜବତ କରିଥିବା ଜଣା ପଡିଛି । ହତ୍ୟାର କାରଣ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ପାରିବାରିକ କଳହକୁ ନେଇ ହତ୍ୟା କାଣ୍ଡ ସଙ୍ଗଠିତ ହୋଇଥିବା ପୋଲିସ ସୂତ୍ରରୁ ଜଣା ପଡ଼ିଛି ।

## ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜର ନୂତନ କର୍ମକର୍ତ୍ତା ଚୟନ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲନ୍ଥରା ସ୍ଥିତ ଈସାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୋଲନ୍ଥରା ଗ୍ରାମ୍ୟ କମିଟିର ନୂତନ କର୍ମକର୍ତା ଚୟନ ହୋଇ ଯାଇଛି । ଆଜିର ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ଅଞ୍ଚଳ ସଭାପତି ଗୁରୁନାଥ ବିଷୋୟୀ, ଦକ୍ଷିଣ ମଣ୍ଡଳ ସଭାପତି ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଦକ୍ଷିଣ ମଣ୍ଡଳ ଉପସଭାପତି ପ୍ରକାଶ ଚନ୍ଦ୍ରବିଷୋୟୀ ଯୋଗ ଦେଇଥିଲେ । ପ୍ରଥମେ ସମସ୍ତ ନିମନ୍ତ୍ରିତ ଅତିଥି ଏବଂ ଗ୍ରାମ୍ୟ କମିଟିର ସଦସ୍ୟ ମାନେ ପ୍ରଭୁ ଈସାନେଶ୍ୱରଙ୍କ ନିକଟରେ ଦୀପଦାନ କରି ଓଡ୍ର କାଳିଞ୍ଜି ସମାଜର ଉନ୍ନତି କାମନା କରି ସଭା ଆରମ୍ଭ କରିଥିଲେ ।

ପ୍ରଥମେ ସଭାରେ କାଳିଞ୍ଜି ସମାଜର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଏହାର ସଠିକ ସମାଧାନ କିପରି ହେବ ସେ ଉପରେ ଜୋର ଦିଆ ଯାଇଥିଲା । ଏହା ପରେ ଗୋଲନ୍ଥରା ଗ୍ରାମ୍ୟ କମିଟିର ନୂତନ କର୍ମକର୍ତା ଚୟନ କରାଯାଇଥିଲା । ସର୍ବ ସମ୍ମତି କ୍ରମେ ଗୋଲନ୍ଥରା ଗ୍ରାମ୍ୟ କମିଟିର ସଭାପତି ଭାବେ ଯୁବ ସମାଜସେବୀ ଉମାକାନ୍ତ ଜେନାଙ୍କୁ ସଭାପତି ରୂପେ ଚୟନ କରାଗଲା । ସମ୍ପାଦକ ଭାବେ ରାଜେନ୍ଦ୍ର ଜେନା, ମନୋନୀତ ସଭ୍ୟ ରୂପେ ପ୍ରକାଶ ଚନ୍ଦ୍ର ଜେନାଙ୍କ ସହ ସନ୍ତୋଷ ଜେନା, ଗୌରହରି ଜେନା, ସୁରେନ୍ଦ୍ର ଜେନା ଏବଂ ପ୍ରତାପ ଜେନା ମନୋନୀତ ହୋଇଥିଲେ । ଏହା ପରେ ଗୋଲନ୍ଥରା ଗ୍ରାମ୍ୟ କମିଟିର ନୂତନ ସଭାପତି ଉମାକାନ୍ତ ଜେନାଙ୍କୁ ଗ୍ରାମ୍ୟ କମିଟିର ସଦସ୍ୟ ମାନେ ପୁଷ୍ପଗୁଚ୍ଛ ଦେଇ ଅଭିବାଦନ ଜଣାଇଥିଲେ ।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅଧୀନରେ ଚକ୍ଷୁ ଚିକିତ୍ସା ଶିବିର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୁଲ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅଧୀନରେ ଛତ୍ରପୁର ସ୍ଥିତ ରିକାପଲ୍ଲୀ କସ୍ତୁରବା ଆବାସିକ ବିଦ୍ୟାଳୟ ପରିସରରେ ଚତୁର୍ଥ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ରିତା ରଥ ଙ୍କ ପୌରହିତ୍ୟରେ ୧୫୦ ଜଣ ବିଦ୍ୟାର୍ଥୀ ଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେଇଥିଲେ । ଏହି ଅବସରରେ ଛତ୍ରପୁର ଏନଏସିର ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ଏବଂ ଏବିଇଓ ସଂଯୁକ୍ତା ରଥ ଅତିଥିଭାବେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଶ୍ୱିନୀ ପାଇକରାୟ ଓ ଦୀପାଞ୍ଜଳୀ ମହାନ୍ତି ସହଯୋଗ କରିଥିଲେ ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଛତ୍ରପୁର ଶାଖା ସମ୍ମିଳନୀ

ଛତ୍ରପୁର, (ସବ୍ୟୁ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଛତ୍ରପୁର ଶାଖା ସମ୍ମିଳନୀ ସଭାପତି ଭଜରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ଛତ୍ରପୁର ଜୋନାଲ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀ ଉଦଘାଟନ କରିଥିଲେ । ପରେ ଆଇନଜୀବୀ ଆଦିତ୍ୟ ମିଶ୍ର ସଂଗଠନ ଓ ରାଜନୈତିକ ରିପୋର୍ଟ ପଠନ କରିଥିଲେ । ଏହି ସମ୍ମିଳନୀରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଏସ.କ୍ରିଷ୍ଣା ରେଡ୍ଡୀ, ନାରୀନେତ୍ରୀ ଏନ.ଭାନୁମତି ରେଡ୍ଡୀ, ଶ୍ରମିକ ନେତା ଅଜୟ ମହାପାତ୍ର, ନବୀନ ମହାନ୍ତି ଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ମାନେ ଯୋଗଦେଇ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ ଭାଗଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଦାବୀ କରିଥିଲେ। ଏହା ସହିତ ପାର୍ଟିର ଶତବାର୍ଷିକ ଇତିହାସ ଉପରେ ଆଲୋଚନା କରାଯିବା ସହିତ ଅଗାମୀ ଦିନରରେ ଛତ୍ରପୁର ସହରର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଦୁଇଜଣ ଛାତ୍ର ନୂତନ ଭାବେ ସଭ୍ୟ ପଦ ଗ୍ରହଣ କରିଥିଲେ । ଶେଷରେ ସର୍ବସମ୍ମତିକ୍ରମେ ଛତ୍ରପୁର ଶାଖାର ନୂତନ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ସହ-ସମ୍ପାଦକ ଭାବେ ଏସ.ତ୍ରିନାଥ ରେଡ୍ଡୀଙ୍କୁ ଚୟନ କରାଯାଇଥିଲା।

## ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫ରେ ସମ୍ମାନିତ ହେଲେ ଡଃ ନିରୋଜ ପୋଥାଳ



ବାରିପଦା, (ସବ୍ୟୁ) : ବିହାର ରାଜ୍ୟର ମିଥିଳା ଠାରେ ସମର୍ପଣ ମିଥିଳା ତରଫରୁ ଦଲାନ ରିଶୋର୍ଟ ରେ ଏକ ଦ୍ୱିଦିବସୀୟ ରକ୍ତଦାନ ଶିବିର ସହିତ ରାଷ୍ଟ୍ରୀୟ ରକ୍ତଦାତା ପ୍ରତିନିଧି ସମ୍ମିଳନୀ ଆୟୋଜନ ହୋଇଥିଲା । ଏହି ରକ୍ତଦାତା ପ୍ରତିନିଧି ସମ୍ମିଳନୀରେ ଦେଶର ସମସ୍ତ ରାଜ୍ୟରୁ ନିୟମିତ ରକ୍ତଦାତା ଓ ରକ୍ତଦାନ ଶିବିରର ଆୟଜୋକ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଓଡ଼ିଶାର ନିୟମିତ ରକ୍ତ ଓ ପ୍ଲେଟ୍‌ଲେଟ୍ ଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ ଚୟନ ପୂର୍ବକ ନିମନ୍ତ୍ରଣ କରାଯାଇଥିଲା ଡଃ ନିରୋଜ ଏହି ରାଷ୍ଟ୍ରୀୟ ରକ୍ତଦାତା ସମ୍ମିଳନୀରେ ଉପସ୍ଥିତ ରହି ନିଜର ଉଦ୍‌ବୋଧନରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ ।

ଡଃ ନିରୋଜ କୁମାର ପୋଥାଳ ଆଜିକୁ ୧୨୨ଥର ନିଜର ରକ୍ତଦାନ କରି ସାରିଛନ୍ତି ଓ ବିଭିନ୍ନ ରକ୍ତଦାନ ଶିବିରରେ ରକ୍ତଦାତାମାନଙ୍କୁ ନିଜର ଜନ୍ମଦିନ, ବିବାହ ବାର୍ଷିକୀ ଓ ଯେକୌଣସି ଶୁଭ କର୍ମରେ ନିଜର ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଜଣକ ଅମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ରକ୍ତଦାନ ବିଶ୍ୱର ସର୍ବଶ୍ରେଷ୍ଠ ସେବା କାର୍ଯ୍ୟ ଅଟେ ବୋଲି ସେ ନିଜର ମତପ୍ରକାଶ କରିଥିଲେ । ଏହି ରାଷ୍ଟ୍ରୀୟ ରକ୍ତଦାତା ପ୍ରତିନିଧି ସମ୍ମିଳନୀରେ ଓଡ଼ିଶାରୁ ଉତ୍କୃଷ୍ଟ ସେବା ଓ ନିୟମିତ ରକ୍ତଦାନ ପାଇଁ ଡଃ ନିରୋଜ କୁମାର ପୋଥାଳଙ୍କୁ 'ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ଉତ୍ସବରେ ସମର୍ପଣ ମିଥିଳାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ ମୃଦୁଲ କୁମାର ଶୁକ୍ଳା, ରାଷ୍ଟ୍ରୀୟ ସଚିବ ଦୀପକ କୁମାର ମୋହଥା, ପାଟନା ନିରାମୟା ବ୍ଲଡ଼ ବ୍ୟାଙ୍କର ପ୍ରତିଷ୍ଠାତା ଓ ପରିଚାଳକ ଡଃ ରାକେଶ ରଞ୍ଜନ ଓ ରଞ୍ଜିତ ଶ୍ରୀବାସ୍ତବ ପ୍ରମୁଖ ଯୋଗଦେଇ ଏହି ସେବା ସମ୍ମାନ ପ୍ରଦାନ କରିଥିଲେ । ଡଃ ନିରୋଜ ଏହି 'ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫ ପାଇବା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

## ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୪ ମସିହାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ପ୍ରକାରେ ତୃତୀୟ ଶ୍ରେଣୀର ମେରିଟ୍ ତାଲିକାରେ ବୁଗୁଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅମିତ କୁମାର ସାହୁ-୧ମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଯଶ୍ବିନିରାଣୀ ଦାଶ-୨ୟ ଓ ଦିବ୍ୟାଂଶୁ ନାୟକ-୪ର୍ଥ , ନିୟୁ ଏରା ପବ୍ଲିକ୍ ସ୍କୁଲର ଲିପ୍ସାରାଣୀ ଜେନା-୩ୟ , ମା ସରସ୍ୱତୀ ବିଦ୍ୟା ମନ୍ଦିର, ମାଣିତରାର ସାନଭି ମାନସିଂ-୫ମ , ସାଇ ସରସ୍ୱତୀ ଶିଶୁ ମନ୍ଦିର, ବୁଗୁଡାର ଶ୍ରଦ୍ଧାଞ୍ଜଳୀ ବେହେରା-୬ଷ୍ଠ , କରଚୁଲି ସରସ୍ୱତୀ ଶିଶୁ ମନ୍ଦିରର ଅଭିଲିପ୍ସା ପାତ୍ର-୭ମ ରହିଛନ୍ତି।

ଅନ୍ୟପକ୍ଷରେ ସେହି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାର ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେ ଏସବିଏନ୍ ଗାର୍ଲସ୍ ହାଇସ୍କୁଲର ଆରାଧନା ସାହୁ-୧ମ , ବନ୍ଧସାହି ପିପିଏସର ସୁଚିତ୍ରା ପ୍ରଧାନ -୨ୟ , ନିୟୁ ଏରା ପବ୍ଲିକ୍ ସ୍କୁଲର ହର୍ଷିତା ଜେନା-୩ୟ , ସାଇ ସରସ୍ୱତୀ ଶିଶୁ ମନ୍ଦିରର ଶ୍ରେୟାଂଶୁ ଶେଖର ପଣ୍ଡା-୪ର୍ଥ , କରସିଙ୍ଗି ହାଇସ୍କୁଲର ତପସ୍ୱିନୀ ଧାନ-୫ମ , ଜେଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶୁତୋଷ ନାୟକ-୬ଷ୍ଠ, ବାଲିପଦର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଉମିଦ କୁମାର ସାହୁ-୭ମ ସ୍ଥାନରେ ରହିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳାଫଳର ମେରିଟ୍ ତାଲିକାରେ ନିୟୁଏରା ପବ୍ଲିକ୍ ସ୍କୁଲର ସୁଚେତା ମହାପାତ୍ର-୧ମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବନୀ ପ୍ରସାଦ ପଣ୍ଡା-୨ୟ, କରଚୁଲି ସରସ୍ୱତୀ ଶିଶୁ ମନ୍ଦିରର ସିଦ୍ଧିଶ୍ରୀ ବେହେରା-୩ୟ, ବାଲିପଦର ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୁପମ କୁମାର ସେଠୀ-୪ର୍ଥ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଳମ୍ବ ଛକର ଆଶିଷ କୁମାର ସ୍ୱାଇଁ-୫ମ, ସୋରଡ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟସ୍ମିତା ସାହୁ-୬ଷ୍ଠ, ଜେଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆୟୁଶ ସେଠୀ-୭ମ ରହିଛନ୍ତି। ଅନ୍ୟପକ୍ଷରେ ସେହି ପଞ୍ଚମ ଶ୍ରେଣୀ ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେଏକତାଳ ପ୍ରାଥମିକ ବିଦ୍ୟାଳୟର ତେଜସ୍ୱିନୀ ନାୟକ-୧ମ, ଗୋଲିଆ ପ୍ରାଥମିକ ବିଦ୍ୟାଳୟର କୁସୁମ ପୋଲେଇ-୨ୟ, ବୁଗୁଡ଼ା ସାଇ ସରସ୍ୱତୀ ଶିଶୁ ମନ୍ଦିରର ଜି.ସ୍ୱାତୀ ସ୍ମିତା-୩ୟ, କରସିଙ୍ଗି ହାଇସ୍କୁଲର ଶୁଭଶ୍ରୀ ଗୌଡ-୪ର୍ଥ, ଜେଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସିଏଚ୍. ଇଶାନ୍ ପାତ୍ର-୫ମ, ମାଣିତରା ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୋହନ ରାଉତ-୬ଷ୍ଠ, ନିୟୁ ଏରା ପବ୍ଲିକ୍ ସ୍କୁଲର ବିଭୁ ପ୍ରସାଦ ଦାଶ-୭ମ ସ୍ଥାନରେ ରହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ୬ ନଭେମ୍ବର ୨୦୨୪ରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ତୃତୀୟ ଶ୍ରେଣୀର ୧୩୨ ଜଣ ଏବଂ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପଞ୍ଚମ ଶ୍ରେଣୀର ୧୩୪ ଜଣ ଛାତ୍ରଛାତ୍ରୀ ଉକ୍ତ ମେଧାବୃତ୍ତି ପରୀକ୍ଷା ଦେଇଥିଲା ବେଳେ ଏବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କୃତି ଛାତ୍ରଛାତ୍ରୀମାନେ ଉତ୍ସାହିତ ଥିବା ଜଣାଯାଇଛି ।

## ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ ଉଦ୍‌ଘାଟିତ



ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ଦିନିଆ ମକର ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉତ୍ସବରେ ଅତିଥିଭାବେ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସ୍ଥାନୀୟ କାଉନ୍‌ସିଲର ନିରୁପମା ମହାନ୍ତି, ବରିଷ୍ଠ ଖେଳାଳି ବାପୁନ ବେହେରା ଓ ପ୍ରବୀର ବେହେରା ପ୍ରମୁଖ ଗ୍ରାମଦ୍ୱେୀ ଲାଲପାଟ ସାଲପାଟ ମନ୍ଦିରରେ ଉପସ୍ଥିତ ରହି ଉଦଘାଟନୀ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ ଓ ବରିଷ୍ଠ ସଦସ୍ୟ ସରୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ପରେ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା ଓ ୧୫ ରୁ ୧୭ ପର୍ଯ୍ୟନ୍ତ ସ୍ପୋର୍ଟସ, ବ୍ୟାଡ଼ମିଣ୍ଟନ, କ୍ୟାରମ ଓ କବାଡି ଏବଂ ୧୮ ରୁ ୨୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଆଲୋକ କୁମାର ମହାନ୍ତି ଜଣାଇଛନ୍ତି ।

## ଶ୍ରୀଗୌରାଙ୍ଗ ରାଧା ଗୋବିନ୍ଦ ଲକ୍ଷ୍ମୀ ନୃସିଂହ ମନ୍ଦିରର ବାର୍ଷିକ ଉତ୍ସବ

ଗୋପାଳପୁର, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହଳଦିଆ ପଦର ଅଟୋ ନଗର ସ୍ଥିତ ଶ୍ରୀ ରାଧାଗୋବିନ୍ଦ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ବ୍ୟାସ ପୂଜା ବା ଗୁରୁପୂଜା ମହାସମାରୋହରେ ପାଳିତ ହେଉଅଛ। ଏହା ଶହ ବିଭିନ୍ନ ସାଧୁ, ସନ୍ଥଙ୍କ ସହଯୋଗରେ ଉକ୍ତ ମନ୍ଦିରର ଦଶମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଉକ୍ତ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ବର୍ତମାନର ଆଚାର୍ଯ୍ୟ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜଙ୍କ ଗୁରୁଦେବ ଶ୍ରୀକୃଷ୍ଣ ମିଶନର ପ୍ରତିଷ୍ଠାତା ଆଚାର୍ଯ୍ୟ ଭକ୍ତି ବୈଭବ ପୁରୀ ଗୋସ୍ୱାମୀ ମହାରାଜ ଏକଶହ ବାର ତମ ବ୍ୟାସ ପୂଜା ପାଳନ ହେଉଅଛି । ଏହି ପ୍ରରିପେକ୍ଷୀରେ ପ୍ରତିଦିନ ଭାଗବତ ପାଠ ଶହ ସନ୍ଧ୍ୟାରେ ଗୌର କଥା ଏବଂ ଦିବା ରାତ୍ର ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି। ଭାରତର ବିଭିନ୍ନ ପ୍ରାନ୍ତ ଯଥା ବୃନ୍ଦାବନ, ମଥୁରା, ଦ୍ୱାରିକା ଆଦି ପ୍ରାନ୍ତ ରୁ ଭାଗବତ ପ୍ରେମୀ ଆଚାର୍ଯ୍ୟ ମାନେ ଆସି ଉପସ୍ଥିତ ଥିବା ଭକ୍ତମାନଙ୍କୁ ଭଗବାନଙ୍କ ଲୀଳା ଏବଂ କିପରି ଭାଗବତ କୃପା ଲାଭ କରିବେ ସେ ବିଷୟରେ ଉପଦେଶ ଦେଉଛନ୍ତି। ଏହି ପବିତ୍ର ଅବସରରେ ଶ୍ରୀ ଗୌରାଙ୍ଗ ରାଧା ଗୋବିନ୍ଦ ଲକ୍ଷ୍ମୀ ନୃସିଂହ ମନ୍ଦିର ର ଆଚାର୍ଯ୍ୟ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜ ଭାଗବତ ପ୍ରେମୀ ମାନଙ୍କୁ ନିବେଦନ କରିଛନ୍ତି । ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରି ଭାଗବତ ପ୍ରେମରେ ଲୀନ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଭକ୍ତି ରସ ପାନ କରିବାକୁ ଉପଦେଶ ଦେଇଛନ୍ତି। ଉକ୍ତ ପବିତ୍ର କାର୍ଯ୍ୟକ୍ରମଟିକୁ ମନ୍ଦିରର ଭକ୍ତି ସ୍ୱରୂପ ଗୋସ୍ୱାମୀ ମହାରାଜ, ଭକ୍ତି ଶରଣ ପରାମର୍ଥୀ ମହାରାଜ, ଭକ୍ତି ସାଧକ ଯୋଗୀ ମହାରାଜ, ଶିବାନନ୍ଦ ପ୍ରଭୁ, ଶ୍ରୀ ପାଦ ବେଣୁ ଗୋପାଳ ପ୍ରଭୁ, ଶ୍ରୀ ପାଦ ଅଦ୍‌ତେ ପ୍ରଭୁ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ୧୮ରୁ ଶିମିଳିପାଳ ବନଖଣ୍ଡରେ ପକ୍ଷୀ ଗଣନା

### ଟିମ୍‌ରେ ରହିବେ ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି

ବାରିପଦା, (ସବ୍ୟୁ) : ଆସନ୍ତା ଜାନୁଆରୀ ୧୮ରେ ଶିମିଳିପାଳ ବନଖଣ୍ଡରେ ଆରମ୍ଭ ହେବ ପକ୍ଷୀ ଗଣନା । ଏଥିନିମନ୍ତେ ବାରିପଦା ବନଖଣ୍ଡ ପକ୍ଷରୁ, ବନରକ୍ଷୀ, ବନ ଅଧିକାରୀ, ଛାତ୍ରଛାତ୍ରୀ, ପ୍ରମୁଖ ଏନଜିଓ, ପରିବେଶବିତ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ତଥା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକଟି ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବନ ଅନୁଭାଗ ଅଧିନସ୍ଥ ସଂକଳ୍ପ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଶେଷତଃ ପାଣିରେ ବିଚରଣ କରୁଥିବା ପକ୍ଷୀମାନଙ୍କ ଗଣନା ବିଷୟରେ ଆଲୋଚନା ହେବା ସହିତ ଗଣନା ପ୍ରକ୍ରିୟା କିଭଳି ଭାବରେ ବଣ୍ୟ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ ରଖି ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଶ୍ରୀ ମହେଶଙ୍କ ସୂଚନା ଅନୁସାରେ, ବାରିପଦା ବନଖଣ୍ଡରେ ୪୪ଟି ସାଇଟ ଏହି ପକ୍ଷୀ ଗଣନାରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଚଳିତ ବର୍ଷ ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସାମିଲ କରିବା ପାଇଁ ଯୋଜନା କରାଯାଇଛି । ଏହି ୪୪ଟି ସାଇଟରେ ବନ୍ୟପ୍ରାଣୀ ସଂରକ୍ଷଣ ଦଳ ଉପସ୍ଥିତ ରହିବେ ଏବଂ ପକ୍ଷୀ ଗଣନା ସମୟରେ କୌଣସି ପ୍ରାକୃତିକ ଜୈବମଣ୍ଡଳର କାର୍ଯ୍ୟକାରିତାରେ ବିଶୃଙ୍ଖଳା ସୃଷ୍ଟି ନହୁଏ ସେ ବିଷୟରେ ଧ୍ୟାନ ଦିଆଯିବ । ଯେହେତୁ ଜଳରେ ବିଚରଣ କରୁଥିବା ପକ୍ଷୀ ମାନଙ୍କର ତଥ୍ୟ ଏହି ରିପୋର୍ଟରେ ପ୍ରକାଶ ପାଇବ ତେଣୁ କୌଣସି ପକ୍ଷୀଙ୍କ ପ୍ରାକୃତିକ ସନ୍ତୁଳନକୁ ବ୍ୟାଘାତ ନକରି ଏହି ପ୍ରକ୍ରିୟା ଅନୁଷ୍ଠିତ ହେବ ସେ ବିଷୟରେ ବନବିଭାଗ ସଚେତନ ରହିବା ସହିତ ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ସଚେତନ କରାଯିବ । ଆଜିର ଏହି ବୈଠକରେ, ବନ୍ୟପ୍ରାଣୀ ରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ସଂଗ୍ରାମ ଏନଜିଓ ସଂସ୍ଥାପିକା ସଂଯୁକ୍ତା ବସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ପକ୍ଷୀ ସଂରକ୍ଷଣ ଏବଂ ଗଣନାର ଆବଶ୍ୟକତା ବିଷୟରେ ବିଶେଷ ଆଲୋଚନା କରିଥିଲେ । ମୟୂରଭଞ୍ଜ ଅନ୍ତର୍ଗତ ଶିମିଳିପାଳ ଠାରେ ଓରିଅଲ, ରେଡ଼ ଜଙ୍ଗଲ ଫଲ, ଏସିଆନ ଟିଟ, ଭଳି ଦୁର୍ଲଭ ପକ୍ଷୀ ଦେଖା ଯାଉଥିବାରୁ ଏଠାରେ ଏହି ଗଣନାର ଆବଶ୍ୟକତା ଗୁରୁତ୍ୱ ରହିଛି । ଏଣୁ ଏହି ପକ୍ଷୀ ଗଣନାର ଟିମରେ ୫ଜଣ ଲେଖାଏଁ ବ୍ୟକ୍ତି ରହିବେ । ଟିମ୍‌ରେ ବନବିଭାଗ କର୍ମଚାରୀ, ପରିବେଶବିତ୍, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସ୍ଥାନୀୟ ସାଧାରଣ ଲୋକଙ୍କୁ ସାମିଲ କରାଯାଇଛି ଏବଂ ସେମାନଙ୍କୁ ଏଥି ନିମନ୍ତେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି । ଆଜିର ବୈଠକରେ ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଉପସ୍ଥିତ ବନବିଭାଗ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ବନଖଣ୍ଡରେ ଦେଖାଯାଉଥିବା ପକ୍ଷୀମାନଙ୍କ ବିଷୟରେ ବିଶଦ ବିବରଣୀ ଦେବା ସହିତ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିଥିଲେ ।

## କେନ୍ଦ୍ରୀୟ କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ଗଜପତି ଗସ୍ତ

# ଆକାଂକ୍ଷା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



ପାରଳାଖେମୁଣ୍ଡି, (ସବ୍ୟୁ): କେନ୍ଦ୍ରୀୟ କ୍ରୀଡ଼ା ଓ ଯୁବବ୍ୟାପର ରାଷ୍ଟ୍ରମନ୍ତ୍ରୀ ରକ୍ଷ ନିଖିଲ ଖଡସେ ଗୁରୁବାର ଗଜପତି ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ସମୀକ୍ଷା କରିଛନ୍ତି । ଆକାଂକ୍ଷା ଜିଲ୍ଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ମୁନିସିଂ ଠାରେ କାର୍ଯ୍ୟକାରୀ ହେଉଥିବା ରବର କମ୍ପାନୀ ଓ ରବର ଚାଷ କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ପଚାରି ବୁଝିଥିଲେ । ସେହିପରି ରତଙ୍ଗଡ଼ାର ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ସମ୍ବନ୍ୱିତ ଶିଶୁ ବିକାଶ ବିଭାଗର ଆମ ଅଙ୍ଗନୱାଡି କେନ୍ଦ୍ର ଅନୁକୁଣ୍ଡାଗୁଡା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁଷ୍ଟି ପୁନର୍ବାସ କେନ୍ଦ୍ର ଇତ୍ୟାଦି କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ଖଡସେ ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକ ଦେଖି ଖୁସିବ୍ୟକ୍ତ ହୋଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗଜପତି ଜିଲ୍ଲାର ବିକାଶ ଆଗେଇ ଚାଲିଛି । ଆହୁରି ଅଧିକରୁ ଅଧିକ ଜିଲ୍ଲାକୁ ବିକାଶ କରିବା ପାଇଁ କିଭଳୀ କାର୍ଯ୍ୟ କରାଯିବ ସେ ନେଇ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି । ସେହିପରି କେନ୍ଦ୍ର ମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳ ସମ୍ପଦ ଆର୍ଥିକ ଅନ୍ତର୍ଭୁକ୍ତକରଣ ଓ ଦକ୍ଷତା ବୃଦ୍ଧି ଓ ମୌଳିକ ଆବଶ୍ୟକତା ପୂରଣ ଭଳି ୫ଟି କ୍ଷେତ୍ରରେ ମାପ ଦଣ୍ଡକୁ ଆଧାର କରି ନୀତି ଆୟୋଗ ପକ୍ଷରୁ କାର୍ଯ୍ୟକାରି ହେଉଥିବା ବିକାଶ ମୂଳକ ଯୋଜନା ଗୁଡ଼ିକ କୁ ସମୀକ୍ଷା କରିଥିଲେ ।

ଏତଦ୍ ବ୍ୟତୀତ ପିଏମ୍ ଜନମନ ଆବାସ ପ୍ରକଳ୍ପ, ମନରେଗା, ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ପରିମଳ ପ୍ରକଳ୍ପ, ଆୟୁଷ୍ମାନ ଭାରତ ଆଦି କାର୍ଯ୍ୟକ୍ରମ ଓ ଆଦିବାସୀ ଓ ପିଭିଟିଜି ପାରିବାର ଗୁଡ଼ିକର ସଶକ୍ତିକରଣ ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା । ଆଜିର ଏହି ସମୀକ୍ଷା ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୁପଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଡ଼. ଗୁଣନିଧି ନାୟକ,ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ସମେତ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ପାରଳାଖେମୁଣ୍ଡି ପୌର ପରିଷଦ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## କାମାକ୍ଷାନଗରର କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ତଦାରଖ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି । ଏନେଇ କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ କମିଟିର ଏକ ତିନି ଜଣିଆ ଟିମ ପହଞ୍ଚି ଭିତ୍ତିଭୂମି ତଦାରଖ କରିବା ସହ ବିଦ୍ୟାଳୟ ପାଇଁ ଆବଶ୍ୟକୀୟ ସ୍ଥାନ ବୁଲି ଦେଖିଥିଲେ । ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ନିକଟରେ ଥିବା ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବା ନେଇ ପ୍ରଶାସନ ତରଫରୁ ନୂତନ ସ୍ଥାନ ଚିହ୍ନଟ କରାଯାଇଥିଲା । ଯାହାକୁ ସେହି ସ୍ଥାନକୁ କେନ୍ଦ୍ରୀୟ ଟିମ ସବୁଜ ସଂକେତପ୍ରଦାନ କରିଛି । ଜାତୀୟ ରାଜପଥ ପାର୍ଶ୍ୱରେ ଓ ସହର ନିକଟରେ ଥିବାରୁ ଏହି ସ୍ଥାନରେ ୧୫ ଏକର ଜାଗାର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବାନେଇ ଲକ୍ଷ୍ୟ ରଖାଯାଇଛି ।

କେନ୍ଦ୍ରୀୟ ବିଦ୍ୟାଳୟର ତିନିଜଣିଆ ଟିମ ସହିତ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ସହରର ମୁଣ୍ଡିଦେଉଳି ଠାରେ ନୂତନ ଭାବେ ନିର୍ମିତ ମହିଳା ମହାବିଦ୍ୟାଳୟ ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ପାଠ୍ୟକ୍ରମ ପଢା ଆରମ୍ଭ କରିଯିବାକୁ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ପ୍ରକାଶ କରିଛନ୍ତି ।

## ଗମନାଗମନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଯୁକ୍ତ ସେବା ପ୍ରଦାନ ପାଇଁ ଦାବିପତ୍ର

ତାଳଚେର, (ସବ୍ୟୁ) : ଖଣି ଏବଂ କଳକାରଖାନା ସମୃଦ୍ଧ ତାଳଚେରବାସୀଙ୍କୁ ଉଚିତ ଗମନାଗମନ ଓ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ତାଳଚେର ଜନବିକାଶ କଲ୍ୟାଣ ସଂଘ ତରଫରୁ ୪ ଦଫା ସମ୍ବଳିତ ଏକ ଦାବୀପତ୍ର ପଂଚାୟତ ସଭାଗୃହ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ପ୍ରଦାନ କରାଯାଇଛି । ସମଗ୍ର ତାଳଚେର ଅଂଚଳ ଖଣି ଓ କଳକାରଖାନା ପ୍ରଭାବରେ ପ୍ରଦୂଷଣରେ ସର୍ବଭାରତୀୟ ସ୍ତରରେ ସର୍ବୋଚ୍ଚ ପ୍ରଦୂଷିତ ଅଂଚଳ ଭାବେ ସ୍ଥାନ ପାଇଛି । ଶକ୍ତି ଉତ୍ପନ୍ନ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ କୋଇଲାର ଚାହିଦା ଅଧିକ ଥିବାରୁ ସରକାର ଏଠାରେ ପ୍ରତିଷ୍ଠିତ ଖଣିଗୁଡ଼ିକରୁ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କା ରାଜସ୍ୱ ଆକାରରେ ରୋଜଗାର କରୁଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ବହୁ ଭଲଭାବେ ଲାଭବାନ୍ ହେଉଛନ୍ତି । ଦେଶ ଓ ରାଜ୍ୟ ବିକାଶରେ ତାଳଚେରବାସୀଙ୍କ ବହୁତ ବଡ଼ ଭୂମିକା ରହିଛି । କିନ୍ତୁ ଏଠିକାର ସ୍ଥାନୀୟ ବିସ୍ଥାପିତ ପ୍ରଜା,ପ୍ରଭାବିତ ଅଂଚଳବାସୀ ଗମନାଗମନ, ସ୍ୱାସ୍ଥ୍ୟସେବା, ପେଟପାଟଣା ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେବା ସହିତ ପ୍ରତ୍ୟେକ କ୍ଷେତ୍ରରେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ସ୍ଥାନୀୟ ଲୋକଙ୍କ ମାନବୀୟ ଅଧିକାର କ୍ଷୁର୍ଣ୍ଣ ହେଉଛି ।

ଏହି ପରିପ୍ରେକ୍ଷୀରେ ଦାବୀପତ୍ରରେ ଉଲ୍ଲେଖିତ ସମସ୍ୟାକୁ ପ୍ରତ୍ୟେକ ଭାବେ ଧ୍ୟାନ ଦେବାକୁ ଅଂଚଳବାସୀଙ୍କ ତରଫରୁ ଅନୁରୋଧ କରାଯାଇଛି । ଗୋଡ଼ିବନ୍ଧ ଠାରୁ ବନ୍ଧର ଦେଇ ବଅଁରପାଳ ଯାଏଁ ୧୪୯ ନମ୍ବର ଜାତୀୟ ରାଜପଥକୁ ଅବିଳମ୍ବେ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା, ଘଣ୍ଟପଡା ରେଳବାଇ ଫାଟକ ପାଖ ନିର୍ମାଣଧୀନ ବ୍ରିଜକୁ ଦଶ ବର୍ଷ ବିତି ଯାଇଥିଲେ ମଧ୍ୟ ରେଲୱେ କର୍ତ୍ତୃପକ୍ଷ, ରାଇଟସ ଏବଂ ଠିକାଦାର ସଂସ୍ଥାର ସମନ୍ୱୟ ରହୁ ନଥିବା ହେତୁ ନିର୍ମାଣକାର୍ଯ୍ୟ ଧିମା ଗତିରେ ଚାଲିଛି । ପ୍ରତି ପାଂଚ ମିନିଟରେ ରେଳ ଫାଟକ ବନ୍ଦ ହେଉଥିବାରୁ ସ୍କୁଲ, କଲେଜ ଛାତ୍ର ଛାତ୍ରୀ ଆମ୍ବୁଲାନ୍ସ ଭିତରେ ରୋଗୀ ସହିତ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଉଥିବା ଶତାଧିକ ପଥଚାରୀ ଅଧଘଣ୍ଟାରୁ ଅଧିକ ସମୟ ବର୍ଷର ସବୁ ଋତୁରେ ସେଠି ଛିଡା ରହୁଛନ୍ତି ।

ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ବ୍ରିଜ ନିର୍ମାଣ କାର୍ଯ୍ୟକୁ ଯଥା ଶୀଘ୍ର ଶେଷ କରି ସାଧାରଣ ଲୋକଙ୍କ ହିତରେ ଉତ୍ସର୍ଗ କରାଯିବା, ୧୪୯ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଟାଉନ ବାଇପାସ ଛକ ଠାରୁ ହାଟତୋଟା ଯିବା ରାସ୍ତା ଉପରେ ଥିବା ଏନଟିପିସି ରେଲୱେ ଫାଟକ ପାଖରେ ଓଭର ବ୍ରିଜ ନିର୍ମାଣ ପାଇଁ ଏନଟିପିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା, ତାଳଚେର, ପାଲଲହଡାର ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରୁ ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟକୁ ରୋଗୀ ରେଫର କରାଯିବାର ବ୍ୟବସ୍ଥା କରାଯିବା ଏବଂ ୨୪ ଘଣ୍ଟିଆ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବା ନିମନ୍ତେ ନିବେଦନ କରାଯାଇଛି ।

ତେବେ ଗମନାଗମନ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତାଳଚେରବାସୀଙ୍କ ବୃହତ ସ୍ୱାର୍ଥକୁ ଆଖି ଆଗରେ ରଖି ତଥା ପ୍ରତ୍ୟେକ ଭାବେ ଅନୁଧ୍ୟାନ କରି ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ନ କଲେ ଜନଆକ୍ରୋଶ ଆଗାମୀ ଦିନରେ ଜନ ଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ତାଳଚେର ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥନ୍ଦ, ସମ୍ପାଦକ ଦ୍ରୁମଦ ପ୍ରଧାନ, ଶୋଭାଗିନୀ ଦେବୀ, ରାଜୀବ ଦାସ, ଜିତେନ୍ଦ୍ର ମହାପାତ୍ର, ଦୀପକ ସାହୁ, ମିଥୁନ କୁମାର ଜେନା, କିଶୋର କୁମାର ସାହୁ, ହିମାଂଶୁ ଶେଖର ମିଶ୍ର, ଜ୍ୟୋତି ରଞ୍ଜନ ଦାସ, ସୁଲେଖ ସେଠୀ, ଧୀରେନ ଦାସ, ଦାଶରଥି ସାହୁ ଓ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସର ରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ୍ ଶିବିର କାର୍ଯକ୍ରମ ବୁଧବାର ଦିନ ଉଦଯାପିତ ହୋଇଯାଇଛି । ଶିବିର ଦୀର୍ଘ ୮ଦିନ ଧରି ଚାଲିଥିବା ବେଳେ ବୁଧବାର ଦିନ ଉଦଯାପନୀ କାର୍ଯକ୍ରମରେ ମୁଖ୍ୟଅତିଥି ଭାବରେ ୧୨ନମ୍ବର ଜୋନର ଜିଲ୍ଲାପରିଷଦ ସଦସ୍ୟା ଅନୁପମା ସାହୁ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ଏଥିସହ ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେଅନୁଷ୍ଠିତ କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ରସାୟନିକ ବିଭାଗ ମୁଖ୍ୟ ଅସିତ କୁମାର ଜେନା ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସଭାରେ ମଞ୍ଚ ପରିଚାଳନା କରିଥିଲେ ଦର୍ଶନ ବିଭାଗ ମୁଖ୍ୟ ନିରଂଜନ ଦାଶ ଏବଂ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ସଂଯୋଜକ ଅଧାପିକା ସୁମିତ୍ରା ସ୍ୱାଇଁ ଏହି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଠାକୁରଗଡ଼, (ସବ୍ୟୁ) : ପ୍ରତ୍ୟେକ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି । ଏ ପରିକି ଅନେକ ରାସ୍ତା ନିର୍ମାଣ କରୁଛନ୍ତି । ହେଲେ ଅନେକ ଜଙ୍ଗଲ ଅଧୁସିତ ଅଞ୍ଚଳକୁ ଗମନାଗମନ ପାଇଁ ପିଚୁ ରାସ୍ତା ନିର୍ମାଣ କରାଯାଉନାହି । ଫଳରେ ଲୋକ କଚାରାସ୍ତାରେ ପ୍ରତେକ ଦିନ ଯାତାୟତ କରୁଛନ୍ତି । ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଶିବମନ୍ଦିର ଠାରୁ ଭାୟା ଦାମଦରପୁର ଦେଇ ଧଉରାଗୋଠ ପର୍ଯ୍ୟନ୍ତ ମାଟିରାସ୍ତା ଏକ ଜଳନ୍ତା ଉଦାହରଣ । ଏହି ରାସ୍ତା ପକ୍କା ରାସ୍ତା କରାଯାଉ ନଥିବା ଯୋଗୁଁ ତୁରନ୍ତ ପକ୍କା ସଡ଼କ କରିବା ପାଇଁ ୫ ଗ୍ରାମବାସି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଡାକ ଯୋଗେ ବୁଧବାର ପ୍ରଦାନ କରିଛନ୍ତି । ଏହାର ଏକ ନକଲ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଅଞ୍ଚଳବାସି କହିବା ଅନୁଯାୟୀ ସାନହୁଲା ଠାରୁ ଧଉରାଗୋଠ ପର୍ଯ୍ୟନ୍ତ ୮ କିମି ମାଟିରାସ୍ତାଟି ପିଚୁରାସ୍ତାରେ ପରିଣତ କରିବା ପାଇଁ ୨୦୦୦ ମସିହା ଠାରୁ ଦାବି ହୋଇଆସୁଛି । ଏହି ରାସ୍ତା ହେଲେ କିଶୋରନଗର ବ୍ଲକକୁ ସହଜରେ ସଂଯୋଗୀକରଣ ହେଇ ପାରିବ । ଏହି ରାସ୍ତା ଉପରେ ସାନହୁଲା, କୁରୁମଟାପ, ବିଲେଇନାଳୀ, ପଞ୍ଚାୟତର ସାନହୁଲା, ଦାମଦରପୁର, ମନ୍ଦରବାହାଳ, କିସାନସାହି, ଧଉରାଗୋଠ, କରଡ଼ାବାହାଳୀ ସହ ଆଖପାଖରୁ ୧୫ ଟି ଗ୍ରାମବାସି ନିର୍ଭରଶିଳ । ରାସ୍ତାଟି ମାଟି ରାସ୍ତା ଥିବାବେଳେ ଖାଲଖମାରେ ପରିପୂର୍ଣ୍ଣ ହୋଇରହିଛି । ବିଶେଷ କରି ଏହି ରାସ୍ତା ର ମଝିରେ ଏକ ନାଳ ପଡୁଥିବା ବେଳେ ଏକ ବ୍ରିଜ ନିର୍ମାଣ ହେଉ ନାହିଁ ।

ଏହି ରାସ୍ତାରେ ପ୍ରତେକ ଦିନ ଅଞ୍ଚଳବାସି ଯାତାୟାତ କରୁଥିଲେ ମଧ ବର୍ଷା ସମୟରେ ୮ କିମି ଦେଇ ମନ୍ଦରବାହାଳ ଦେଇ ଆସିବାକୁ ପଡୁଛି । ବର୍ଷା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି । ଅନ୍ୟ ଦିନ ଗୁଡିକରେ ଆଠମଲ୍ଲିକ ଅଞ୍ଚଳରେ ଥିବା କଲେଜ, ତହସିଲ, ଓ ଅନୁଗୋଳ ଜିଲ୍ଲା କାର୍ଯାଳୟ କୁ ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବହୁ ଅସୁବିଧା ହୋଇ ଆସୁଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ କିଶୋରନଗର ବ୍ଲକକୁ ସହଜ ରାସ୍ତା ହେବା ସହ ଏହି ଅଞ୍ଚଳର ବିକାଶ ହୋଇ ପାରିବ । ଏପରିକି ପିଚୁ ରାସ୍ତା ନଥିବା ଯୋଗୁଁ କୌଣସି ସରକାରୀ ଅଧିକାରୀ ସଠିକ ଭାବରେ ଗ୍ରାମଗୁଡିକୁ ଯାଇ ପାରୁନଥିବା ବେଳେ ସରକାରୀ ଯୋଜନା ମଧ ସଠିକ ଭାବରେ ପହଞ୍ଚି ପାରୁନାହି । ଏ ପରିକି କଚା ରାସ୍ତାରେ ବୃଦ୍ଧବୃଦ୍ଧାମାନେ ପଞ୍ଚାୟତକୁ ରାସନ ସାମଗ୍ରୀ ସହ ଭତ୍ତା ନେବା ପାଇଁ ଅସୁବିଧା ସମୁଖୀନ ହୋଇ ଆସୁଛନ୍ତି ।

ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମର ସାମାଜିକ କର୍ମୀ ଦିଲେଶ୍ୱର ନାୟକ ୧୫ ଜୁଲାଇରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ଦାବପତ୍ର ଦେଇଥିଲେ । ହେଲେ ତାଙ୍କ ଦାବିପତ୍ର କୌଣସି ପଦକ୍ଷେପ ନିଆଁଯାଇ ନଥିବା ଯୋଗୁଁ ପୁଣି ଦିଲେଶ୍ୱର ୩୦ ଡିସେମ୍ବର ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ତୁରନ୍ତ ଉକ୍ତ ରାସ୍ତା କୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପିଚୁରାସ୍ତାରେ ପରିଣତ କରିବା ପାଇଁ ଦାବି କରିଥିଲେ । ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ମୋହନ କୁମାର ସାହୁ, କାହ୍ନୁ ଚରଣ ନାୟକ, ଗିରିଶ ନାୟକ, ସୁରେଶ ରାଉତ, ସୁନିତା ଭୋଇ, କାଞ୍ଚନ ନାୟକ, ସୁମନ କୁଦେଇ, ପ୍ରଫୁଲ୍ଲ ନାୟକ ଦାବି କରିଛନ୍ତି ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ

ଗୋଡିବନ୍ଧ, (ସବ୍ୟୁ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନାରେ ନୂଆ ଥାନାଧିକାରୀ ଭାବେ ଅରୁଣ କୁମାର ଖୂଲାର ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଅନୁଗୁଳ ଜିଲ୍ଲା କିଆକଟା ଥାନାରେ କାର୍ଯ୍ୟରତ ଥିଲେ । ଶ୍ରୀ ଖିଲାର ସମଲ ଥାନାରେ ଯୋଗଦାନ କରିବା ପରେ ଥାନା ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ଉତ୍ତମ ପୋଲିସ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି, ଲୋକମାନେ ନିଜର ଅଭିଯୋଗ କାହା ଜରିଆରେ ନଆସି ସିଧାସଳଖ ତାଙ୍କୁ ଦେଖା କରି ଆଇନ ବ୍ୟବସ୍ଥା ମଧ୍ୟରେ ତାହାର ସମାଧାନ କରିବେ । ଅଞ୍ଚଳରେ



ଆଇନଶୃଙ୍ଖଳା ରକ୍ଷା କରିବା ସହିତ ପରିବହନ ଜନିତ ଉପୁଜିଥିବା ଟ୍ରାଫିକ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେବା ଓ ଅଞ୍ଚଳରେ କାଶ ଔଷଧ ,ଧଳା ଜହର,ଗଞ୍ଜେଇ ନିଶା କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଠାବ ପରେ କଡା ପଦକ୍ଷେପ ନେବା ପାଇଁ ପ୍ରାଥମିକତା ଦେବେ ବୋଲି ଶ୍ରୀ ଖୂଲାର ସୂଚନା ଦେଇଛନ୍ତି । ପ୍ରକାଶ ଯେ ଏଠାରେ କାର୍ଯ୍ୟରତ ଆଇଆଇସି ଦିଲ୍ଲୀପ ଲାକ୍ରାଙ୍କର ସୁନ୍ଦରଗଡ ଜିଲ୍ଲା ରାଉରକେଲାକୁ ବଦଳି ହୋଇଛି । ନୂଆ ଅଧିକାରୀଙ୍କ ଯୋଗଦାନ ପରେ ପୁରୁଣା ନିଶା ମାଫିଆ ଓ ଦଲାଲଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଇଛି ।

## ବିଦ୍ୟୁତ ଖୁଣ୍ଟରେ ସୀମିତ ଉଠାଜଳସେଚନ ପ୍ରକଳ୍ପ

ବନ୍ତଳା, (ସବ୍ୟୁ) : ରାଜ୍ୟ ସରକାର ଚାଷୀକୁଳମାନଙ୍କର ସଦାସର୍ବଦା ଜଳସେଚନ ସୁବିଧା ପାଇଁ ତତ୍ପରତା ପ୍ରକାଶ କରୁଥିଲେ ମଧ ତାହା ଅନୁଗୋଳ ଜିଲ୍ଲାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ରାଜ୍ୟ ସରକାର ଚାଷୀମାନଙ୍କର ଉନ୍ନତି ପାଇଁ ବିଭିନ୍ନ ଜଳ ସେଚନ ଯୋଜନା କରୁଛନ୍ତି ସେଥି ମଧ୍ୟରୁ ଉଠା ଜଳ ସେଚନ, ଖୋଲା କୂପ, ଚେକ ଡ୍ୟାମ ଆଦି ପ୍ରକଳ୍ପମାନ କାର୍ଯ୍ୟକାରୀ କରୁଛନ୍ତି । ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ପାଇଁ ସଚେତନତା ମଧ ରାଜ୍ୟ ସରକାର କରୁଛନ୍ତି ।

ପ୍ରକାଶ ଥାଉକି, ଅନୁଗୋଳ ବ୍ଲକ ଅନ୍ତର୍ଗତ ଇଙ୍କରବନ୍ଧ ଗ୍ରାମ ପଂଚାୟତ ସାରଙ୍ଗପୁରରେ ଏକ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରାୟ ୩ ବର୍ଷ ପୂର୍ବରୁ ରାଜ୍ୟ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଚାଷୀମାନଙ୍କ ଜାଗାରେ ମାଟି ଖୋଳା ଯାଇ ମୂଲ୍ୟବାନ ଲୁହା ପାଇପ ପୋତା / ବିଛା ଯିବା ସହ ବିଦ୍ୟୁତ ଖୁଣ୍ଟ ମଧ ଛିଡା ହୋଇଛି । ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି ହେଲେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିବେ ବୋଲି ଚାତକ ପରି ଚାହିଁ ରହିଥିଲେ ମଧ ଉଠା ଜଳସେଚନ ପ୍ରକଳ୍ପ କିପରି କାର୍ଯ୍ୟକ୍ଷମ ହେବ ତାହା ପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିଘା ନାହିଁ କହିଲେ ଚଳେ । ଉଠା ଜଳସେଚନ ପ୍ରକଳ୍ପଟି କେବେ କାର୍ଯ୍ୟକ୍ଷମ ହେବ ତାହା ମଧ ପ୍ରଶ୍ନବାଚୀ ।ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କିପରି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାହା ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ଠାକୁରଗଡ଼କୁ ବ୍ଲକ ଘୋଷଣା କରିବାକୁ ଅଞ୍ଚଳବାସୀଙ୍କ ଦାବି

ଆଠମଲ୍ଲିକ, (ସବ୍ୟୁ) : ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ଷୋଳପଦା ଅଞ୍ଚଳର ଠାକୁରଗଡ଼କୁ ବ୍ଲକ ଘୋଷଣା ଦାବୀ କରି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ଥାନୀୟ ଉପଜିଲ୍ଲାପାଳ ଡ଼ଃ ଦିଲ୍ଲୀପ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି– ଏଗାରଟି ପଞ୍ଚାୟତର ଗ୍ରାମବାସୀ ସମର୍ଥନ କରୁଥିବା ବେଳେ ଠାକୁରଗଡ଼ ଅଞ୍ଚଳକୁ ସମସ୍ତ ପଞ୍ଚାୟତରୁ ଗମନା ଗମନ ସୁବିଧା ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯଥା ରାଜସ୍ୱ ନିରୀକ୍ଷକ, ଥାନା, ଡାକ୍ତରଖାନା, କୃଷି ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ମହାବିଦ୍ୟାଳୟ ଥିବାରୁ ଠାକୁରଗଡ଼ ବ୍ଲକ ଘୋଷଣା କରିବାକୁ ଦାବୀ କରିଛନ୍ତି । ଦାବିପତ୍ର ଦେବା ସମୟରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଭଗବାନ ସାହୁ, ସୁରେଶ ଚନ୍ଦ୍ର ସାହୁ,ସୁଜିତ କୁମାର ଦେହୁରୀ,ପ୍ରଭାକର ପ୍ରଧାନ, ସୌରଭ ମିଶ୍ର,ସନ୍ତୋଷ କୁମାର ସାହୁ, ଅର୍ଜୁନ ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ସତ୍ୟାନନ୍ଦ ରାଉତ, ଦୁଃଖ ବନ୍ଧୁ ନାଏକ, ସିଧେସ୍ୱର ସାହଙ୍କ ସମେତ ଷୋଳପଦା ଅଂଚଳ ର ବାସିନ୍ଦା ଉପସ୍ଥିତ ଥିଲେ । ଏହାର ଏକକିତା ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ପ୍ରେରଣ କରା ଯାଇଥିଲା ।

## ମାୟାଧର ବେହେରା ଅନୁଗୋଳର ନୂତନ ଉପଜିଲ୍ଲାପାଳ

ଅନୁଗୋଳ, (ସବ୍ୟୁ) : ବରିଷ୍ଠ ଓଏଏସ ଅଧିକାରୀ ମାୟାଧର ବେହେରା ଆଜି ଅନୁଗୋଳର ନୂତନ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ବେହେରା ଆଜି ଦିନ ଏଗାରଟା ସମୟରେ ଅନୁଗୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଦାୟୀ ଉପଜିଲ୍ଲାପାଳ ବରନେନ୍ଦୁ ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ବେହେରା ଅନୁଗୋଳ ଆସିବା ପୂର୍ବୁ




ପୂରୀସ୍ଥିତ ପୂରୀ –କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ( ପିକେଡିଏ ) ର ସଚିବ ଭାବେ କାର୍ଯ୍ୟ କରୁଥିଲେ ।

ଶ୍ରୀ ବେହେରା କିଛି ବର୍ଷ ପୂର୍ବରୁ ଅନୁଗୋଳ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଂଶସିତ ହୋଇଥିଲେ । ଅନୁଗୋଳ ଉପଖଣ୍ଡର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ କରିବା ସହିତ ବିକାଶ ନିମନ୍ତେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ପର୍ଯ୍ୟଟନ କେନ୍ଦ୍ର ବୁଲି ମଜା ନେଲେ ବାଳାଶ୍ରମ ଅନ୍ତେବାସୀ

ଆଠମଲ୍ଲିକ, (ସବ୍ୟୁ) : ବୌଦ୍ଧ ଜିଲ୍ଲା ବୀର ନରସିଂହପୁର ଠାରେ ଥିବା ରାମ କୃଷ୍ଣ ବାଳାଶ୍ରମ ର ଅନ୍ତେବାସୀ ଦିନିକିଆ ଆଠମଲ୍ଲିକ ଗସ୍ତରେ ଆସି ଅଞ୍ଚଳର ପର୍ଯ୍ୟଟନ କେନ୍ଦ୍ର ବୁଲି ମଜା ନେବା ସହିତ ପର୍ଯ୍ୟଟନ କେନ୍ଦ୍ର ବାବଦରେ ଜ୍ଞାନ ଆହରଣ କରି ଫେରି ଯାଇଥିବା ଜଣାପଡିଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧୀନରେ ଥିବା ଉକ୍ତ ବାଳାଶ୍ରମର ଷାଠିଏ ଜଣ ଅନ୍ତେବାସୀ ଆଠମଲ୍ଲିକ ଆସି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀ ମନ୍ଦିର, ପ୍ରସିଦ୍ଧ ଶୈବ ପୀଠ ଦେଉଳଝରୀ ତଥା ଉଷ୍ଣ ପ୍ରସ୍ରବଣ ବୁଲି ଦେଖିବା ସହିତ ମାଧପୁର ସ୍ଥିତ ମନଜୋର ଜଳସେଚନ ପ୍ରକଳ୍ପକୁ ଦେଖିବାକୁ ଯାଇଥିଲେ । ସେଠାରେ ଏକ ବଣଭୋଜିର ଆୟୋଜନ କରି ଅନ୍ତେବାସୀ ମଜା ଉଠାଇଥିଲେ ।

ଆଠମଲ୍ଲିକ ସହରରେ ପହଁଚିଲା ପରେ ଆଠମଲ୍ଲିକ ବାଳାଶ୍ରମ ର ପୂର୍ବତନ ସମ୍ପାଦକ ଉମେଶ ଅଗ୍ରୱାଲ ଅନ୍ତେବାସୀଙ୍କ ପାଇଁ ଜଳପାନର ବ୍ୟବସ୍ଥା କରିଥିଲେ । ଅନ୍ତେବାସୀଙ୍କ ସହିତ ବାଳାଶ୍ରମ ର ସମ୍ପାଦକ ନବୀନ ବଘାର, ଶିଶୁ ମଙ୍ଗଳ ଅଧକ୍ଷ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ, ବାଳାଶ୍ରମର ହାଉସ ମଦର ଲିପିକା ଦେହୁରୀ, ଆଠମଲ୍ଲିକ ବାଳାଶ୍ରମର ପୂର୍ବତନ ସମ୍ପାଦକ ତଥା ଆଇନଜୀବି ଉମେଶ ଅଗ୍ରୱାଲଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ପ୍ରତି ବର୍ଷ ରାଜ୍ୟର ବିଭିନ୍ନ ଅଞ୍ଚଳ କୁ ଅନ୍ତେବାସୀ ବୁଲିବାକୁ ଯାଉଥିବା ବେଳେ ଚଳିତ ବର୍ଷ ଆଠମଲ୍ଲିକ ଅଞ୍ଚଳକୁ ଆସି ମା ମାହେଶ୍ୱରୀ ମନ୍ଦିର ଓ ଶୈବ ପୀଠ ଦେଉଳଝରୀ ଦର୍ଶନ କରି ଅନ୍ତେବାସୀ ବହୁତ ଆନନ୍ଦିତ ବୋଲି ସମ୍ପାଦକ ଶ୍ରୀ ବଘାର ପ୍ରକାଶ କରିଥିଲେ ।

## ନାଲକୋ ଥାନା ଅଞ୍ଚଳରେ ବେଧଡ଼କ ବିକ୍ରି ହେଉଛି ଚୋରା ଡିଜେଲ

ବଅଁରପାଳ, (ସବ୍ୟୁ) : ନାଲକୋ ନଗର ଥାନା ଅଞ୍ଚଳରେ ଚୋରା ଅପମିଶ୍ରଣ ଡିଜେଲେ ବେଧଡକ ଭାବେ ଦିବା ଲୋକରେ ବିକ୍ରୀ ହେଉଛି । ଘଟଣାରୁ ପ୍ରକାଶ କିଛି ଚୋରା ବେପାରୀ ତାଳଚେର କୋଇଲା ଖଣି ଅଞ୍ଚଳରୁ ହଜାର ହଜାର ଲିଟର ଅପମିଶ୍ରଣ ଡିଜେଲେ ସଂଗ୍ରହ କରି ନାଲକୋ ନଗର ଥାନା ଅଞ୍ଚଳର କିଛି ଅସାଧୁ ବ୍ୟବସାୟୀଙ୍କୁ ତେଲ ଯୋଗାଉଛନ୍ତି । ଉକ୍ତ ଡିଜେଲକୁ ଏକ ମିନି ଟ୍ୟାଙ୍କର ନେଇ ସିପିପି ପ୍ଲାଣ୍ଟକୁ ଆସୁଥିବା କୋଇଲା ଓ ପାଉଁଶ ପରିବହନ କରୁଥିବା ଟ୍ରକ୍ ଗୁଡିକୁ ଅସାଧୁ ବ୍ୟବସାୟୀ ମାନେ ଶସ୍ତାରେ ଡିଜେଲେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି । ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ତୈଳ ଟାଙ୍କି ଗୁଡିକ ବ୍ୟାପକ କ୍ଷତି ସହୁଛନ୍ତି । ଏଥିସହିତ ଯେଉଁ ମିନି ଟ୍ରକ୍ ରେ ହଜାର ହଜାର ଡିଜେଲେ ଆସୁଛି ତାର ନମ୍ବର ନାହିଁ । ଜଦି କୋଣସି କାରଣରୁ ନିଆଁ ଲାଗେ ଏହାର ପ୍ରତିକାର ପାଇଁ କୋଣସି ସୁରକ୍ଷା ବ୍ୟବସ୍ଥା ନାହିଁ ଉକ୍ତ ତେଲଟାଙ୍କି ଗାଡ଼ିରେ । ସିପିପି ପ୍ଲାଣ୍ଟ ଗୋଲେଇ ଛକ ଅଞ୍ଚଳରେ ଏଭଳି ଚୋରା ଡିଜେଲେ କାରବାର ଦୀର୍ଘ ଦିନ ହେଲା ଚାଲୁଥିଲେ ସୁଧା ସୁରକ୍ଷା କର୍ମଚାରୀ ମାନେ କିଭଳି ଜାଣିପାରୁନାହାନ୍ତି । ସେହି ପରି ନାଲକୋ ନଗର ଥାନା ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଏଭଳି କାରବାର ଚାଲୁଥିଲେ ସୁଧା ପୋଲିସ ପାଖରେ କିଭଳି ଖବର ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ହାତୀ ଉପଦ୍ରବ : ଭାଙ୍ଗିଲେ ଦୋକାନ ଗୃହ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ କଙ୍କିଳି ପଂଚାୟତ ହରିହରପୁର ଗ୍ରାମ ଗତାକାଲି ବିଳମ୍ବିତ ରାତ୍ରୀରେ ହାତୀପଲ ପଶି ଜ୍ୟୋତିରଞ୍ଜନ ମିଶ୍ର (୬୧)ଙ୍କ ଦୋକାନ ଘର ଭାଙ୍ଗି ଦେଇଥିବା ବେଳେ ବାଡ଼ିରେ ଲାଗିଥିବା ପନିପରିବା ଇତ୍ୟାଦି ନଷ୍ଟ କରିବାଥିବା ସେ ଏହା ଅଭିଯୋଗ କରିଛନ୍ତି। ଏହି ହାତୀପଲ ଢ଼େଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଖାଲପାଳ ଗ୍ରାମ ବ୍ରାହ୍ମଣୀ ନଦୀପାର ହୋଇ ବାରମ୍ବାର ଖାଦ୍ୟ ଅନ୍ୱେଷଣରେ ତାଳଚେର ବ୍ଲକର କଙ୍କିଳି, ଧରମପୁର, ସନ୍ତପଡ଼ା, ଗୁରୁଜାଙ୍ଗୁଲି ପଂଚାୟତକୁ ପଶି ଆସି ଆତଙ୍କ ଖେଳାଇବା ସହ ଭିନ୍ନ ଭିନ୍ନ ସମୟରେ ଧାନ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବା ନଷ୍ଟ କରିବା ସହିତ ଘରଦ୍ୱାର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥାଏ। ଏସମ୍ପର୍କରେ ତାଳଚେର ରେଞ୍ଜର ଖବର ପାଇ ଘଟଣା ସ୍ଥଳରେ ପଂହଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିବା ସହିତ କ୍ଷୟକ୍ଷତି ଆକଳନ କରିଥିବା ଅଂଚଳବାସୀଙ୍କ ଠାରୁ ଶୁଣିବାକୁ ମିଳିଛି।

## ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଏନ ଏ ସି ରେ ନୂତନ ନିର୍ବାହୀ ଅଧିକାରୀ ଭାବରେ ଚନ୍ଦ୍ରକାନ୍ତ ବେହେରା ଯୋଗଦାନ କରିଛନ୍ତି । ଶ୍ରୀ ବେହେରା ପୂର୍ବରୁ ଧର୍ମଗଡ଼ ଏନ ଏ ସି ରେ କାର୍ଯ୍ୟରତ ଥିଲେ । ଆଠମଲ୍ଲିକ ଏନ ଏ ସି ରେ ଯୋଗଦାନ କଲା ପରେ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ତାଙ୍କ ପ୍ରଥମ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ । ସୂଚନା ଥାଉ କି ଶ୍ରୀ ବେହେରା ସହକାରୀ ଜିଲ୍ଲାପାଳ ଭାବେ ବୌଦ୍ଧରେ ଚାକିରୀ ଜୀବନ ଆରମ୍ଭ କରିଥିଲେ ।

## ମହିଳା ଖଣି କର୍ମଚାରୀଙ୍କୁ ଅସଦ୍‌ବ୍ୟବହାର, ଯୁବକ ହରଡ଼ଘଣାରେ

ତାଳଚେର, (ସବ୍ୟୁ) : ହିଙ୍ଗୁଳା କୋଇଲା ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟରେ ଜୈନିକା ମହିଳା କର୍ମଚାରୀଙ୍କୁ ଜଣେ ବିବାହିତ ଯୁବକ ଦୁର୍ବ୍ୟବହାର କରି ଏବେ ହରଡ଼ଘଣାରେ ପଡ଼ିଥିବା ସେହି ଅଂଚଳରେ ଚାଚଂଲ୍ୟ ଖେଳାଇ ଦେଇଛି। ବିବାହିତ ଯୁବକଜଣଙ୍କ ନିଜକୁ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଭାବେ କହି ବୁଲୁଥିବା ବେଳେ ସେ ଏପରି କାଣ୍ଡ କିପରି ଭିଆଇଲେ ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇଛି। ଏହି ଘଟଣାକୁ କେନ୍ଦ୍ର କରି ଖଣି ମହିଳା କର୍ମଚାରୀ ଜଣଙ୍କ ବିକ୍ରମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବାପରେ ବିକ୍ରମପୁର ପୋଲିସ୍ ଘଟଣା ସମ୍ବନ୍ଧରେ ତଦନ୍ତ କରିବା ସହିତ ଯୁବକକୁ ଖୋଜୁଥିବା କୁହାଯାଉଛି। ଘଟଣାରୁ ପ୍ରକାଶ ହିଙ୍ଗୁଳା ମହାପ୍ରବନ୍ଧକ କାର୍ଯ୍ୟାଳୟରେ ଗତ ୧୩ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ବଲଣ୍ଡା ଅଂଚଳର ଚିତ୍ରସେନ୍ ପ୍ରଧାନ ନାମକ ଜଣେ ବ୍ୟକ୍ତି ପ୍ରବେଶକରି ହିଙ୍ଗୁଳା କ୍ଷେତ୍ରର ଏରିଆ ମ୍ୟନେଜର (ଏପିଏମ)ଙ୍କୁ କାର୍ଯ୍ୟରତ ମହିଳାଙ୍କ ବ୍ୟକ୍ତିଗତ କାଗଜପତ୍ର ମାଗିଥିଲେ। କିନ୍ତୁ ଏପିଏମ ତାହା ଦେବାକୁ ମନା କରିଦେବାରୁ ଚିତ୍ରସେନ ସେଠାରେ ଗାଳିଗୁଲଜ କରିଥିଲେ ବୋଲି ମହିଳା ଜଣଙ୍କ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ପୋଲିସ୍ କେସ୍ ନଂ– ୧୭ /୨୫ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏସମ୍ପର୍କରେ ଚିତ୍ରସେନଙ୍କ କୌଣସି ଯୋଗାଯୋଗ ହୋଇ ନପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଗୁରୁଜାଙ୍ଗୁଲି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦଘାଟିତ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ସେବାସମବାୟ ସମିତି ପକ୍ଷରୁ ସୋସାଇଟର ସଭାପତି ଅର୍ଜୁନ ମହାନ୍ତିଙ୍କ ସଭାପତିତ୍ୱରେ ଆଜି ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଗୁରୁଜାଙ୍ଗୁଲି ସରପଂଚ ଲିନା ସାହୁ, ସମିତିସଭ୍ୟା ରୁନୁ ସିଂହ, ସନ୍ଥପଡ଼ା ସରପଂଚ ସହଦେବ ସାହୁ, ସମିତି ସଭ୍ୟା ବୈଜୟନ୍ତୀ ମହାନ୍ତି, ଆରଏନସିର ଯଦୁମଣି ନାୟକ, ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ଆଜି ଶତାଧିକ ଚାଷୀ ଯୋଗଦେଇ ଉତ୍ପାଦିତ ଧାନକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ପ୍ରଦାନ କରିଥିଲେ। ଅନୁଗୋଳ କିଷ୍ଣା ରାଇସ ମିଲ୍ଲର ସହାୟତାରେ ୨୫୦ କ୍ୱିଟାଂଲ ଧାନ ସଂଗ୍ରହ କରାଯାଇଥିଲା। ସମବାୟ ପକ୍ଷରୁ ଚାଷୀମାନଙ୍କୁ ସମସ୍ତ ସହଯୋଗ ଓ ଚାଷୀମାନେ କିପରି ହଇରାଣ ହରକତ ନହେବେ ସେଥିପାଇଁ ବିଶେଷ ଦୃଷ୍ଟି ଦିଆଯାଇଥିଲା।

## ଘଣ୍ଟପଡା ତ୍ରିନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଟେଣ୍ଟୁଲେଇ ଚାମ୍ପିଅନ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମରେ 'ଟାଇଗର ବଏଜ' ପକ୍ଷରୁ ଆୟୋଜିତ ପ୍ରଥମ ତ୍ରିନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସମ୍ମାନୀୟ ଅତିଥି ଭାବେ ଗ୍ରାମ କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ପ୍ରଧାନ, ସମାଜସେବୀ କ୍ଷୀରୋଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ରାଜକିଶୋର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ମନୋଜ ସାହୁ, ଆପୋଲ ଟାୟାରର ସତ୍ତ୍ୱାଧିକାରୀ ରାହେନ୍ଦ୍ର ବେହେରା, ସମାଜସେବୀ ବିଭୁତି ସାହୁ, ନାଏବ ସରପଂଚ ରାଜୀବ ଦାସ, ସୁଭାଷ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁଜୀ ପଂଚାନନ ପାତ୍ର ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।

ଫାଇନାଲ ଖେଳରେ ଗୋତମରା ଦଳ ପ୍ରଥମେ ଟସ୍ ଜିତି ୧୫ ଓଭରରେ ୮ ୱିକେଟ ହରାଇ ୧୨୨ ରନ କରିଥିବା ବେଳେ ଏହାର ଜବାବରେ ଟେଣ୍ଟୁଲେଇ ଦଳ ୧୪ ଓଭରରେ ୫ ଉଇକେଟ ହରାଇ ୧୨୩ ରନ କରି ଚମ୍ପିୟାନ ହୋଇଥିଲା । ଚମ୍ପିୟାନ ଦଳକୁ ୨୨ ହଜାର ୨୨୨ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଦଳକୁ ୧୨ ହଜାର ୨୨୨ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି । ଏହି ଖେଳରେ ଗୋତମରା ଦଳର ସୋମ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ଟେଣ୍ଟୁଲେଇ ଦଳର ଭିକୁଙ୍କୁ ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳକୁ ଆଶିଷ ସାହୁ ଓ ଦିଲ୍ଲୀପ ଦାସ ପରିଚାଳନା କରିଥିଲେ । ଚନ୍ଦନ ମହାରଣା ଓ ଦିବ୍ୟ ବରାଳ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ଧାରା ବିବରଣୀ ଟିକନ ମାଷ୍ଟ୍ରେ ପ୍ରଦାନ କରିଥିଲେ । ଟାଇଗର ବଏଜ ର ସନ୍ତୁ, ବାଦଲ, ବିଶ୍ୱଜିତ, ବିରେନ ଓ ଦୋରା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ୨୨୦ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ

ଅନୁଗୋଳ, (ସବ୍ୟୁ) : ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଗୋଳ ଜିଲ୍ଲାରେ ଉପଖଣ୍ଡସ୍ତରୀୟ ଅନୁଗୋଳ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଧାୟକ ଅନୁଗୋର୍ଳ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ବିଧାୟକ ଛେଣ୍ଡିପଦା ଅଗସ୍ତି ବେହେରା ଓ ପଞ୍ଚାୟତ ସମିତି ଅଧକ୍ଷ୍ୟ ଉପସ୍ଥିତ ରହି ଅନୁଗୋଳ ବଅଁରପାଳ ଓ ଅନୁଗୋଳ ପୌରପାଳିକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାକାରୀ ୨୨୦ ଜଣଙ୍କୁ ଟ. ୩୫୦୦ ହାରରେ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିଥିଲେ ।

ଜିଲ୍ଲାରେ ସମସ୍ତ ଉପଖଣ୍ଡ ସ୍ତରରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଅଛି । ସାଂସଦ ଢେଙ୍କାନାଳ ରୁଦ୍ର ନାରାୟଣ ପାଣି, ବିଧାୟକ ତାଳଚେର ବ୍ରଜ କିଶୋର ପ୍ରଧାନ ଓ ବିଧାୟକ ପାଲଲହଡା ଅଶୋକ କୁମାର ମହାନ୍ତି କଣିହାଁ ପଞ୍ଚାୟତ ସମିତିଠାରେ ପଞ୍ଚାୟତରାଜ ଅନୁଷ୍ଠାନର ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ । ଜିଲ୍ଲାରେ ମୋଟ ୧୧୪୨୫ ଜଣଙ୍କୁ ବର୍ଦ୍ଧିତ ଭତ୍ତା ନିମନ୍ତେ ରାଜ୍ୟ ସରକାର ଅର୍ଥ ବରାଦ କରିଛନ୍ତି । ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଅଛି ।

## ତାଳଚେର ବ୍ଲକରେ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କ ସଂଖ୍ୟା ୮୪୩

ତାଳଚେର, (ସବ୍ୟୁ) : ତାଳଚେର ସଭାଗୃହ ଠାରେ ବ୍ଲକର ସର୍ବମୋଟ ବର୍ଦ୍ଧିତ ଭତା ହିତାଧିକାରୀଙ୍କ ସଂଖ୍ୟା ୮୪୩ ହୋଇଥିବା ବେଳେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ଆନୁକୂଲ୍ୟରେ ଆଜି ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦% ଏବଂ ଚର୍ତୁର୍ଦ୍ଧ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ୮୦ବର୍ଷରୁ ଏବଂ ୮୦% ପ୍ରତିଶତ ବା ତାଠାରୁ ଅଧି ଭିନ୍ନକ୍ଷମ ବ୍ୟକ୍ତି ପାଉଥିବା ମାସିକ ଭତା ୧୨ଶହ ଟଙ୍କାରୁ ୩ହଜାର ୫ଶହ



ଟଙ୍କାକୁ ବୃଦ୍ଧି କରାଯାଇଛି ।

ବ୍ୟାଙ୍କ ଏକାଉଂଟ ମାଧ୍ୟମରେ ୪୬୨ଜଣଙ୍କୁ ଓ ଟଙ୍କା ମାଧ୍ୟମରେ ୩୮୧ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ତେବେ ଏଥିନେଇ ହିତାଧିକାରୀମାନେ ସରକାରଙ୍କୁ ଧନ୍ୟବାଦ୍ ଦେବାସହ ବର୍ଦ୍ଧିତ ଭତାକୁ ନେଇ ଏକ ଆନନ୍ଦର ମାହୋଲ ଖେଳାଇ ଦେଇଛି ।

(ଶ୍ରୀମଭଗବଦ୍ ଗୀତା ୧୧/୫୪)

–ବିଶ୍ୱରୂପଦର୍ଶନଯୋଗଃ–

(ଶ୍ରୀଭଗବାନୁବାଚ )

**ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବମ୍ବିଧୋର୍ଜ୍ଜୁନ ।**

**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।।୫୪।।**

(ତେବେ କେଉଁ ଉପାୟରେ ଦେଖିବାକୁ ସମର୍ଥ ହେବେ, ଏଥିପାଇଁ କହୁଛନ୍ତି)– ହେ ପରନ୍ତପ ଅର୍ଜ୍ଜୁନ ! ମୋଠାରେ ଏକାନ୍ତ ଭକ୍ତିଦ୍ୱାରା, ଏବମ୍ବିଧ (ବିଶ୍ୱରୂପ) ମୋତେ ଯଥାର୍ଥ ରୂପରେ (ଶାସ୍ତ୍ରତଃ) ଜାଣି ହୁଏ, (ପ୍ରତ୍ୟକ୍ଷରେ) ଦେଖି ହୁଏ, ଏବଂ (ଏକାତ୍ମରୂପରେ ) ମୋଠାରେ ପ୍ରବେଶ କରି ହୁଏ । (ଅନ୍ୟ ଉପାୟରେ ନୁହେଁ) ।।୫୪।।

# ଟ୍ରମ୍ପ ସ୍ୱପ୍ନ ଦେଖୁଛନ୍ତି !

**ସମ୍ପାଦକୀୟ**

ଡୋନାଲଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବେ । ପ୍ରଥମଥର ଠାରୁ ଏଥର ତାଙ୍କର ଶାସନ ଆହୁରି ଶାଣିତ ହେବ ଏବଂ ବିଶ୍ୱ ନୁହେଁ, ଦେଶକୁ ନେଇ ହିଁ ସେ ସବୁ କିଛି ଯୋଜନା କରିବେ, ଯାହା ସ୍ପଷ୍ଟ ହେବାରେ ଲାଗିଛି । ଏମ୍ଏଜିଏ ବା 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ତାଙ୍କର ଆଭିମୁଖ୍ୟ ଏବଂ ଏ ନେଇ ଅନେକ ଯୋଜନା ହୁଏତ ସେ ଚିନ୍ତା କରିସାରିଛନ୍ତି । ସବୁଠାରୁ ବଡ ଓ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଷ୍ଟ୍ରପତି–ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପ, ଆମେରିକୀୟ କ୍ଷେତ୍ରୀୟ ବିସ୍ତାର ନେଇ ଇଛା ପ୍ରକାଶ କରିଛନ୍ତି । ସେ ପାନାମା କେନାଲକୁ ପୁନଃପ୍ରାପ୍ତ କରିବା, ଡେନମାର୍କରୁ ଗ୍ରୀନଲ୍ୟାଣ୍ଡ କିଣିବା ଏବଂ କାନାଡାକୁ ଆମେରିକାର ୫୧ତମ ରାଜ୍ୟ କରିବା ପାଇଁ ତାଙ୍କର ଯୋଜନା ପ୍ରକାଶ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ସେ ଗ୍ରୀନଲ୍ୟାଣ୍ଡ ଏବଂ ପାନାମା କେନାଲ ହାସଲ କରିବା ପାଇଁ ସାମରିକ ଶକ୍ତି ଏବଂ କାନାଡାକୁ ମିଶାଇବା ପାଇଁ ଆର୍ଥିକ ଶକ୍ତି ବ୍ୟବହାର କରିପାରନ୍ତି । ସେ କହିଛନ୍ତି, 'ଆପଣ ସେହି କୃତ୍ରିମ ଭାବରେ ଟଣାଯାଇଥିବା ରେଖା (ଆମେରିକା –କାନାଡ଼ା ସୀମା)କୁ ହଟାଇ ଦିଅନ୍ତୁ ଓ ତାହା କିପରି ଦେଖାଯାଉଛି ତାହା ଦେଖନ୍ତୁ ।' ସେ ଆହୁରି ମଧ କହିଛନ୍ତି ଯେ' ଏହା ଜାତୀୟ ସୁରକ୍ଷା ପାଇଁ ମଧ ବହୁତ ଭଲ ହେବ । ତାଙ୍କର ଏହି କଥା, ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ପ୍ରଶ୍ନ ଉଠୁଛି, ଟ୍ରମ୍ପ କାନାଡା ପାଇଁ ଏକ ଭିନ୍ନ ଆଭିମୁଖ୍ୟ କାହିଁକି ଦେଖାଉଛନ୍ତି? ସେ କ'ଣ ପ୍ରକୃତରେ କାନାଡାକୁ ଆମେରିକୀୟ ଅଞ୍ଚଳରେ ମିଶାଇବାକୁ ଚାହୁଁଛନ୍ତି? କାନାଡାକୁ ସୁରକ୍ଷା ଦେବା ପାଇଁ ଆମେରିକା କୋଟି କୋଟି ଡଲାର ଖର୍ଚ୍ଚ କରିବା ସହ କାନାଡାର କାର୍, କାଠ ଏବଂ କ୍ଷୀର ଉତ୍ପାଦ ଆମଦାନୀ ଯୋଗୁଁ ଏହା ସହିତ ଦ୍ୱିପାକ୍ଷିକ ବାଣିଜ୍ୟରେ ପ୍ରାୟ ୪୦ ବିଲିୟନ ଡଲାର ଆମେରିକୀୟ ବାଣିଜ୍ୟ ନିଅଣ୍ଟ ହେବା ନେଇ ଟ୍ରମ୍ପ ଅସନ୍ତୁଷ୍ଟ ଅଛନ୍ତି । ଏହା ସହିତ, ମେକ୍ସିକୋରୁ ଆମେରିକାରେ ବେଆଇନ ପ୍ରବାସୀ ପ୍ରବେଶ କରିବା ପାଇଁ ଟ୍ରମ୍ପ ମେକ୍ସିକୋ ଏବଂ କାନାଡା ଉପରେ ମଧ ଅସନ୍ତୁଷ୍ଟ, କାରଣ ସେମାନେ କାନାଡା ଦେଇ ମଧ ଆସିଥାନ୍ତି । ନିର୍ବାଚିତ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ, ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ–କାନାଡା ଚୁକ୍ତିନାମା ଉଲ୍ଲଂଘନ କରି, କାନାଡା ଏବଂ ମେକ୍ସିକୋ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି । ଏହା କାନାଡାର ଅର୍ଥନୀତି ପାଇଁ କ୍ଷତିକାରକ ହେବ, କାରଣ ଆମେରିକା ସହିତ ଏହାର ବାଣିଜ୍ୟ ବହୁଳ ଭାବରେ ନିର୍ଭର କରେ । କାନାଡାର ଅନେକ ଲୋକ ୫୧ତମ ରାଜ୍ୟ ହେବାକୁ ଭଲ ପାଆନ୍ତି ବୋଲି ଟ୍ରମ୍ପ ସାମାଜିକ ଗଣମାଧମରେ ପ୍ରକାଶ କରିଛନ୍ତି । ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି ଯେ', ଯଦି କାନାଡା ଆମେରିକାରେ ଯୋଗ ଦିଏ, ତେବେ ଏହା ରୁଷ ଏବଂ ଚୀନ୍‌ର ଧମକରୁ ସମ୍ପୂର୍ଣ୍ଣ ସୁରକ୍ଷିତ ହେବ, ଟ୍ୟାକ୍ସ ଯଥେଷ୍ଟ ହ୍ରାସ ପାଇବ ଏବଂ କୌଣସି ଶୁଳ୍କ ରହିବ ନାହିଁ । କିନ୍ତୁ ଅଧିକାଂଶ କାନାଡିଆନ୍ ଏହି ପ୍ରସ୍ତାବ ଦ୍ୱାରା ପ୍ରଭାବିତ ନୁହଁନ୍ତି । ଗଣମାଧମରେ ପ୍ରକାଶିତ କେତେକ ଗବେଷଣା ଅନୁସାରେ, ୮୦ରୁ ଉର୍ଦ୍ଧ୍ୱ ପ୍ରତିଶତ କାନାଡିଆନ୍ କହିଛନ୍ତି ଯେ ସେମାନେ କାନାଡାକୁ ଆମେରିକାର ୫୧ତମ ରାଜ୍ୟ କରିବାକୁ ଚାହାଁନ୍ତି ନାହିଁ । ତେବେ କାନାଡ଼ାର ରାଜନୈତିକ କଞ୍ଜରଭେଟିଭ ଦଳ (୨୧ ପ୍ରତିଶତ) ଏବଂ ପିପୁଲ୍ସ ପାର୍ଟି (୨୫ ପ୍ରତିଶତ) ଭୋଟର ଆମେରିକାରେ କାନାଡା ଯୋଗଦେବା ସପକ୍ଷରେ ଅଧିକ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି । ଟ୍ରୁଡୋ ଟ୍ରମ୍ପଙ୍କ କାନାଡା ୫୧ତମ ରାଜ୍ୟ ହେବା ଧାରଣାକୁ ଲଗାତାର ପ୍ରତ୍ୟାଖ୍ୟାନ କରିଆସିଛନ୍ତି । ଜଣେ ବ୍ୟବସାୟୀ ଭାବରେ ପ୍ରଥମ ଏବଂ ସର୍ବୋପରି, ଟ୍ରମ୍ପଙ୍କର ସମ୍ଭବତଃ ଅନ୍ତର୍ଜାତୀୟ ବ୍ୟାପାର ଏବଂ ଅର୍ଥନୀତି ଉପରେ ୩୬୦–ଡିଗ୍ରୀ ବାଣିଜ୍ୟବାଦୀ ଦୃଷ୍ଟିକୋଣ ଅଛି । ତାଙ୍କର ଗ୍ରୀନଲ୍ୟାଣ୍ଡ ଏବଂ କାନାଡା ପ୍ରସ୍ତାବ ଆଂଶିକ ଭାବରେ ଚୀନ୍ ଏବଂ ରୁଷୀୟ ଆର୍କଟିକ ଆକ୍ରମଣର ବିପଦକୁ ମୁକାବିଲା କରିବା ପାଇଁ ହୋଇପାରେ । ଏହା ସହିତ, ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଅନୁଯାୟୀ, ଆର୍କଟିକ ଅଞ୍ଚଳରେ ବିଶ୍ୱର ଅନାବିଷ୍କୃତ ତୈଳର ୧୩ ପ୍ରତିଶତ ଏବଂ ୩୦ ପ୍ରତିଶତ ଅନାବିଷ୍କୃତ ଗ୍ୟାସ ରହିଛି । ଆର୍କଟିକ୍ ବରଫ ତଳେ ଆନୁମାନିକ ୧ ଟ୍ରିଲିୟନ ମୂଲ୍ୟର ବିରଳ ମୂଲ୍ୟବାନ ଧାତୁ ଥିବା ଜଣାଯାଇଛି । ତେବେ ଏହା ପ୍ରଥମ ଥର ନୁହେଁ ଯେ ଆମେରିକା କାନାଡାକୁ ମିଶାଇବାକୁ ଚେଷ୍ଟା କରିଛି । ଅତୀତରେ, କାନାଡିଆନମାନେ ଆମେରିକୀୟ ସଂଯୋଗୀକରଣ ଆକାଂକ୍ଷାକୁ ବିରୋଧ କରିଛନ୍ତି । ଆମେରିକୀୟ ଆକ୍ରମଣ ସମ୍ଭାବନା ଦୃଷ୍ଟିରୁ ୧୮୬୭ରେ କାନାଡା ଫେଡେରେସନ ଗଠନ କରିଥିଲା ଯେତେବେଳେ କାନାଡା (ଆଧୁନିକ ଅଣ୍ଟାରିଓ ଏବଂ କ୍ୟୁବେକ୍) ସହ ନ୍ୟୁ ବ୍ରୁନ୍ସୱିକ୍ ଏବଂ ନୋଭା ସ୍କଟିଆ ମିଶିଥିଲା । ତେଣୁ କାନାଡା ଆମେରିକାର ୫୧ତମ ରାଜ୍ୟ ହେବାର ଧାରଣା ବେଶ କିଛି ସମୟ ଧରି ରହିଆସିଛି । ଗବେଷଣା ସଂସ୍ଥା, ଉଡ୍ରୋ ୱିଲସନ୍ ସେଣ୍ଟର ୨୦୧୪ରେ ଆମେରିକା ଏବଂ କାନାଡା ମଧ୍ୟରେ ମିଶ୍ରଣର ସମ୍ଭାବ୍ୟ ଫଳାଫଳ ବିଷୟରେ ଆଲୋଚନା କରିଥିଲା । ମିଶ୍ରଣକୁ ସମର୍ଥନ କରି 'ମର୍ଜର୍ ଅଫ୍ ଦି ସେଞ୍ଚୁରୀ: ହ୍ୱାଇ କାନାଡା ଆଣ୍ଡ ଆମେରିକା ଶୁଡ୍ ବିକମ୍ ୱାନ୍ କଣ୍ଟ୍ରି', ପରି ଗୋଟିଏ ପୁସ୍ତକ ପ୍ରକାଶ ପାଇଥିଲା, ଯାହା ରକ୍ଷଣଶୀଳ ଲେଖକ ଡାଏନ୍ ଫ୍ରାନ୍ସିସ୍ ଲେଖିଥିଲେ । କିନ୍ତୁ ଟ୍ରମ୍ପ କ'ଣ ପ୍ରକୃତରେ କାନାଡାକୁ ମିଶାଇବାକୁ ଚାହୁଁଛନ୍ତି? ହୁଏତ ନୁହେଁ । ଯଦି କାନାଡା ୫୧ତମ ଆମେରିକୀୟ ରାଜ୍ୟ ହୁଏ ତେବେ ଆମେରିକାର ନିର୍ବାଚନୀ ଦୃଶ୍ୟପଟ ପରିବର୍ତ୍ତନ ହେବ । କାଲିଫର୍ଣ୍ଣିଆ ଠାରୁ ଅଧିକ ଜନସଂଖ୍ୟା ଥିବା କାନାଡା ନିଶ୍ଚିତ ଭାବରେ ଡେମୋକ୍ରାଟମାନଙ୍କୁ ୫୪ରୁ ଅଧିକ ଇଲେକ୍ଟୋରାଲ ଭୋଟ ଦେବ, ଯାହା ଆମେରିକାରେ ରାଜନୈତିକ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିବ । ରିପବ୍ଲିକାନ ନେତା ଏହା ସହ୍ୟ କରିପାରିବେ ନାହିଁ । ତେଣୁ, କାନାଡା ବିଷୟରେ ଟ୍ରମ୍ପଙ୍କ ପ୍ରଚାର କେବଳ ତାଙ୍କର ଯୋଜନାବଦ୍ଧ ୨୫ ପ୍ରତିଶତ ଶୁଳ୍କ ଯୋଜନାର ଆଘାତକୁ ହାଲକା କରିବା ପାଇଁ ହୋଇପାରେ । ଟ୍ରୁଡୋ ମଧ ଏହା ଭଲ ଭାବରେ ଜାଣନ୍ତି ଯେ' କାନାଡାକୁ ମିଶାଇବା ବିଷୟରେ ଟ୍ରମ୍ପଙ୍କ କଥା କେବଳ ଏକ ରଣନୀତି ଯାହା ସେ ତାଙ୍କର ପ୍ରସ୍ତାବିତ ଶୁଳ୍କର ପ୍ରଭାବରୁ ଲୋକମାନଙ୍କ ଦୃଷ୍ଟି ହଟେଇବା ପାଇଁ ଉଦ୍ଦିଷ୍ଟ । ଏ ସବୁ ଦୃଷ୍ଟିରୁ ଦେଖିଲେ, ଆମେରିକାରେ ସୁବର୍ଣ୍ଣ ଯୁଗ ଆରମ୍ଭ କରିବା ପାଇଁ ଡୋନାଲଡ ଟ୍ରମ୍ପଙ୍କ ଏହି କ୍ଷେତ୍ରୀୟ ବିସ୍ତାର ପ୍ରସ୍ତାବ ଏକ ଅବାସ୍ତବ ଯୋଜନା ପରି ମନେହୁଏ ।

# କୁମ୍ଭମେଳା: ଆଧ୍ୟାତ୍ମିକ ମହତ୍ତ୍ୱ ଓ ବୈଜ୍ଞାନିକ ଆଧାର

**ମନୋରଞ୍ଜନ ମହାନ୍ତି**

୨୦୨୫ରେ ଅର୍ଥାତ୍ ଚଳିତ ବର୍ଷ ପ୍ରୟାଗରାଜ କୁମ୍ଭମେଳାରେ ୪୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଏକତ୍ର ହେବେ ବୋଲି ଅନୁମାନ କରାଯାଉଛି । ଜାନୁଆରୀ ୧୩ତାରିଖ ପୌଷମାସର ପୂର୍ଣ୍ଣିମାଠାରୁ ଫେବୃଆରୀ ୨୬ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏ ମେଳା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ/ଆଧ୍ୟାତ୍ମିକ ଉତ୍ସବ, ଯେଉଁଥିରେ ଚୀନ୍ ବ୍ୟତୀତ ଯେକୌଣସି ଦେଶର ଜନସଂଖ୍ୟା ଠାରୁ ଅଧିକ ସହଭାଗୀ, ଶ୍ରଦ୍ଧାଳୁ ଯୋଗଦେବେ । ଏହି ଭବ୍ୟ ସଭାର ଉଭୟ ଆଧ୍ୟାତ୍ମିକ ମହତ୍ତ୍ୱ ଓ ବୈଜ୍ଞାନିକ ଆଧାରକୁ ଅତ୍ୟଧିକ ଗୁରୁତ୍ୱ ଦେବା ବା ପ୍ରଶଂସା କରିବା ଆବଶ୍ୟକ ବା ଅନିବାର୍ଯ୍ୟ । କୁମ୍ଭମେଳା ନିର୍ଦ୍ଦିଷ୍ଟ ଅକ୍ଷାଂଶରେ ଅବସ୍ଥିତ ନଦୀମାନଙ୍କର ସଂଗମସ୍ଥଳକୁ ଉପଯୋଗ କରିବାର ଯୋଗବିଜ୍ଞାନ ଆଧାରିତ ଏକ ପ୍ରଥା, ଯାହା କେବଳ ବିଶ୍ୱାସରୁ ନୁହେଁ, ବରଂ ଆମ ଜୀବନ ଓ ଆମ ଚତୁଃପାର୍ଶ୍ୱସ୍ଥ ଭିନ୍ନ ଭିନ୍ନ ଶକ୍ତିଗୁଡ଼ିକ କିପରି କ୍ରିୟାଶୀଳ, ତା'ର ଉତ୍ସୁକ ଅବଲୋକନରୁ ବ୍ୟୁତ୍ପନ୍ନ ତାହା ଦେଖିବାର କଥା । ଚନ୍ଦ୍ର ଓ ସୌରଚକ୍ରଗୁଡ଼ିକ, ବିଶେଷତଃ ସୌରଚକ୍ର, ଯାହାର ଅବଧି ୧୨ବର୍ଷ ୩ମାସ, ଗମ୍ଭୀରତାପୂର୍ବକ ମଣିଷର ଶରୀରବିଜ୍ଞାନ ଓ କଲ୍ୟାଣକୁ ପ୍ରଭାବିତ କରନ୍ତି । କୁମ୍ଭମେଳା ମଣିଷର ଆନ୍ତରିକ ଚକ୍ର (ଇଣ୍ଟର୍‌ନାଲ୍ ସାଇକଲ୍ସ) ସହିତ ବ୍ରହ୍ମାଣ୍ଡୀୟ ଲୟ (କସ୍‌ମିକ୍ ରିଦିମ୍ସ)କୁ ମିଳନ କରାଇବାରେ ସହାୟତା କରିବାକୁ ଲକ୍ଷ୍ୟ ରଖେ । ଏହା ଏକ ପ୍ରଥା, ଯାହାକୁ ପ୍ରାଚୀନ ଯୋଗୀମାନେ ସୂକ୍ଷ୍ମ ଗଣନା ମାଧ୍ୟମରେ ବିକଶିତ କରିଥିଲେ, ଯେହେତୁ ମଣିଷର ମାନସିକ, ଶାରୀରିକ, ଆଧ୍ୟାତ୍ମିକ କଲ୍ୟାଣ ତା'ର ଶାରୀରିକ ପ୍ରଣାଳୀ ବା ବ୍ୟବସ୍ଥା ସହିତ ସୌର ପ୍ରଣାଳୀ ବା ବ୍ୟବସ୍ଥା ଚକ୍ରକୁ ଏକ ସମୟରେ ଘଟାଇବାର ପ୍ରକ୍ରିୟା ଦ୍ୱାରା ନିର୍ଦ୍ଧାରିତ ବା ଅବଧାରିତ ହୋଇଥାଏ ।

ପ୍ରାଚୀନ ଯୋଗୀ ଓ ଋଷି, ସନ୍ଥମାନଙ୍କ ଦ୍ୱାରା ଚିହ୍ନିତ ନଦୀମାନଙ୍କର ସଙ୍ଗମସ୍ଥଳରେ ଜଳସମିତିରୁ ଶକ୍ତି ଏକ ଅନନ୍ୟ, ଅଦ୍ୱିତୀୟ ଜଳାବର୍ତ୍ତ ସୃଷ୍ଟି କରେ, ଯାହା ମଣିଷର କଲ୍ୟାଣ ପାଇଁ ଲାଭଦାୟକ, ହିତକାରୀ । ପୁରାଣର ଉଲ୍ଲେଖ ଅନୁଯାୟୀ ସମୁଦ୍ର ମନ୍ଥନ କାଳରେ ପୃଥିବୀର ଏହି ସବୁ ସ୍ଥାନରେ କୁମ୍ଭ ବା ପାତ୍ରରୁ ଅମୃତ ବୁନ୍ଦା ଢଳାଯାଇଥିଲା, ଜୀବନର ଅମୃତ । ମଣିଷ–ଶରୀରର ଶତକଡ଼ା ୭୨ଭାଗ ଜଳ, ଜଳ ଆମର ଶାରୀରିକ ଅବସ୍ଥାକୁ ମହତ୍ତ୍ୱପୂର୍ଣ୍ଣ ଭାବରେ ସେହି ନିର୍ଦ୍ଦିଷ୍ଟ ଦିନରେ ପ୍ରଭାବିତ କରେ, ଯେଉଁଦିନ ଖଗୋଳଶାସ୍ତ୍ର ଅନୁସାରେ କିଛି ଗ୍ରହ ଏକ ସିଧା ରେଖାରେ ଦୃଶ୍ୟ ହୁଅନ୍ତି, ଯାହା ଗୋଟେ ଦୁର୍ଲ୍ଲଭ ଖଗୋଳୀୟ ଘଟଣା । ଶୂନରୁ ତେତିଶ ଡିଗ୍ରୀ ମଧ୍ୟସ୍ଥ ଅକ୍ଷାଂଶୀୟ କ୍ଷେତ୍ରରେ ଗୋଟେ ପ୍ରାକୃତିକ ଉର୍ଜାର ଅଭ୍ୟୁତ୍ଥାନ ହୋଇଥାଏ । ଏହି ଉତ୍ତର ଅକ୍ଷାଂଶୀୟ କ୍ଷେତ୍ର ବା ସୀମାରେ କେନ୍ଦ୍ରାପସାରୀ ବଳ ବା ଅପକେନ୍ଦ୍ରୀ ଶକ୍ତି ପାଖାପାଖି ସମକୋଣ ବା ୯୦ଡିଗ୍ରୀ ଆକାରରେ କାର୍ଯ୍ୟ କରେ, ଯେଉଁଥିପାଇଁ ଭାରତବର୍ଷକୁ ପୁଣ୍ୟଭୂମି କୁହାଯାଏ, ଯେଉଁ ଭୂମିରେ ଆଧ୍ୟାତ୍ମିକ ବିକାଶ ନିମିତ୍ତ ପୃଥିବୀର ଘୂର୍ଣ୍ଣନ ସ୍ୱାଭାବିକ ଭାବରେ ସହାୟତା କରେ । ସ୍ମରଣାତୀତ କାଳରୁ ସନାତନ ଧର୍ମ ଏହି ଗୂଢ଼ ଜ୍ଞାନକୁ ସାମାଜିକ ସୂତ୍ରରେ ଗୁନ୍ଥି ଦେଇଛି । ଏହି ବିଜ୍ଞାନ 'ଭୂତ ଶୁଦ୍ଧି' ଉପରେ ଆଧାରିତ, ଯାହା ଯୋଗର ଏକ ମୂଳଭୂତ ବା ମୌଳିକ ରୂପ, ପଞ୍ଚଭୂତକୁ ଶୁଦ୍ଧ, ସ୍ୱଚ୍ଛ, ପବିତ୍ର ବା ପରିମାର୍ଜନ କରିବା ଉପରେ କେନ୍ଦ୍ରିତ । ଲକ୍ଷ୍ୟ ହେଉଛି ଏକ ଆନ୍ତରିକ ସ୍ଥିତି ବିକଶିତ କରିବା ଓ ପୂର୍ଣ୍ଣ କଲ୍ୟାଣ ପ୍ରାପ୍ତ କରିବା ।

ଅନେକ ଲୋକ କୁମ୍ଭମେଳାକୁ ପର୍ଯ୍ୟଟକ ଭାବରେ ଯାଆନ୍ତି, କିନ୍ତୁ ଏହାର ସାରତତ୍ତ୍ୱ ନିହିତ ଗୋଟେ ପରିବର୍ତ୍ତନ ପ୍ରକ୍ରିୟାରେ, ଯାହା ବୈଜ୍ଞାନିକ ଜ୍ଞାନ ଓ ପ୍ରସ୍ତୁତି ସହିତ ସମ୍ପର୍କିତ । ଆଦର୍ଶ ରୂପରେ, ସହଭାଗୀ ଶ୍ରଦ୍ଧାଳୁମାନେ ସେଠାରେ ଗୋଟେ ସମ୍ପୂର୍ଣ୍ଣ ମଣ୍ଡଳ ଅର୍ଥାତ୍ ୪୮ଦିନ ରହିବା ଉଚିତ, ପବିତ୍ର ଜଳରାଶିରୁ ପୂର୍ଣ୍ଣ ଲାଭ ପ୍ରାପ୍ତି ନିମିତ୍ତ ନିର୍ଦ୍ଦିଷ୍ଟ ଆଚରଣ, ଅଭ୍ୟାସରତ ହେବା ଉଚିତ । ଆଗନ୍ତୁକମାନେ କୁମ୍ଭରେ ସ୍ନାନ କରିବା ପୂର୍ବରୁ ଘରେ ୪୦ଦିନ ଧରି ପ୍ରତିଦିନ ୧୦ମିନିଟ୍ ସାଧନା କରିବା ଆବଶ୍ୟକ ବା ଅନିବାର୍ଯ୍ୟ ।

କୁମ୍ଭମେଳା ପବିତ୍ର ନଦୀକୂଳରେ ଆୟୋଜିତ ହୁଏ, ହରିଦ୍ୱାରରେ ଗଙ୍ଗା, ଉଜ୍ଜୟିନୀରେ ସିପ୍ରା, ନାଶିକ୍‌ରେ ଗୋଦାବରୀ ନଦୀକୂଳରେ, ପ୍ରୟାଗରାଜରେ ଗଙ୍ଗା, ଯମୁନା, ଅଦୃଶ୍ୟ ସରସ୍ୱତୀର ତ୍ରିବେଣୀ ସଂଗମରେ । ସାଧାରଣ କୁମ୍ଭମେଳା ପ୍ରତି ୩ବର୍ଷରେ ଥରେ, ଅର୍ଦ୍ଧକୁମ୍ଭ ପ୍ରତି ୬ବର୍ଷରେ ଥରେ, ପୂର୍ଣ୍ଣକୁମ୍ଭ ପ୍ରତି ୧୨ବର୍ଷରେ ଥରେ ଆୟୋଜିତ ହୁଏ । କିନ୍ତୁ ୨୦୨୫ବର୍ଷର ମହାକୁମ୍ଭ ମେଳା ପ୍ରୟାଗରାଜରେ ଆୟୋଜିତ ହେଉଛି ୧୨ଟି କୁମ୍ଭଚକ୍ର ଅର୍ଥାତ୍ ୧୪୪ବର୍ଷ ପରେ, ଯାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେଠାରେ ସ୍ନାନ କରିବାର ତାରିଖଗୁଡ଼ିକ ହେଉଛି ୨୦୨୫ ଜାନୁଆରୀ ୧୩ ତାରିଖ ପୌଷ ପୂର୍ଣ୍ଣିମା, ୧୪ ତାରିଖ ମକର ସଂକ୍ରାନ୍ତି, ୨୯ ତାରିଖ ମୌନି ଅମାବାସ୍ୟା, ଫେବୃଆରୀ ୩ ତାରିଖ ବସନ୍ତ ପଞ୍ଚମୀ, ୧୨ ତାରିଖ ମାଘ ପୂର୍ଣ୍ଣିମା, ୨୬ ତାରିଖ ମହାଶିବରାତ୍ରି ।

ଲାକ୍ଷଣିକ ରୂପରେ କୁମ୍ଭ ମନୁଷ୍ୟ–ଶରୀରର ପ୍ରତୀକ, ଯେଉଁ ଶରୀର ଜ୍ଞାନ, ବୁଦ୍ଧି, ବିବେକର ଅମୃତ ଧାରଣ କରିଛି । ଅଥର୍ବ ବେଦ କହନ୍ତି, 'ଗୁହାଳରେ ଗୋରୁମାନେ ଯେଭଳି, ମଣିଷ–ଶରୀରରେ ସମସ୍ତ ଦେବତା ସେଭଳି ପ୍ରତିଷ୍ଠାପିତ ।' ତେଣୁ ମଣିଷ–ଶରୀରକୁ ଶୁଦ୍ଧ, ନିର୍ମଳ କରିବା ଉଚିତ, ଯେହେତୁ ଏ ହେଉଛି ମଣିଷର ଧର୍ମ, ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନର ମାଧ୍ୟମ । ହିନ୍ଦୁମାନେ ନଦୀକୁ କେବଳ ଜଳାଶୟ ରୂପରେ ନୁହଁ, ବହିଃପ୍ରକୃତିର ଅତି ପ୍ରାଚୀନ, ଆଦିମ ତତ୍ତ୍ୱର ସମ୍ମେଳନ ରୂପରେ ବିଚାର କରନ୍ତି, ଯାହା ସବୁକୁ ଶୁଦ୍ଧ, ନିର୍ମଳ ଓ ଉର୍ଜାଯୁକ୍ତ କରେ । ଜଳକୁ ଶରୀର ଓ ମନର ବିଶୋଧକ ଏବଂ ମଣିଷର ସମସ୍ତ ଗତିବିଧି ଓ କାର୍ଯ୍ୟକଳାପର ସାକ୍ଷୀ ରୂପରେ ବିଚାର କରାଯାଏ । ଋଗ୍‌ବେଦରେ ମଣିଷର ପ୍ରାର୍ଥନା ଏହିପରି ଉଲ୍ଲେଖ ଅଛି, 'ଯାହା ବି ପାପ ମୁଁ କରିଛି / ଯାହା ଭୁଲ୍ କରିଛି / ଯଦି ମୁଁ କହିଛି ବା ମିଛ ଶପଥ କରିଛି / ହେ ଜଳରାଶି ! ସବୁକୁ ମୋ ଠାରୁ ଦୂର କରିଦିଅ ।'

କୁମ୍ଭମେଳାରେ ସ୍ନାନକାଳରେ ସହଭାଗୀ, ଶ୍ରଦ୍ଧାଳୁ ମଣିଷମାନେ ଏହିପରି ପ୍ରାର୍ଥନା କରିବା ପୂର୍ବରୁ ଓଁକାର ଧ୍ୱନି ଅର୍ଥାତ୍ ପବିତ୍ର ପ୍ରଣବ ଉଚ୍ଚାରଣ କରନ୍ତି । ପ୍ରାଚୀନ ସଂସ୍କୃତି ଓ ପାରମ୍ପରିକ ବିଶ୍ୱାସ ଅନୁଯାୟୀ ଆମର ବିଶ୍ୱବ୍ରହ୍ମାଣ୍ଡ କମ୍ପନ–ଆବୃତ୍ତିରେ ଗୁଞ୍ଜୟମାନ ବା ପ୍ରତିଧ୍ୱନିତ ହୁଏ, ଯାହା ଆମ କାନକୁ ଶୁଣାଯାଏ ନାହିଁ । ମୌଳିକ ବ୍ରହ୍ମାଣ୍ଡୀୟ ଧ୍ୱନି ଆଧ୍ୟାତ୍ମିକ ଉର୍ଜାରେ ଭରା, ଫଳତଃ ସମ୍ପୂର୍ଣ୍ଣ ଅସ୍ତିତ୍ୱ ଉର୍ଜା ବା ଶକ୍ତିରେ ପ୍ରତିଧ୍ୱନିତ ହୁଏ । ଆମେ ସମସ୍ତେ ନାନାଦି ଭଜନ, ସ୍ତୋତ୍ର, ମନ୍ତ୍ର, ଗୀତ, ଆଧ୍ୟାତ୍ମିକ ସଙ୍ଗୀତ ରଚନାର ଯାଦୁ ବା ଆକର୍ଷଣଜନିତ କୃତ୍ରିମ ନିଦ୍ରାବସ୍ଥା ସହିତ ଏବଂ ଆନ୍ତରିକ ଜାଗୃତିକୁ ଉଦ୍ଦୀପିତ ବା ପ୍ରଜ୍ୱଳିତ କରିବାରେ ସେଗୁଡ଼ିକର ଯାଦୁକାରୀ ଶକ୍ତି ସହିତ ବେଶ୍ ପରିଚିତ ଅଛନ୍ତି । ବୈଦିକ ମନ୍ତ୍ରଗୁଡ଼ିକ ବ୍ରହ୍ମାଣ୍ଡୀୟ ଧ୍ୱନିର ଆଧ୍ୟାତ୍ମିକ ଶକ୍ତିକୁ ଗଣିତୀୟ ପରିଶୁଦ୍ଧତାର ସହିତ ମାର୍ଗଦର୍ଶନ କରନ୍ତି ଏବଂ ଦେବଦେବୀମାନଙ୍କୁ ଆବାହନ କରିବା ନିମିତ୍ତ ଉଚ୍ଚାରଣକୁ ବିଧିପୂର୍ବକ ବା ଔପଚାରିକତାର ସହିତ ସଂପାଦିତ କରନ୍ତି ।

ଅତ୍ୟନ୍ତ ମୂଳଭୂତ ବା ଆଧାରଭୂତ ମନ୍ତ୍ର ହେଉଛି ପବିତ୍ର କମ୍ପନ ବା ସ୍ପନ୍ଦନ ଯାହା 'ଓଁ' ରୂପରେ ନିର୍ଦ୍ଧାରିତ ହୋଇଛି ଓ ଜିହ୍ୱାର ବିନା ସାହାଯ୍ୟରେ ଉଚ୍ଚାରିତ ହେଉଛି । ଧ୍ୱନିର ୧ମ ଅକ୍ଷର 'ଅ' ବ୍ରହ୍ମାଣ୍ଡର ଭୌତିକ ରୂପର ଓ ଅଭିଳାଷ ଆକାରରେ ମଣିଷର ପ୍ରତିନିଧିତ୍ୱ କରୁଛି । 'ଉ' ତେଜର ପ୍ରତୀକ, ବୁଦ୍ଧି ବା ପାଣ୍ଡିତ୍ୟ ଭାବରେ ପ୍ରକଟ ହେଉଥିବା ଏକ ଜଟିଳ ଆକାର ବା ସଂରଚନା । 'ମ' ଅକ୍ଷର ଉଚ୍ଚାରଣ ବେଳେ ପାଟି ବନ୍ଦ ହୋଇଯାଉଛି, ଯାହା ସୂଚିତ କରୁଛି 'ଅ', 'ଉ'ର ଅନ୍ତ ଅର୍ଥାତ୍ ଅଭିଳାଷ ଓ ବୁଦ୍ଧି, ପାଣ୍ଡିତ୍ୟର ବିଲୟ ଏବଂ ସ୍ୱପ୍ନହୀନ ନିଦ୍ରାର କାରଣବାଚକ କାର୍ଯ୍ୟକ୍ଷେତ୍ର ମଧ୍ୟକୁ ପ୍ରବେଶ । ତେଣୁ 'ଓଁ' ଉଚ୍ଚାରଣ ବେଳେ ଆମେ ନିଜ ଶୁଦ୍ଧ ଚେତନାର ବିପୁଳ ଶୂନ୍ୟତା କ୍ଷେତ୍ରରେ ପହଞ୍ଚାଇଥାଉ । 'ମଣ୍ଡୁକ୍ୟ ଉପନିଷଦ' ଉଦାହରଣ ଦେଇ ସ୍ପଷ୍ଟ କରନ୍ତି ଯେ ଯିଏ 'ଓଁ'କୁ 'ଆତ୍ମା' ବୋଲି ଜାଣନ୍ତି, ସେ ନିରାକାର ବ୍ରହ୍ମଙ୍କ ସହିତ ଏକାକାର ହୋଇଯାଆନ୍ତି ।

ମନ୍ତ୍ରଗୁଡ଼ିକ ଚିରନ୍ତନ ସତ୍ୟର ମର୍ମ ବା ସାର । କେତେକ ସୁପରିଚିତ ମନ୍ତ୍ର ହେଉଛି ଶାନ୍ତି ମନ୍ତ୍ର, ଗାୟତ୍ରୀ ମନ୍ତ୍ର, ଅସତୋ ମା' ସଦ୍‌ଗମୟ । ବିଶ୍ୱାସ କରାଯାଏ ପବିତ୍ର ମନ୍ତ୍ରଗୁଡ଼ିକ ଦେବବାଣୀ ଯାହା କେବଳ ସ୍ୱୟଂସିଦ୍ଧ ଦ୍ରଷ୍ଟାଙ୍କଠାରେ ପ୍ରତ୍ୟକ୍ଷ ଭାବରେ ପ୍ରକଟ ବା ପ୍ରକାଶିତ ହୋଇଥାଏ । ମଣିଷକୁ ଭାବାତୀତ ଆଧ୍ୟାତ୍ମିକ ଆନନ୍ଦ ଅନୁଭବ ପାଇଁ ସମର୍ଥ କରାଇବାକୁ ପୁରାଣ, ମହାକାବ୍ୟ ଇତ୍ୟାଦି ରଚନା କରାଯାଇଥିଲା ଏବଂ ଜୀବନର ରହସ୍ୟାବୃତ ଅନିଶ୍ଚିତତା ଭିତରୁ ଆଧ୍ୟାତ୍ମିକତା ବିକଶିତ ହୋଇଥିଲା ।

ପ୍ରତ୍ୟେକ ବୈଦିକ ମନ୍ତ୍ରର ୪ଟି କେନ୍ଦ୍ର ଅଛି : ଋଷି (ଯିଏ ମନ୍ତ୍ର ରଚନା କରନ୍ତି), ଦେବତା (ଯାହାଙ୍କୁ କେନ୍ଦ୍ର କରି ମନ୍ତ୍ରଟି ରଚନା କରାଯାଏ), ସ୍ୱର (କଥନ, ଉକ୍ତି ବା ଉଚ୍ଚାରଣର ପଦ୍ଧତି) ଏବଂ ଛନ୍ଦ (ବାଞ୍ଛିତ ଧ୍ୱନି ଉତ୍ପନ୍ନ କରୁଥିବା ମନ୍ତ୍ରର ଉଚ୍ଚାରଣ) । ମନ୍ତ୍ର ରଚନାରେ କଠୋର ଶୃଙ୍ଖଳା ଓ ପ୍ରାଞ୍ଜଳ ଉଚ୍ଚାରଣ ହେତୁ ରଚନା ହେବାର ବହୁବର୍ଷ ପରେ ମଧ ବେଦ, ପୁରାଣ ଓ ସ୍ମୃତିର ମନ୍ତ୍ରଗୁଡ଼ିକ ସେମାନଙ୍କର ପ୍ରାଚୀନ ମୌଳିକ ରୂପକୁ ବଜାୟ ରଖିଛନ୍ତି ।

ଗୋଟେ ବିଶ୍ୱାସ ଅଛି ଯେ ମନ୍ତ୍ରଗୁଡ଼ିକ ବ୍ରହ୍ମାଣ୍ଡୀୟ କମ୍ପନଗୁଡ଼ିକର ଭିନ୍ନ ଭିନ୍ନ ସ୍ତରରୁ ବାଞ୍ଛିତ ଉର୍ଜା ଉତ୍ପନ୍ନ କରନ୍ତି । ପ୍ରତ୍ୟେକ ମନ୍ତ୍ରର ଜଣେ ଜଣେ ପୀଠାସୀନ ଦେବତା ଥାଆନ୍ତି, ମନ୍ତ୍ରର ଚୟନାତ୍ମକ ଧ୍ୱନିଗୁଡ଼ିକ ଅନିବାର୍ଯ୍ୟ ଘଟକ ରୂପେ କାର୍ଯ୍ୟ କରି ସେହି ଦେବତାଙ୍କ ଉର୍ଜାର ବିଶିଷ୍ଟ ଆୟାମଗୁଡ଼ିକୁ ଉପଲବ୍ଧ କରାନ୍ତି । ପ୍ରତ୍ୟେକ ମନ୍ତ୍ର ତେଣୁ ଗୋଟେ ଭିନ୍ନ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରେ । ଗୋଟେ ମନ୍ତ୍ରକୁ ପୁନଃପୁନଃ ଆବୃତ୍ତି କରିବା ହେଉଛି ଗ୍ରାମୋଫୋନ୍ ଛୁଞ୍ଚ ଡିସ୍କ ଉପରେ ଅଟକିଯିବା ସହିତ ସମାନ, ମନ୍ତ୍ରର ଧ୍ୱନି ଆମ ମନୋଭୂମିରେ ଗଭୀରରୁ ଆହୁରି ଗଭୀର ନାଳ ଖୋଳି ଖୋଳି ଯାଉଥାଏ ଓ ଆମର ଚେତନାକୁ ନିର୍ମଳ, ପ୍ରଶାନ୍ତ, ପରମ ଆନନ୍ଦ ଅଭିମୁଖେ ପରିବହନ କରିନେଉଥାଏ । କୁମ୍ଭମେଳା ସ୍ଥଳରେ ଯୋଗ ଆଚରଣ ଓ ମନ୍ତ୍ର ଉଚ୍ଚାରଣ କାଳରେ ସହଭାଗୀ ଶ୍ରଦ୍ଧାଳୁମାନଙ୍କର ଏହିପରି ଅନୁଭୂତି ଓ ଅନୁଭବ ହିଁ ହୋଇଥାଏ ।


**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ–୯୮୫୩୨୮୨୯୬୨**


# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

**ଡାକ୍ତର ସମ୍ରାଟ କର**

**ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ୍ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ ।**

ଶୀତ ତ ଦିନ । ସେ ଦିନ କୁହୁଡ଼ି ଭରା ଶୀତୁଆ ସକାଳୁ ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ । ତାଙ୍କ ଭାଇ କୌଣସି ଏକ କମ୍ପାନୀରେ ଏକ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନ ଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ, ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅ ନାହିଁ । କାରଣ, ବାସ୍ତବ କଥା ହେଉଛି ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ୍ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ୍ ଶକ୍ତି ସଂପନ୍ନ ଅନୁଭବ ହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ । କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଅନୁଭୂତ ହୋଇଥାଏ । ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ । ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ । ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ । ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ । ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ । ସନ୍ତୁଳିତ ଆହାର ମଧ ଉପଶମ ଆଣିବାରେ ସହାୟକ ହୁଏ । ବିଶେଷକରି ଓମେଗା–୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ ।

ସେହିପରି ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ । ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ ଏ ଦିଗରେ ଉପାଦେୟ । ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ । ଯଦି ଯାବତୀୟ ପ୍ରତିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ ।

ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ ନ କରି ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଧ୍ୟାନ ଦେବା ଆବଶ୍ୟକ । ଏ ନେଇ ସର୍ବପ୍ରଥମେ ଆମେ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖିବା ଜରୁରୀ । ତାହାହେଲେ ହୁଏତ ଏହା ସେପରି ବଡ଼ ସମସ୍ୟା ହୋଇ ରହିବ ନାହିଁ ।


**ମାନସିକ ରୋଗ ବିଶେଷଜ୍ଞ,**
**ପୁରୀଘାଟ ରୋଡ଼, କଟକ**


# ଶିକ୍ଷା ମନୁଷ୍ୟକୁ ନିଜ ଗୋଡରେ ଠିଆ ହେବାକୁ ଶିଖାଇଥାଏ

ଉତ୍ତମ ସ୍ୱାସ୍ଥ୍ୟ ସାହସ ସହିତ ଜଡ଼ିତ ଏବଂ ଉତ୍ତମ ଶିକ୍ଷା, ସଂସ୍କୃତି ସହିତ ଜଡିତ । ଉତ୍ତମ ଶିକ୍ଷା ସାହସର ସେତୁ ହୋଇଥିବାବେଳେ ଭଲ ସଂସ୍କୃତିର ରାସ୍ତା ମଧ ହୋଇଥାଏ । ଗୋଟିଏ ସେତୁ ଏକ ରାସ୍ତାକୁ ସଂଯୋଗ କରିବାକୁ କାର୍ଯ୍ୟ କରେ, ସେତେବେଳେ ସେହି ରାସ୍ତା ଗନ୍ତବ୍ୟ ସ୍ଥଳକୁ ନେଇଯାଏ, ଯେଉଁଠାରେ, ଆଉ ସେତୁ କିମ୍ବା ରାସ୍ତା 'କାର୍ଯ୍ୟ' କରେ ନାହିଁ ।

ବାସ୍ତବରେ, ଏହା ବ୍ୟକ୍ତିର ମାନବିକତା କିମ୍ବା ବୀରତ୍ୱ ହେବ ଯାହା ଗତିଶୀଳ ହୋଇ ତାକୁ ସେତୁର ଗୋଟିଏ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ନେଇଯିବ । ସେହିଭଳି, ଜଣେ ବ୍ୟକ୍ତିର ସୁ–ସଂସ୍କାର ଚେତନା ହିଁ ତାଙ୍କୁ ସକ୍ରିୟ ରଖିଥାଏ ।

ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରକୃତରେ ଉତ୍ତମ ସ୍ୱାସ୍ଥ୍ୟର ସେତୁକୁ ମାନବିକତାର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉତ୍ତମ ଶିକ୍ଷାର ରାସ୍ତା ସହିତ ଯୋଡିବାର ଦର୍ଶନ ଅଟେ । ୧୨ ଜାନୁଆରୀ ୧୮୬୩ରେ କଲିକତାରେ ଜନ୍ମ ହୋଇଥିବା ନରେନ୍ଦ୍ରନାଥ ପରେ ସ୍ୱାମୀ ବିବେକାନନ୍ଦ ନାମରେ ପରିଚିତ ହେଲେ । ସେ ଜ୍ଞାନର ସ୍ଲୋଗାନ ଉଠାଇଲେ ଏବଂ ଅଜ୍ଞତା ଏବଂ ଅନ୍ଧବିଶ୍ୱାସ ବିରୁଦ୍ଧରେ ଚିନ୍ତା କଲେ, ମନ୍ଦ ତଥା ଖରାପ ଅଭ୍ୟାସକୁ ଚ୍ୟାଲେଞ୍ଜ କଲେ ଏବଂ ବେଦାନ୍ତ ଏବଂ ବିଜ୍ଞାନ ମଧ୍ୟରେ ସମନ୍ୱୟ ସ୍ଥାପନ କଲେ । ସେ ପ୍ରକୃତରେ ଜ୍ଞାନର ଅଗ୍ରଦୂତ ଥିଲେ । ସେ ଉପନିଷଦର ଉଜ୍ଜ୍ୱଳତାକୁ ଆଲୋକିତ କରି ବେଦାନ୍ତର ପ୍ରକୃତ ଅର୍ଥ ବୁଝାଇଥିଲେ ।

ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ କେବଳ ଉତ୍ତମ ସ୍ୱାସ୍ଥ୍ୟର ଭିତ୍ତିରେ ଉତ୍ତମ ଶିକ୍ଷାର ନିର୍ମାଣ ହୋଇପାରିବ । ବାସ୍ତବରେ, ସତ୍ୟ ହେଉଛି, ଉତ୍ତମ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ସହିତ ଜଡିତ । ସ୍ୱାମୀ ବିବେକାନନ୍ଦ ପିଲାଦିନରୁ ବହୁତ ସାହସୀ ଥିଲେ ।

ସାପର ଉପସ୍ଥିତିରେ ମଧ ସେ ଧ୍ୟାନରେ ବ୍ୟସ୍ତ ରହିବାର କାହାଣୀ ଏବଂ ଭୂତ ସହିତ, ଯେପରିକି ବ୍ରହ୍ମରାକ୍ଷସ ଏକ ବୃକ୍ଷ ଉପରେ ଯୁଦ୍ଧ କରିବାର କାହାଣୀ (ଯାହା ତାଙ୍କ ଦୃଷ୍ଟିରେ ଏକ ଅନ୍ଧବିଶ୍ୱାସ ଥିଲା), ବାସ୍ତବରେ, ତାହା ତାଙ୍କ ସାହସର ଏକ ଉଦାହରଣ ଥିଲା । ଉତ୍ତମ ସ୍ୱାସ୍ଥ୍ୟରୁ ସାହସ ଏବଂ ଉତ୍ତମ ଶିକ୍ଷାରୁ ଜନ୍ମିତ ଜ୍ଞାନ, ସଂସ୍କାରର ଉଦାହରଣ ଅଟେ ।

ସ୍ୱାମୀ ବିବେକାନନ୍ଦଙ୍କ କଥାରେ, 'ଦୁର୍ବଳ ମନ କିଛି କରିପାରିବ ନାହିଁ । ବର୍ତ୍ତମାନ ଆମକୁ ଏପରି ଅଦରକାରୀ ମନ ପରିବର୍ତ୍ତନ କରିବାକୁ ପଡିବ । ସମସ୍ତେ ଶକ୍ତିଶାଳୀ ହେବା ଉଚିତ । ଉତ୍ତମ ଶିକ୍ଷା ବିଷୟରେ ତାଙ୍କର ଚିନ୍ତାଧାରା ହେଉଛି, 'ଯାହା ସାହାଯ୍ୟରେ ଇଚ୍ଛାଶକ୍ତିର ଗତି ଏବଂ ଶକ୍ତି ନିୟନ୍ତ୍ରଣ କରାଯାଇପାରିବ, ଯେଉଁ କାରଣରୁ ପ୍ରକୃତ ମାନବିକତା, ଚରିତ୍ର ଏବଂ ଜୀବନ ଗଠନ ହୋଇପାରିବ, ଯେଉଁ କାରଣରୁ ଇଚ୍ଛା ପୂରଣ ହୋଇପାରିବ, ତାହା ହେଉଛି ଶିକ୍ଷା ।'

ସ୍ୱାମୀ ବିବେକାନନ୍ଦଙ୍କ ଅନୁଯାୟୀ ମାନବିକ ମୂଲ୍ୟବୋଧର ସଂରକ୍ଷଣ ତଥା ପ୍ରଚାରରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିକ୍ଷାର କାର୍ଯ୍ୟ, ଡିଗ୍ରୀର ପର୍ବତ ସୃଷ୍ଟି କରିବା କିମ୍ବା ଡିଗ୍ରୀଧାରୀଙ୍କ ସୈନ୍ୟବାହିନୀ ପ୍ରସ୍ତୁତ କରିବା ନୁହେଁ ବରଂ ଉତ୍ତମ ଶିକ୍ଷା ହେଉଛି ଯାହା ଭଲ, ସେହି ମୂଲ୍ୟର ସୁଗନ୍ଧ ଚର୍ତୁଦିଗରେ ବିସ୍ତାର କରିବା । ଭଲ ଶିକ୍ଷାର କାର୍ଯ୍ୟ ହେଉଛି ବିନାଶ କରିବା ନୁହେଁ, ବରଂ ନୂଆ କିଛି ସୃଷ୍ଟି କରିବା ।

ସ୍ୱାମୀ ବିବେକାନନ୍ଦଙ୍କ କଥାରେ, ଯେଉଁ 'ଶିକ୍ଷା ବ୍ୟବସ୍ଥା ମାନବିକତାକୁ ଶିକ୍ଷା ଦିଏ ନାହିଁ, ଏହାକୁ ନିର୍ମାଣ କରିବାରେ ସାହାର୍ଯ୍ୟ କରେ ନାହିଁ ଏବଂ କେବଳ ଜାଣେ ଯେ କିପରି ପୂର୍ବରୁ ନିର୍ମିତ ଜିନିଷକୁ ଭାଙ୍ଗିବ, ସେପରି ଶିକ୍ଷା ମନୁଷ୍ୟର କୌଣସି ପ୍ରକାରେ ଲାଭ କରାଏ ନାହିଁ । ତେଣୁ ତାହା ମୃତ୍ୟୁ ଅପେକ୍ଷା ଅଧିକ ଭୟଙ୍କର ଅଟେ ।

ଅନ୍ୟ ଏକ ସ୍ଥାନରେ ସ୍ୱାମୀ ବିବେକାନନ୍ଦ କହିଥିଲେ, 'କେବଳ କିଛି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କିମ୍ବା ବକ୍ତୃତା ପ୍ରଦାନ କରିବାର ଶକ୍ତି ହାସଲ କରିବାକୁ ଶିକ୍ଷିତ ହେବା କୁହାଯାଏ ନାହିଁ । ବରଂ ଯେଉଁ ଶିକ୍ଷା ସାହାଯ୍ୟରେ ଜୀବନ ପାଇଁ ସଂଗ୍ରାମ କରିବାକୁ ଲୋକଙ୍କୁ ସଶକ୍ତ କରାଯାଇପାରିବ ନାହିଁ ଏବଂ ମନୁଷ୍ୟ ପରୋପକାରୀ ପାଇଁ ପ୍ରସ୍ତୁତ ହୋଇପାରିବ ନାହିଁ ଏବଂ ସିଂହ ପରି ସାହସୀ ହୋଇପାରିବ ନାହିଁ , ତାହା କଣ ଶିକ୍ଷା ?

ଶିକ୍ଷା ହେଉଛି ଏଭଳି ଏକ ସମ୍ପଦ, ଯାହା ମନୁଷ୍ୟକୁ ନିଜ ପାଦରେ ଠିଆ ହେବାକୁ ଶିଖାଇଥାଏ ।


**ମାନସ କୁମାର କର**
**କୋଡାଙ୍ଗ, କୋଣାର୍କ ,**
**ମୋ–୭୩୮୧୩୮୨୨୧୦**



ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )

samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ୟୁନିଟରେ
# ଏନଆଇଟି ରାଉରକେଲା ଛାତ୍ର ଛାତ୍ରୀଙ୍କୁ ଆତିଥ୍ୟ

ଭୁବନେଶ୍ୱର (ସବ୍ୟୁ): ଭାରତର ସିମେଣ୍ଟ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ଏହାର ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ସର୍ବାଧୁନିକ ସମନ୍ୱିତ ସିମେଣ୍ଟ ୟୁନିଟରେ ଏକ ଶିକ୍ଷ ଶିକ୍ଷଣୀୟ ପରିଦର୍ଶନ (ଏକ୍ସପୋଜର) ଗସ୍ତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି (ଏନଆଇଟି) ରାଉରକେଲାର ୪୦ ଜଣ ଛାତ୍ର ଛାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ) ସହଯୋଗୀତାରେ ଆୟୋଜିତ ହୋଇଥିଲା, ଯାହା ଶିକ୍ଷାଗତ ଜ୍ଞାନକୁ ବାସ୍ତବ ଜଗତ ଶିଳ୍ପ କାର୍ଯ୍ୟାଭ୍ୟାସ ସହିତ ଯୋଡିବା ଲକ୍ଷ୍ୟ ରଖିଥିଲା, ଏବଂ ଏହି ଅବସରରେ ଛାତ୍ର ଛାତ୍ରୀଙ୍କୁ ଉନ୍ନତ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ଅନ୍ତର୍ଦୃଷ୍ଟି ପ୍ରଦାନ କରାଯାଇଥିଲା । ଆଶିଷ କୁମାର କନର, ସାଇଣ୍ଟିଷ୍ଟ-ଡି ଏବଂ ଜଏଣ୍ଟ ଡାଇରେକ୍ଟର, ବିଆଇଏସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ମଧ୍ୟ ବାସ୍ତବ ଜଗତ ଶିଳ୍ପ ପରିଚାଳନା କ୍ଷେତ୍ରରେ ବିଆଇଏସ ମାନକଗୁଡିକର ପ୍ରୟୋଗ ସମ୍ପର୍କରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ପ୍ଲାଣ୍ଟ ପରିଦର୍ଶନର ଏକ ପ୍ରମୁଖ ବିଷୟ ଥିଲା ଯେ ଉକ୍ତ ପ୍ଲାଣ୍ଟ ଏପ୍ରିଲ ୨୦୨୧ରୁ ପରୀକ୍ଷଣ ହୋଇଆସୁଥିବା ଉତ୍ପାଦ ନମୁନାଗୁଡିକରେ ଶୂନ୍ୟ ବିଫଳତା ହାସଲ କ୍ଷେତ୍ରରେ ଏହାର ଉତ୍ପାଦନ



ପ୍ରକ୍ରିୟାସମୂହ, ଦୀର୍ଘସ୍ଥାୟୀ ପ୍ରୟାସ ଏବଂ ସର୍ବୋଚ୍ଚ ମାନର ଷ୍ଟାଣ୍ଡାର୍ଡସ ଅନୁପାଳନ ସକାଶେ ଡିସେମ୍ବର ୨୦୨୩ରେ ବିଆଇଏସ ଦ୍ୱାରା ସ୍ୱୀକୃତି ଲାଭ କରିଛି। ଏହି କାରଖାନା ମଧ୍ୟ ଗତ ତିନିବର୍ଷ ମଧ୍ୟରେ ଉତ୍ପାଦରଗୁଣବତ୍ତା ଉପରେ କୌଣସି ଅଭିଯୋଗ ପାଇନଥିବାର ଅନନ୍ୟ ରେକର୍ଡ ବଜାୟ ରଖିଛି ଏବଂ ଏହା ଡାଲମିଆ ସିମେଣ୍ଟର ପରିବର୍ତ୍ତିତ ଷ୍ଟାଣ୍ଡାର୍ଡ ଏବଂ ବଜାର ଆବଶ୍ୟକତା ପୂରଣ ନିମନ୍ତେ ବିଆଇଏସ ସହିତ ଘନିଷ୍ଠ ସହଯୋଗୀତାକୁ ପ୍ରତିଫଳିତ କରୁଛି । ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ଚେତନ ଶ୍ରୀବାସ୍ତବ, ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ ରାଜଗାଙ୍ଗପୁର କହିଥିଲେ, ଡାଲମିଆ ଭାରତରେ ଆମେ ଅର୍ଥପୂର୍ଣ୍ଣ ସହଯୋଗୀତାରେ ବିଶ୍ୱାସ କରୁଛୁ ଯାହା ପରବର୍ତ୍ତୀ ପିଢିର ବୃତ୍ତିଧାରୀଙ୍କୁ ବାସ୍ତବ ଜଗତରେ ଏକ୍ସପୋଜର ପ୍ରଦାନ ସହିତ ସଶକ୍ତ କରୁଛି। ଏହି ପରିଦର୍ଶନ କାର୍ଯ୍ୟକ୍ରମ ପରିଚାଳନାଗତ ଉତ୍କର୍ଷ ଏବଂ ଦୀର୍ଘସ୍ଥାୟିତା ଦିଗରେ ଆମ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି, ଯାହା ନବସୃଜନ ଏବଂ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ କିଭଳି ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେଇପାରିବ ତାହା ପ୍ରଦର୍ଶିତ କରୁଛି ।

## ଜାତୀୟ ଶିକ୍ଷାନୀତି ପ୍ରଣୟନ ଲାଗି ୧୭ ଜଣିଆ କମିଟି

ଭୁବନେଶ୍ୱର (ସବ୍ୟୁ) : ଜାତୀୟ ଶିକ୍ଷାନୀତି ରାଜ୍ୟରେ ପ୍ରଣୟନ ଲାଗି ୧୭ ଜଣିଆ କମିଟି ରାଜ୍ୟ ସରକାର ଗଠନ କରିଛନ୍ତି । ଆସନ୍ତା ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି ଲାଗୁ ହେବ । ନୂଆ ଶିକ୍ଷାନୀତି ଦ୍ୱାରା ଶିକ୍ଷା ବ୍ୟବସ୍ଥାର ସରଳୀକରଣ କରାଯିବ । କମିଟିର ଅଧ୍ୟକ୍ଷ ଭାବେ ଆର୍ଆଇଇ ଭୋପାଳର ଅବସରପ୍ରାପ୍ତ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ରହିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ । ପ୍ରତି ପଞ୍ଚାୟତରେ ଗୋଦାବରିଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସରକାର ଖୋଲିବାକୁ ଯାଉଛନ୍ତି । ବିଶେଷକରି ଓଡ଼ିଆ ଭାଷା, କଳା ଓ ସଂସ୍କୃତିକୁ ଏଥିରେ ପ୍ରଚାର ପ୍ରସାର କରାଯିବ । ଜିରୋ ଡ୍ରପ୍ଆଉଟ୍ ହେବ । ଗୁଣାତ୍ମକ ଶିକ୍ଷା ବି ମିଳିବ । ସେଥିପାଇଁ ମାଧେସିଂ ହାତଖର୍ଚ୍ଚ ଯୋଜନା ଲାଗୁ ହୋଇଛି । ଏଥିରେ ୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଜାନୁଆରୀ ୨୧ ରୁ ୨୩ ଯାଏ ଏନ୍ଇପି କର୍ମଶାଳା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି । ୧୬ ଜଣିଆ କମିଟିରେ ଏନ୍ସିଇଆର୍ଟିର ପୂର୍ବ ନିର୍ଦ୍ଦେଶକ ପ୍ରଫେସର ହୃଷିକେଶ ସେନାପତି, ଅବସରପ୍ରାପ୍ତ ଆସୋସିଏଟେଡ୍ ପ୍ରଫେସର ଗୋପାଳ ପ୍ରସାଦ ମହାପାତ୍ର, ପ୍ରଫେସର ଉଦୟନାଥ ଦାସ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ମହାନ୍ତି, ପ୍ରଫେସର ରଞ୍ଜନ ଆରୋରା, ପ୍ରଫେସର ସୁନିତୀ ସାନ୍ୱାଲ ପ୍ରମୁଖ ସଦସ୍ୟ ଅଛନ୍ତି । ସେହିଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଦସ୍ୟ ଆବାହକ ଅଛନ୍ତି ।

# ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ସହ ଏକ ନୂତନ ଯାତ୍ରାର ଆରମ୍ଭ କରିଛି । ଏହି ଉଦ୍ୟମ ଓଡ଼ିଶାରେ ଯକୃତ ସୁରକ୍ଷାକୁ ଉଚ୍ଚ ସ୍ତରକୁ ଉନ୍ନତ କରିବ । ଆପୋଲୋ ଯକୃତ ବିଶେଷଜ୍ଞଙ୍କ ଦ୍ୱାରା ନିପୁଣ ଚିକିତ୍ସା । ପ୍ରଶଂସନୀୟ ଯକୃତ ବିଶେଷଜ୍ଞ ଦଳ ଉଚ୍ଚ ମାନର ଚିକିତ୍ସା ଏବଂ ରୋଗୀ ସୁଖାନୁଭୂତି ସୁନିଶ୍ଚିତ କରିବା ପାଇଁ ସମର୍ପିତ । ଓଡ଼ିଶା ବାହାରକୁ ଯିବାର ଆବଶ୍ୟକତା ନାହିଁ । ଓଡ଼ିଶାର ରୋଗୀମାନେ ଏବେ ରାଜ୍ୟରେ ଅତ୍ୟାଧୁନିକ ଯକୃତ ପ୍ରତିସ୍ଥାପନ ସୁବିଧାରୁ ଲାଭ ଉଠାଇପାରିବେ, ଯାହା ଦୀର୍ଘ ଯାତ୍ରାର କ୍ଳାନ୍ତି ଏବଂ ଖର୍ଚ୍ଚକୁ ହ୍ରାସ କରିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏନେଇ ଡ. ଆଲୋକ ଶ୍ରୀବାସ୍ତବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଚିକିତ୍ସା ସେବାର ନିର୍ଦ୍ଦେଶକ, ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର କହିଛନ୍ତି 'ଯକୃତ ପ୍ରତିସ୍ଥାପନ ଶଲ୍ୟଚିକିତ୍ସାରେ ଅସାଧାରଣ ଦକ୍ଷତା ଏବଂ ସଠିକ୍ ପରିଚାଳନା ଆବଶ୍ୟକ । ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ଆମେ ରୋଗୀମାନଙ୍କୁ ଶ୍ରେଷ୍ଠ ସମ୍ଭବ ଚିକିତ୍ସା ଦେବାକୁ ସମର୍ପିତ । ଏହି କାର୍ଯ୍ୟକ୍ରମ ଯକୃତ




ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିପାରିଛି ଏବଂ ଆମେ ଏହି ସେବା ଯୋଗାଇଦେବାକୁ ଆନନ୍ଦିତ । ଡ. ନୀରଭ ଗୋୟଲ (ମୁଖ୍ୟ ଏବଂ ବରିଷ୍ଠ ପରାମର୍ଶଦାତା- ଏଚପିବି ସର୍ଜରି ଏବଂ ଯକୃତ ପ୍ରତିସ୍ଥାପନ, ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ୍ସ, ନୂତନ ଦିଲ୍ଲୀ) କହିଛନ୍ତି ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରର ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଯକୃତ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ସେବା ଯୋଗାଇବା ପାଇଁ ଏକ ଆବଶ୍ୟକ ପଦକ୍ଷେପ । ଆମର ବିଶେଷଜ୍ଞ ଦଳ ଏକାତ୍ମତାରେ କାମ କରି ରୋଗୀଙ୍କ ପ୍ରତି ଚିକିତ୍ସା ଦେବାର ଉଦ୍ଦେଶ୍ୟରେ ଯକୃତ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରି ଆଗୁଆ ଚିକିତ୍ସା ପ୍ରଦାନ କରିବାକୁ ସମର୍ପିତ । ଆପୋଲୋ ତରଫରୁ ଅତ୍ୟାଧୁନିକ ଲାପରୋସ୍କୋପିକ ଜି ଆଇ କ୍ୟାନ୍ସର ଶଲ୍ୟଚିକିତ୍ସା ମଧ୍ୟ ଯୋଗାଉଛୁ, ଯାହା ଆମର ରୋଗୀମାନଙ୍କ ପାଇଁ ଅନୁଷ୍ଠାନମୂଳକ ଏବଂ ଉନ୍ନତ ସମାଧାନ ଦେବ ।

## ସୋଆରେ ଗବେଷଣା ପ୍ରଣାଳୀ କର୍ମଶାଳା ଉଦ୍ଯାପିତ

ଭୁବନେଶ୍ୱର, (ସବ୍ୟୁ): ଯୁବ ଗବେଷକ ମାନଙ୍କୁ ଗବେଷଣା ପ୍ରଣାଳୀ ବିଷୟରେ ଶିକ୍ଷିତ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୧୦-ଦିନିଆ କର୍ମଶାଳା ବୁଧବାର ଉଦ୍ଯାପିତ ହୋଇଯାଇଛି । ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍ଏସ୍ଆର) ଦ୍ୱାରା ପ୍ରାୟୋଜିତ ଓ ସୋଆ ପରିଚାଳିତ ସେଂଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍ସିଏଂଟ କଲ୍ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ୍) ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୪୨ ଜଣ ଗବେଷକ ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ଗବେଷକମାନଙ୍କୁ ନିଜ ଗବେଷଣା କ୍ଷେତ୍ରରେ ଆବଶ୍ୟକ ହେଉଥିବା ଜ୍ଞାନ ଓ ଦକ୍ଷତା ବୃଦ୍ଧି ବିଷୟରେ ତାଲିମ ଦିଆଯାଇଥିଲା । ଏହାର ଉଦ୍ଯାପନୀ କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୋଲକାତା ସ୍ଥିତ ଆନ୍ଥ୍ରୋପୋଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ପ୍ରାକ୍ତନ୍ ନିର୍ଦ୍ଦେଶକ ପ୍ରଫେସର କମଳ କେ. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗବେଷକମାନଙ୍କୁ ବର୍ତ୍ତମାନ ଉପଲବ୍ଧ ବିଭିନ୍ନ ଟେକ୍ନୋଲୋଜିକୁ ବ୍ୟବହାର କରି ଗବେଷଣାରେ ଉତ୍କର୍ଷ ଆଣିବାକୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଆର୍ଟିଫିସିଆଲ୍ ଇନ୍ଟେଲିଜେନ୍ସ (ଏଆଇ)ର ବହୁଳ ବ୍ୟବହାର ବିଷୟରେ ଉଲ୍ଲେଖ କରି ପ୍ରଫେସର ମିଶ୍ର କହିଥିଲେ ଯେ ଏହା ଲାଭପ୍ରଦ ହୋଇଥିଲେ ମଧ୍ୟ ଏହାକୁ ସାବଧାନତାର ସହିତ ବ୍ୟବହାର କରିବା ଆବଶ୍ୟକ। ଏହା ଦ୍ୱିଧାର ଯୁକ୍ତ ଖଡ୍ଗ ପରି । ତେଣୁ ନିଜର ବିଚାର ଶକ୍ତିକୁ ଉପଯୋଗ କରି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ ।

# ନଗେନ୍ କୁମାର ବାରିକଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ପ୍ରମୋଦ ପତି ଟ୍ରଷ୍ଟ ତଥା ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୩ତମ ଜନ୍ମବାର୍ଷିକୀ ସମାରୋହ ଅବସରରେ ସୁବିଦିତ ଚଳଚ୍ଚିତ୍ର ଧ୍ୱନିବିତ୍ ନଗେନ୍ କୁମାର ବାରିକଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧି ତଥା କ୍ରମବିକାଶରେ ଯୋଗଦାନ ସହ ଭାରତୀୟ ଚଳଚ୍ଚିତ୍ର ଜଗତରେ ଷାଠିଏ ବର୍ଷର ଅବଦାନ ତଥା ଜୀବନ ବ୍ୟାପୀ ସାଧନା ପାଇଁ ସେ ସମ୍ମାନିତ ହୋଇଛନ୍ତି। ରାଜ୍ୟ ଅର୍ଥ ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଡଃ ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍ଘାଟନ କରି ମୁଖ୍ୟ ଅତିଥି, ଏକାମ୍ର ବିଧାୟକ ବାବୁ ସିଂହ ପ୍ରକାଶ କରିଥିଲେ ଯେ, ଭାରତୀୟ ଚଳଚ୍ଚିତ୍ର ଧାରାକୁ ନୂତନ ଦିଗ୍ଦର୍ଶନ ଦେବା ସହ ପ୍ରାମାଣିକ ଚଳଚ୍ଚିତ୍ରର ପରିଭାଷାକୁ ବଦଳାଇଦେଇଥିଲେ ପ୍ରକୀର୍ତ୍ତୀତ ପ୍ରମୋଦ ପତି। ଅନ୍ୟତମ ସମ୍ମାନୀୟ ଅତିଥି ତଥା ପ୍ରମୋଦ ପତିଙ୍କର ବ୍ୟକ୍ତିଗତ ବନ୍ଧୁ ଭାଷାବିତ୍ ତଥା ସମାଜବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପତିଙ୍କର ଅଭିନବ କଳାକୌଶଳ ସମ୍ବନ୍ଧୀୟ କୃତି ଉପରେ ଆଲୋକପାତ କରିଥିଲେ । ଏହି ସମ୍ମାନ ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥି ଭାବରେ



ଯୋଗଦେଇ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବେନ୍ଦ୍ର ପ୍ରସାଦ ଦାଶ ପ୍ରମୋଦ ପତିଙ୍କ କାଳଜୟୀ କୃତି ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଲବ୍ଧପ୍ରତିଷ୍ଠ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେଯେ, ପତିଙ୍କର ବୌଦ୍ଧିକ ଉତ୍ତରଣ ସମ୍ବଳିତ ନବଚେତନାତ୍ମକ ଚଳଚ୍ଚିତ୍ର ଆଜି ବି ସମସ୍ତଙ୍କୁ ଉଦ୍ବୁଦ୍ଧ କରିଥାଏ । ଭାରତୀୟ ଫିଲ୍ମ ସେନ୍ସର ବୋର୍ଡର ପୂର୍ବତନ ଆଂଚଳିକ ମୁଖ୍ୟ ଗୋପାଳକୃଷ୍ଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ସାମାଜିକ ପରିବର୍ତ୍ତନକୁ ପ୍ରୟୋଗାତ୍ମକ ଚଳଚ୍ଚିତ୍ର ମାଧ୍ୟମରେ ଉପସ୍ଥାପିତ କରି ପ୍ରମୋଦ ପତି କୀର୍ତ୍ତିମାନ ସ୍ଥାପନ କରି ଯାଇଛନ୍ତି। ଚଳଚ୍ଚିତ୍ର ନିର୍ମାତା ଘନଶ୍ୟାମ ମହାପାତ୍ର, ସୁବାସ ଚନ୍ଦ୍ର ରଥ, ଲବ୍ଧପ୍ରତିଷ୍ଠ ଚିତ୍ରଶିଳ୍ପୀ ଶ୍ରୀ ପଂଚାନନ ସାମଲ ଆଦି କିମ୍ବଦନ୍ତୀ ପୁରୁଷ ପ୍ରମୋଦ ପତିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗୋଲକ ବିହାରୀ ସିଂହଙ୍କ ଦ୍ୱାରା ସଙ୍କଳିତ, ପ୍ରମୋଦ ପତିଙ୍କ ଜୀବନୀ ତଥା କୃତି ସମ୍ବନ୍ଧୀୟ ପୁସ୍ତକ ପ୍ରମୋଦପତି-ଦି ଇନ୍ଭେନ୍ଟିଷ୍ଟ ମାଷ୍ଟର କ୍ରାଫ୍ଟର ପାଠକାର୍ପଣ କରାଯାଇଥିଲା । ଜଣେ ଧ୍ୱନି ସଂଯୋଜକ ଭାବେ ବିଭିନ୍ନ ଢଙ୍ଗର ସଂଖ୍ୟାଧିକ ଓଡ଼ିଆ, ହିନ୍ଦି, ଛତିଶଗଡ଼ି, ଆସାମୀୟ ତଥା ବଙ୍ଗଳା ଚଳଚ୍ଚିତ୍ର ଭେଟି ଦେଇ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ସହ ଭାବେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିଥିବା ନଗେନ୍ କୁମାର ବାରିକ ନିଜର ବୃତ୍ତିଗତ ଜୀବନର ଅଭିଜ୍ଞତାକୁ ବର୍ଣ୍ଣନା କରବା ସହ ପ୍ରମୋଦ ପତିଙ୍କ ଅନନ୍ୟ ସୃଜନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ପ୍ରମୋଦ ପତି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସମ୍ପାଦକ ଗୋଲକ ବିହାରୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ । ସିପ୍ରା ପତି, ଅଭିଷେକ ମହାପାତ୍ର, ସୁନୀଲ ଡାକୁଆ, ଲଳିତ କୁମାର ସାହୁ ସମାରୋହକୁ ସଂଚାଳନା କରିଥିଲେ ।

## ପିଏନ୍ବି ପକ୍ଷରୁ ମୃତ ଆକାଉଣ୍ଟଧାରୀଙ୍କ
# ମନୋନୀତ ବ୍ୟକ୍ତିଙ୍କୁ ୪୯.୪୬ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ରାଜେଶ କୁମାର ପିଏନ୍ବି କଟକ ମଣ୍ଡଳର ମହାକାଳପଡା ଶାଖା ଅନ୍ତର୍ଗତ ଗୃହଋଣ ଆକାଉଧାରୀ ମୃତ ମନୋରଞ୍ଜନ ସାହୁଙ୍କ ମନୋନୀତ



ବ୍ୟକ୍ତି ଝରଣା ସ୍ୱାଇଁଙ୍କୁ ୪୯.୪୬ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ମନୋରଞ୍ଜନ ସାହୁଙ୍କର ହୃଦଘାତରେ ମୃତ୍ୟୁ ପରେ, ପିଏନ୍ବି ମେଟ୍ ଲାଇଫ୍ର କ୍ରେଡିଟ୍ ଲାଇଫ୍ ବୀମା ଯୋଜନା (ମେଟ୍ ଋଣ ଏବଂ ଜୀବନ ସୁରକ୍ଷା) ଅଧୀନରେ ଏହା ସମାଧାନ କରାଯାଇଥିଲା (ପଲୀସି ଅବଧି ୧ ବର୍ଷ ୮ ମାସ ୫ ଦିନ)। ଅଞ୍ଚଳ ମୁଖ୍ୟ ରାଜେଶ କୁମାର କହିଥିଲେ ଯେ କ୍ରେଡିଟ୍ ଲାଇଫ୍ ବୀମା ଯୋଜନା ପିଏନ୍ବିର ଋଣଗ୍ରହୀତାମାନଙ୍କୁ ଋଣ ସୁରକ୍ଷା ପ୍ରଦାନ କରିଥାଏ। ଋଣଗ୍ରହୀତାଙ୍କ ମୃତ୍ୟୁ କ୍ଷେତ୍ରରେ, ମନୋନୀତ ବ୍ୟକ୍ତି ବୀମା ରାଶି ପାଇବାକୁ ହକଦାର୍ ଅଟନ୍ତି, ଯାହା ବକେୟା ଋଣକୁ ଭରଣା କରିବା ସହ ପରିବାର ଉପରେ ଋଣ ପରିଶୋଧ ଭାର ନପଡିବାକୁ ନିଶ୍ଚିତ କରିଥାଏ। ମନୋରଞ୍ଜନ ସାହୁ ଡିସେମ୍ବର ୨୦୨୨ରେ ୫୦ଲକ୍ଷ ଟଙ୍କାର ଗୃହ ଋଣ ନେଇଥିଲେ। ବୀମା କଭରେଜ ସ୍ୱରୂପ ଝରଣା ସ୍ୱାଇଁଙ୍କୁ ୪୯.୪୬ଲକ୍ଷ ଟଙ୍କାର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ-ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର, କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢୀ, ଉପ- ମଣ୍ଡଳ ମୁଖ୍ୟ ସୂର୍ଯ୍ୟମଣୀ ସାହୁ, ମହାକାଳପଡା ଶାଖାର ଶାଖା ପ୍ରବନ୍ଧକ କେଶବ ସାହୁ ଏବଂ ଋଣ ଅଧିକାରୀ ମାନସ ରଞ୍ଜନ ନାୟକ, ଜୋନାଲ ମାର୍କେଟିଂ ମୁଖ୍ୟ ନିରଞ୍ଜନ ମିଶ୍ର, ଭୁବନେଶ୍ୱର ଅଞ୍ଚଳର ସହାୟକ ମହାପ୍ରବନ୍ଧକ ବିଜୟ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ଏହି ଅବସରରେ ପିଏନ୍ବି ମେଟ୍ ଲାଇଫ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀ ଲିଃର ପ୍ରତିନିଧିଗଣ ଏବଂ ଉପ ଅଞ୍ଚଳ ବ୍ୟବସାୟ ମୁଖ୍ୟ ପଙ୍କଜ କୁମାର ଉପସ୍ଥିତ ଥିଲେ ।

## ବଜାଜ ଅଟୋ ପଲସର ଏନଏସ ୪୦୦ଜେଡ ଓ ଭାରତୀୟ ସଶସ୍ତ୍ର ବାହିନୀର ଡେୟାର ୨ ରାଲି

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱର ସବୁଠାରୁ ମୂଲ୍ୟବାନ ଦୁଇ ଚକିଆ ଓ ତିନି ଚକିଆ ଯାନ କମ୍ପାନି ବଜାଜ ଅଟୋ ଭାରତୀୟ ସଶସ୍ତ୍ର ବାହିନୀ ସହ ଭାଗିଦାରୀରେ ବିଶାଖାପାଟଣାରୁ ଅଯୋଧ୍ୟା ପର୍ଯ୍ୟନ୍ତ ୧୩ ଦିନିଆ ମିଳିତ ରାଲି ଡେୟାର-୨କୁ ଝଣ୍ଡାପତାକା ଦେଖାଇ ଶୁଭାରମ୍ଭ କରିଛି। ପଲସର ଏନ ଏସ ୪୦୦ଜେଡ ର ଗତିଶୀଳତାରେ ସଜ୍ଜିତ ଭାରତୀୟ ନୌସେନାର ୧୫ ଜଣ ନିର୍ଭୀକ ଯବାନ ୧୬୦୦ କିଲୋମିଟର ଅତିକ୍ରମ କରି ପଲସର ଏନଏସ ୪୦୦ଜେଡ ସହିତ ସାହସିକତାଦ୍ୱୀପର ଭାବନାକୁ ସୂଚାଇବେ ।

## ଡ଼ିଜିଙ୍କ ବଦଳି ନିର୍ଦ୍ଦେଶକୁ ବେଖାତିର
# ଜିଲ୍ଲା ଛାଡ଼ିବାକୁ ନାରାଜ ବାସେଳି ସାହି ଥାନା ଇନ୍ସପେକ୍ଟର

ପୁରୀ, (ସବ୍ୟୁ): ଦୀର୍ଘ ଦିନ ଧରି ବିଭିନ୍ନ ଜିଲ୍ଲା ଓ ଭୁବନେଶ୍ୱର କଟକ କମିସନରେଟ ପୋଲିସ ଅଧୀନ ଥାନା ଗୁଡିକରେ କାର୍ଯ୍ୟ କରୁ ଥିବା ଇନ୍ସପେକ୍ଟର ମାନଙ୍କ ସ୍ତରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗତ ଡ଼ିସେମ୍ବର ମାସ ୨୭ ତାରିଖରେ ବସିଥିବା ବୈଠକରେ ଏକ ବଡ ଧରଣର ଅଦଳ ବଦଳ ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ନିର୍ଦ୍ଦେଶ ମୁତାବକ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ୨୦୮ ଜଣ ଇନ୍ସପେକ୍ଟରଙ୍କର ଜିଲ୍ଲା ଓ ଥାନା ସ୍ତରରେ ବଦଳି ନିର୍ଦ୍ଦେଶ ନାମା ପତ୍ର ସଂଖ୍ୟା ୧୧୫୯ ତା ୨୭/୧୨/୨୪ ରିଖରେ ପୋଲିସ ଆଇଜି ପର୍ଶୋନାଲ ଜାରି କରି ଥିଲେ । ଏହି ପରିପ୍ରେକ୍ଷୀରେ ପୁରୀ ବାସେଳି ସାହି ଥାନା ଆଇଆଇସିଙ୍କ ବଦଳି ପୁରୀରୁ କେନ୍ଦୁଝର ଜିଲ୍ଲାକୁ ହେଇଛି । ବଦଳି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରି କରିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଜାରି କରା ଯାଇ ଥିବା ବଦଳି ଆଦେଶ ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ।

ଏହି ସହିତ ବଦଳି ପୋଲିସ ଅଧିକାରୀଙ୍କୁ ତାଙ୍କ ସ୍ଥାନରୁ ଶୀଘ୍ର ରିଲିଭ କରିବା ପାଇଁ ପୋଲିସ ଡ଼ିଜିଙ୍କ ନିର୍ଦ୍ଦେଶ ରହିଛି । ନିର୍ଦ୍ଦେଶ ନାମା ପ୍ରକାଶ ପାଇବାର ଇତି ମଧ୍ୟରେ ପନ୍ଦର ଦିନ ଅତିକ୍ରାନ୍ତ ହେଲାଣି ହେଲେ ଏ ପର୍ଯ୍ୟନ୍ତ ବସେଳି ସାହି ଥାନା ଆଇଆଇସିଙ୍କୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ରିଲିଭ୍ କରାଯାଇ ନାହିଁ । ଅନ୍ୟ ପକ୍ଷରେ ଡ଼ିଜିଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରି ପୁରୀ ଜିଲ୍ଲା ନ ଛାଡ଼ିବା ପାଇଁ ସବୁ କଳ ବଳ ପ୍ରୟୋଗ କରି ଲାଗି ପଡିଛନ୍ତି ବର୍ତ୍ତମାନର ଥାନା ଅଧିକାରୀ । ବଦଳି ବାତିଲ ପାଇଁ ବିଭିନ୍ନ ରାଜ ନେତାଙ୍କ ଶରଣ ପଶିଛନ୍ତି ସେ । ରାଜ ନେତାଙ୍କ ମାଧ୍ୟମରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପରେ ପକାଉଛନ୍ତି ଚାପ । ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ତାଙ୍କ ବଦଳି ନିର୍ଦ୍ଦେଶ ପ୍ରତ୍ୟାହାର କରି ପୁରୀରେ ଥଇଥାନ ପାଇଁ ଚାଲିଛି ବଡ ଧରଣର ଯୋଜନା । ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଜରିଆରେ ବଦଳି ବାତିଲ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ସୁପାରିଶ କରା ଯାଇ ଥିବା ସୁଚନା ଶୁଣିବାକୁ ମିଳିଛି । ଯଦି ତାଙ୍କର ବଦଳି ବାତିଲ କରାଯାଏ ତେବେ ୨୭ ତାରିଖରେ ହୋଇଥିବା ପୋଲିସ ଡ଼ିଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବଦଳି ବୈଠକ ମୂଲ୍ୟହୀନ ପରିଗଣିତ ହେବ ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ
# ୧୦୦ରୁ ଅଧିକ ଷ୍ଟାର୍ଟଅପ୍ ପ୍ରକଳ୍ପ ସହିତ ଆଲୁମିନିୟମ ଶିଳ୍ପରେ ନବସୃଜନକୁ ପ୍ରେରଣା

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଷ୍ଟାର୍ଟଅପ୍ ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଆଲୁମିନିୟମ କ୍ଷେତ୍ର ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରୁଥିବା ୭୦ରୁ ଅଧିକ ଷ୍ଟାର୍ଟଅପ୍ ସହିତ ସଫଳ ସମ୍ପର୍କକୁ ଉଜ୍ଜ୍ୱଳ କରି ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ଏହି ସହଭାଗୀତା ବେଦାନ୍ତ ସ୍ପାର୍କ ଉଦ୍ୟମ ଅଧୀନରେ ୧୦୦ ରୁ ଅଧିକ ପ୍ରକଳ୍ପର ନିୟୋଜନ କରିଛି ଯାହାକି ଷ୍ଟାର୍ଟଅପ୍ ସହିତ ନବସୃଜନକୁ ଚଳାଇବା, ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତା (ଏଆଇ), କମ୍ପ୍ୟୁଟର ଦୃଷ୍ଟିକୋଣ, ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି), ଏବଂ ସ୍ମାର୍ଟ ସୁରକ୍ଷା ସମାଧାନ ଆଣିବା, ଉତ୍ପାଦନ ମାନକୁ ପୁନଃପରିଭାଷିତ କରିବା ଏବଂ ଶିଳ୍ପରେ ସ୍ଥାୟୀତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ଚଲାଇବା ପାଇଁ ବେଦାନ୍ତ ଆଲୁମିନିୟମର ଉତ୍ସର୍ଗକୁ ସୁଦୃଢ଼ କରିଛି ।

ନବସୃଜନଶୀଳ ପ୍ରଯୁକ୍ତିବିଦ୍ୟା ଏବଂ ସମାଧାନଗୁଡ଼ିକୁ ଉପଯୋଗ କରି, ଏହି ସହଭାଗୀତା ଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, ଉତ୍ପାଦନ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ସଞ୍ଚୟ କରିବା ଲକ୍ଷ୍ୟ ରଖିଛି। ଏହି ସହଯୋଗଗୁଡ଼ିକ ପରିମାଣ ପରିଚାଳନା, ମୂଲ୍ୟ ହ୍ରାସ ଏବଂ ପରିବେଶଗତ ସ୍ଥାୟୀତ୍ୱ ସମେତ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ। ଏହା ବ୍ୟତୀତ, ବେଦାନ୍ତ ଆଲୁମିନିୟମର ପରିବେଶଗତ ପରିଚାଳନା ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱ ଲକ୍ଷ୍ୟ ପ୍ରତି ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି, ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ହାସଲ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରକ୍ଷା କରି ଏହି କ୍ଷେତ୍ର ମଧ୍ୟରେ ସ୍ଥାୟୀ



ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ, ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦ୍ରୁତ ଗତିରେ ଆଗକୁ ବଢୁଛି, ଗତିଶୀଳ ଉଦ୍ୟୋଗୀ ଏବଂ ଅଭିନବ ସମାଧାନ ଶିଳ୍ପକୁ ପରିବର୍ତ୍ତନ କରୁଛି ଏବଂ ବ୍ୟବସାୟ ମଡେଲକୁ ପୁନଃପରିଭାଷିତ କରୁଛି । ଆମେ ଏହି ଷ୍ଟାର୍ଟଅପ୍ ସହିତ ସହଯୋଗ କରିବାକୁ ଉତ୍ସାହିତ, ଯାହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଚିନ୍ତାଧାରା ଆମକୁ ଆଲୁମିନିୟମ କ୍ଷେତ୍ରରେ ଦକ୍ଷତା, ସ୍ଥାୟୀତ୍ୱ ଏବଂ ନବସୃଜନ ଚଳାଇବାରେ ସାହାଯ୍ୟ କରିବ। ବେଦନ୍ତ ଆଲୁମିନିୟମରେ, ଆମେ ବେଦାନ୍ତ ସ୍ପାର୍କ ଦଳ ଏବଂ ଷ୍ଟାର୍ଟଅପ୍ ସହିତ ମିଶି କାମ କରି ଗର୍ବିତ ଯାହାକି ଆମ ଶିଳ୍ପର ଭବିଷ୍ୟତକୁ ଶାକାର କରୁଛି ।

ବେଦାନ୍ତ କର୍ପୋରେଟ୍ ଭେଂଚର କ୍ୟାପିଟାଲ୍ ଏବଂ ସ୍ପାର୍କର ଉପାଧ୍ୟକ୍ଷ ତଥା ମୁଖ୍ୟ ଅମିତେଶ ସିହ୍ନା କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ଉତ୍ପାଦନ, ଧାତୁ ଏବଂ ଖଣିର ଭବିଷ୍ୟତ ଷ୍ଟାର୍ଟଅପ୍ରୁ ଅଭିନବ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ନିହିତ ଅଛି । ଏହି ସହଯୋଗୀ ଉଦ୍ୟମଗୁଡ଼ିକ ମଧ୍ୟରୁ, ଏକ ଉଲ୍ଲେଖନୀୟ ଷ୍ଟାର୍ଟଅପ୍ ହେଉଛି ଇନଫିନିଟ୍ ଅପଟାଇମ୍, ଯାହା ଇଓ-ଚାଳିତ ଆନାଲିଟିକ୍ସ ବ୍ୟବହାର କରି ଶିଳ୍ପ ଯନ୍ତ୍ରପାତି ପାଇଁ ଭବିଷ୍ୟବାଣୀ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଏ । ସେମାନେ ୩୫୦ ଖଣ୍ଡ ଉପକରଣରେ ୧୦୦୦ ସେନ୍ସର ନିୟୋଜିତ କରିଛି । ଯାହା ଅଣଯୋଜନା ଭାଙ୍ଗିବା ସମୟରେ ୨,୦୦୦ ଘଂଟାର ଉଲ୍ଲେଖନୀୟ ସଂଚୟ କରିଥାଏ, ଉତ୍ପାଦନ ଘଂଟା ବୃଦ୍ଧି କରିଥାଏ ଏବଂ ଅଣଯୋଜନା ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା ଅଭିନବ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାରେ ସେମାନଙ୍କର କ୍ଷମତାକୁ ଉଜ୍ଜ୍ୱଳ କରିଥାଏ। ଆଉ ଏକ ଉଲ୍ଲେଖନୀୟ ଷ୍ଟାର୍ଟଅପ୍ ହେଉଛି ଗ୍ଲୋଭିଜନ ଟେକ୍ନୋ ସର୍ଭିସେସ୍, ଯାହା ଏଚ୍ଓ-ଆଧାରିତ ଯାନବାହନ ଟ୍ରାକିଂ ଏବଂ ସମ୍ପତ୍ତି ପରିଚାଳନା ଭଳି ଆଇଓଟି ସମାଧାନରେ ବିଶେଷଜ୍ଞ ଅଟେ। ରିଅଲ୍-ଟାଇମ୍ ଟ୍ରାକିଂ ଏବଂ ସ୍ୱୟଂଚାଳିତ ଆଲର୍ଟ କାର୍ଯ୍ୟକାରୀ କରି, ଗ୍ଲୋଭିଜନ କୋଇଲା ଟ୍ରକ୍ ପାଇଁ ବର୍ଦ୍ଧିତ ଟର୍ଣ୍ଣଆରାଉଣ୍ଡ ସମୟ (ଟାଟ) ଏବଂ ସୁରକ୍ଷା ଚିନ୍ତାକୁ ପ୍ରଭାବଶାଳୀ ଭାବରେ ସମାଧାନ କରିଛି। ଏହା ପ୍ରଭାବଶାଳୀ ପ୍ରଯୁକ୍ତି ସମାଧାନ ପ୍ରଦାନ କରିବାରେ ସେମାନଙ୍କର ବିଶେଷଜ୍ଞତା ପ୍ରଦର୍ଶନ କରି ଦୁଇ ବର୍ଷ ମଧ୍ୟରେ ୫ ନିୟୁତରୁ ଅଧିକ ସଂଚୟ କରିଛି।

## ଚାଷୀଙ୍କ ହିତରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ
# ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ କରିହେଉଛି ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଚାଷୀ ମାନଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କକ୍ଷ କାର୍ଯ୍ୟକ୍ଷମ ହୋଇଛି । ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀ ମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କକ୍ଷ ମାଧ୍ୟମରେ କରିପାରୁଛନ୍ତି । ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇ ପାରୁଛି । ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି । କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରାଯାଇପାରୁଛି ।

ବର୍ତ୍ତମାନ ଏହି ଟୋଲ ଫ୍ରି ନମ୍ବର ମାଧ୍ୟମରେ ଏକ ଲକ୍ଷ ୪୧୭୮ଟି ଇନକମିଙ୍ଗ କଲ ରହିଛି । ଏଥିରେ ସର୍ବାଧିକ ପ୍ରାୟ ୯୦ ହଜାର କଲ ଟୋକାନ ସମ୍ବନ୍ଧୀୟ ରହିଛି । ସେହିଭଳି ଏହି କେନ୍ଦ୍ରରୁ ଏକ ଲକ୍ଷ ୧୨ ହଜାର ୧୧ଟି କଲ ଆଉଟଗୋଇଙ୍ଗ କଲ ରହିଛି । ଏଥିମଧ୍ୟରେ ପ୍ରାୟ ୭୦ ହଜାର ଚାଷୀଙ୍କ ମତାମତ ଓ ୩୯ ହଜାର କଲ ଭାଗଚାଷୀ ଯାଞ୍ଚ ସମ୍ପର୍କିତ କଲ ରହିଛି । ସେହିଭଳି ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ ମାଧ୍ୟମରେ ମଧ୍ୟ ୪ଲକ୍ଷ ୨୯ ହଜାର ୬୫୦ଟି କଲ କରାଯାଇଛି । ଏଥିମଧ୍ୟରେ ପ୍ରାୟ ୩ଲକ୍ଷ ୧୫ ହଜାର କଲ କେବଳ ଟୋକନ ସମ୍ପର୍କରେ କରାଯାଇଥିବା ଜଣାପଡିଛି । ଏହିଭଳି ଭାବେ ପ୍ରାୟ ସାଢେ ୬ ଲକ୍ଷ କଲ କରାଯାଇଛି । ସୂଚନାଯୋଗ୍ୟ, ଏହି ତଥ୍ୟ ଗତ ଅଢେଇ ମାସ ଅର୍ଥାତ ଗତ ନଭେମ୍ବର ପହିଲାରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ରହିଛି । ଏହି କକ୍ଷ ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଉପଲବ୍ଧ ରହିବ ।

## ଶିରିଡି ଓ ନାସିକ ଦର୍ଶନରେ ଗଲେ କଟକ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ

କଟକ,(ସବ୍ୟୁ) : ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଶିରିଡି ଓ ନାସିକ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ବିଧାୟକ ବାରବାଟୀ କଟକ ଇଂ. ସୋଫିଆ ଫିର୍ଦ୍ଦୋସ, ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି ।

# ସୈଫଙ୍କୁ ଛୁରାମାଡ: କେବଳ ଚୋରି, ନା ଆଉ କିଛି ?

**ମୁମ୍ବାଇ:** ମୁମ୍ବାଇ ସହ ସାରା ଦେଶରେ ବଲିଉଡ୍ ଷ୍ଟାର ସୈଫ ଅଲୀ ଖାନଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ହଇଚଇ ସୃଷ୍ଟି ହୋଇଛି । ବାନ୍ଦ୍ରା ସ୍ଥିତ ଘରେ ଜଣେ ଦୁର୍ବୃତ୍ତ ତାଙ୍କୁ ଛୁରୀରେ ଆକ୍ରମଣ କରିଛି । ତାଙ୍କ ଶରୀରରେ ୬ଟି ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ତାଙ୍କ ମେରୁଦଣ୍ଡରେ ରହିଯାଇଥିବା ଛୁରୀ ଖଣ୍ଡକୁ ଅସ୍ତ୍ରୋପଚାର କରି ବାହାର କରାଯାଇଛି । ତାଙ୍କ ଶରୀରରେ ଉଭୟ ନ୍ୟୁରୋ ଓ ପ୍ଲାଷ୍ଟିକ ସର୍ଜରୀ କରାଯାଇଛି ।

ସୈଫଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତ ଫେରାର ଅଛି । ତାକୁ ଚିହ୍ନଟ କରାଯାଇସାରିଛି ବୋଲି ମୁମ୍ବାଇ ପୋଲିସ କହିଛି । ତାକୁ ଧରିବା ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି ଯେ ଉକ୍ତ ବ୍ୟକ୍ତି ଚୋରି କରିବାକୁ ସୈଫଙ୍କ ଘରେ ପଶିଥିଲା । ସେଥିପାଇଁ ସେ ଉକ୍ତ ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ଶିଡ଼ିକୁ ବ୍ୟବହାର କରିଥିଲା । ତେବେ ସୈଫଙ୍କ ଉପରେ ହୋଇଥିବା ଆକ୍ରମଣର ୨ ଘଣ୍ଟା ପୂର୍ବରୁ ଉକ୍ତ ଆପାର୍ଟମେଣ୍ଟର ସିସିଟିଭିରେ କଏଦ ହୋଇନି ଦୁର୍ବୃତ୍ତ । ଅର୍ଥାତ୍ ସେ ତା'ପୂର୍ବରୁ ସେଠାରେ ପ୍ରବେଶ କରି ସାରିଥିଲା ବୋଲି ଅନୁମାନ କରାଯାଉଛି । ସୈଫଙ୍କ ୩ ଘରୋଇ ସହାୟକ/ସହାୟିକାଙ୍କୁ ନେଇ ପଚରାଉଚରା କରୁଛି ପୋଲିସ । ସେମାନଙ୍କ ମଧ୍ୟରୁ କାହାର ଦୁର୍ବୃତ୍ତଙ୍କ ସହିତ ସଂପର୍କ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ଏହା ସହିତ ସୈଫଙ୍କ ହାଉସିଂ ସୋସାଇଟିରେ ଏବେ ମରାମତି କାମ ଚାଲିଥିବାରୁ କିଛି ଶ୍ରମିକଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି । ସେହିପରି ପୋଲିସ ଉକ୍ତ ଆପାର୍ଟମେଣ୍ଟ ଓ ସୈଫଙ୍କ ଘରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ।

ଦୁର୍ବୃତ୍ତ ଜଣଙ୍କ ଚୋରି କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରେ ପ୍ରବେଶ କରିଥିବା ନେଇ ଉଭୟ ସୈଫ ଓ ତାଙ୍କ ପତ୍ନୀ ତଥା ବଲିଉଡ୍ ଅଭିନେତ୍ରୀ କରୀନାଙ୍କ ପକ୍ଷରୁ ଜାରି କରାଯାଇଥିବା ବୟାନରେ କୁହାଯାଇଛି ।

ସୈଫଙ୍କୁ ଛୁରୀରେ ଆକ୍ରମଣ କରିବା ପରେ ଶିଡ଼ି ଓହ୍ଲାଇ ସନ୍ଦିଗ୍ଧ ଚୋର ଫେରାର ହୋଇଯିବା ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଚୋରି ଉଦ୍ଦେଶ୍ୟରେ ଉକ୍ତ ବ୍ୟକ୍ତି ଜଣଙ୍କ ସୈଫଙ୍କ ଘରେ ପଶିଥିବା କଥାକୁ ଅନେକ ଗ୍ରହଣ କରିପାରୁ ନାହାନ୍ତି । ସେ କ'ଣ ଚୋରି କରିବାକୁ ଆଉ କାହା ଘରକୁ ପଶି ପାରିଲାନି ଯେ ୧୧ ମହଲାରେ ଥିବା ସୈଫଙ୍କ ଫ୍ଲାଟକୁ ବାଛିଲା? ନା ସେ ଉଦ୍ଦେଶ୍ୟମୂଳକ ଭାବେ ସୈଫଙ୍କ ଘରେ ପଶିଥିଲା । ସେ ଜାଣିଥିଲା ଯେ ତାହା ସୈଫଙ୍କ ଘର । ଚୋରି ନୁହେଁ, ଅଲଗା କିଛି ଯୋଜନାରେ ସେ ସେଠାରେ ପଶିଥିଲା । ଏହାର ଉତ୍ତର କେବଳ ସେହି ଦୁର୍ବୃତ୍ତ ଧରାପଡ଼ିବା ପରେ ହିଁ ମିଳିପାରିବ । ସେହିପରି ଏତେ ସହଜରେ କେମିତି ଜଣେ ବ୍ୟକ୍ତି ସୈଫଙ୍କ ଭଳି ବଲିଉଡର ଜଣେ ବଡ଼ ଷ୍ଟାରଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିପାରିଲା ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି । ଶିଡ଼ିରେ ତାଙ୍କ ଫ୍ଲାଟ ପର୍ଯ୍ୟନ୍ତ ପହଞ୍ଚିଲା । କିନ୍ତୁ ଭିତରେ କେମିତି ପଶିଲା? ତେଣୁ ଏହା ଅର୍ନ୍ତଘାତୀ କାର୍ଯ୍ୟ ହୋଇଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି । ଉକ୍ତ ଦୁର୍ବୃତ୍ତଙ୍କ ସହିତ ସୈଫଙ୍କ ଘରର କୌଣସି କର୍ମଚାରୀଙ୍କର ସଂପର୍କ ଯେ ନଥିବ, ତାହା କିଏ କହିବ? ପୋଲିସ ସେ ଦିଗରେ ମଧ୍ୟ ତଦନ୍ତ କରୁଛି । ବିଶେଷ କରି ଯେଉଁ ଘରୋଇ ସହାୟିକାଙ୍କ ସହିତ ଦୁର୍ବୃତ୍ତର ପ୍ରଥମେ ମୁହାଁମୁହିଁ ହୋଇଥିଲା, ତାଙ୍କୁ ମଧ୍ୟ ପୋଲିସ ଜେରା କରୁଛି । ଦୁର୍ବୃତ୍ତ ସେ ଶୋଇଥିବା କଠୋରୀରେ ପ୍ରଥମେ ପ୍ରବେଶ କରିବା ଅକସ୍ମାତ ଥିଲା ନା ଉଦ୍ଦେଶ୍ୟମୂଳକ, ତାହା ସ୍ପଷ୍ଟ କରିବାକୁ ପ୍ରୟାସ କରୁଛି ପୋଲିସ ।



ଆଉ ଏକ ପ୍ରଶ୍ନ ମଧ୍ୟ ସମସ୍ତଙ୍କ ମନରେ ଉଠିଛି ଯେ ସୈଫ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଲଢ଼େଇ ଚାଲିଥିବା ବେଳେ ଘରର ବାକି ସଦସ୍ୟମାନେ କେଉଁଠି ଥିଲେ । ତାଙ୍କର ଅନ୍ୟ କର୍ମଚାରୀମାନେ ସେତେବେଳେ କ'ଣ କରୁଥିଲେ? ପୁଣି, ଦୁର୍ବୃତ୍ତ ଜଣଙ୍କ ସୈଫଙ୍କୁ ଆକ୍ରମଣ କରି ଏତେ ସହଜରେ ସେଠାରୁ ଫେରାର ହୋଇଗଲେ କେମିତି? ସେଥିପାଇଁ ସୈଫ ରହୁଥିବା ହାଉସିଂ ସୋସାଇଟିର ସୁରକ୍ଷା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜଣେ ବ୍ୟକ୍ତି ସମସ୍ତଙ୍କ ଅଜାଣତରେ ସେଠାରେ ପଶି ଘଣ୍ଟା ଘଣ୍ଟା ଧରି ରହୁଛି ଓ ଜଣେ ବଡ଼ ଷ୍ଟାରଙ୍କୁ ଆକ୍ରମଣ କରି ସହଜରେ ଫେରାର ହୋଇଯାଉଛି, ତା'ହେଲେ ସେଠାରେ କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି?

ସୈଫଙ୍କ ହାଉସିଂ ସୋସାଇଟିରେ ରହୁଥିବା ତାଙ୍କର ଜଣେ ପଡ଼ୋଶୀ ତଥା ଅଭିନେତ୍ରୀ କରିସ୍ମା ତନ୍ନା କହିଛନ୍ତି ଯେ ସେ ବର୍ଷେ ହେଲାଣି ଏହି ସୋସାଇଟିର ସୁରକ୍ଷା ବ୍ୟବସ୍ଥା ବାଇବାକୁ ଦାବି କରି ଆସୁଛନ୍ତି । ଏଠାରେ ମୁତୟନ ହୋଇଥିବା ୱାଚମ୍ୟାନମାନେ ଉପଯୁକ୍ତ ତାଲିମ ପାଇବା ଜରୁରୀ । ଏହିଭଳି ଘଟଣାଗୁଡ଼ିକର ମୁକାବିଲା କରିବାକୁ ସେମାନଙ୍କ ପାଖରେ ଦକ୍ଷତା କିମ୍ବା ଅସ୍ତ୍ରଶସ୍ତ୍ର ନାହିଁ । ଯଦି ଘରେ ଚୋର ପଶିଯିବ, ତା'ହେଲେ ପରିବାର ଲୋକେ କେମିତି ତା'ର ମୁକାବିଲ କରିବେ? ଏହି ଘଟଣା ଅତ୍ୟନ୍ତ ଭୟଙ୍କର ।

କରିସ୍ମା ତନ୍ନା ଆହୁରି କହିଛନ୍ତି, ମୁଁ ଭାବୁଛି ଏହି ଘଟଣା ସମସ୍ତଙ୍କ ପାଇଁ ଏକ ଶିକ୍ଷା । କୌଣସି ପରିବାର ସହିତ ଏଭଳି ଘଟଣା ନଘଟୁ । ମୁଁ ଭାବୁଛି ଏବେ ଆମ ସୋସାଇଟି ତା'ର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବ ।

# ମୁହଁ ଖୋଲିଲେ କରୀନା

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୈଫ ଅଲି ଖାଁଙ୍କ ଉପରେ ଆକ୍ରମଣକୁ ନେଇ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ କରୀନା କପୁର ପ୍ରଥମ ଥର ପାଇଁ ବୟାନ ଦେଇଛନ୍ତି । ଇନଷ୍ଟାଗ୍ରାମରେ ସେ ଏହି ଘଟଣା ସଂପର୍କରେ ଏକ ବୟାନ ଜାରି କରିଛନ୍ତି ।



କରୀନା କପୁର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ ଏହି ଘଟଣା ସହ ଜଡିତ କଥା ଲେଖାଯାଇଛି । ଅଭିନେତ୍ରୀଙ୍କ ପୋଷ୍ଟରେ ଲେଖାଯାଇଛି, ଏହା ଆମ ପରିବାର ପାଇଁ ବହୁତ ଚ୍ୟାଲେଞ୍ଜିଂ ଦିନ ଥିଲା । ଆମେ ଏବେ ବି ଜିନିଷଗୁଡ଼ିକୁ ପ୍ରକ୍ରିୟା କରଣ କରିବାକୁ ଚେଷ୍ଟା କରୁଛୁ । ତଥାପି ଆଶ୍ଚର୍ଯ୍ୟ ଲାଗୁଛି ଏସବୁ କେମିତି ହେଲା । ଏହି କଠିନ ସମୟରେ ମୁଁ ଗଣମାଧ୍ୟମ ଏବଂ ଅନ୍ୟମାନଙ୍କୁ ଅନୁରୋଧ କରୁଛି ଯେ କୌଣସି ପ୍ରକାର ଗୁଜବକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ । କରୀନାଙ୍କ ଏହି ପୋଷ୍ଟରେ ସେ ଆହୁରି ଲେଖିଛନ୍ତି, 'ଏହା ସହ ଏଭଳି କୌଣସି କଭରେଜ୍ କରନ୍ତୁ ନାହିଁ ଯାହା ଠିକ୍ ନୁହେଁ । ଆମେ ଆପଣଙ୍କର ଚିନ୍ତା ଏବଂ ଚିନ୍ତନକୁ ବୁଝୁଛୁ । ଆପଣମାନେ କିପରି ଅପଡେଟ୍ ନେଉଛନ୍ତି ତାହା ଦେଖିବା ଆମ ପାଇଁ ଏକ ବଡ଼ କଥା । ଆପଣମାନେ ଆମ ସୁରକ୍ଷାକୁ ନେଇ ଯେଉଁଭଳି ଭାବରେ ଚିନ୍ତିତ ଅଛନ୍ତି ତାହା ଆମ ପରିବାର ପାଇଁ ଏକ ବଡ କଥା । କିନ୍ତୁ ମୁଁ ଆପଣସମସ୍ତଙ୍କୁ ଅନୁରୋଧ କରୁଛି ଯେ ଲୋକଙ୍କ ସୀମାକୁ ସମ୍ମାନ ଦିଅନ୍ତୁ ।

# ଖଲିଦା ଜିଆ ଜେଲରୁ ଖଲାସ !

**ଢାକା:** ଦୁର୍ନୀତି ମାମଲାରେ ବାଂଲାଦେଶ ହାଇକୋର୍ଟ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ପି)ର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ(୭୯)ଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ମାମଲାରେ ଦେଶର ସୁପ୍ରିମକୋର୍ଟ ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଖଲିଦା ଜିଆ, ଆୱାମୀ ଲିଗ୍ର ନେତ୍ରୀ ତଥା ଗାଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ତୀବ୍ର



ବିରୋଧୀ ଭାବେ ବେଶ୍ ପରିଚିତ । ଶେଖ୍ ହସିନାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ, ୮ ଫେବ୍ରୁଆରି ୨୦୧୮ରେ ଖାଲିଦା ଗିରଫ ହୋଇଥିଲେ । ଜିଆ ଅନାଥାଳୟ ଟ୍ରଷ୍ଟର ପାଣ୍ଠି ଦୁରୁପଯୋଗ ମାମଲାରେ ଖାଲିଦା, ବିଏନ୍ପିର କାର୍ଯ୍ୟକାରୀ ସଭାପତି ତାରିକ ରହେମାନ୍ ଓ ଅନ୍ୟମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏହି ମାମଲାରେ ଖାଲିଦା ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହୋଇଥିଲେ । ତାରିକ ରହେମାନ୍, ସିଦ୍ଦିକ ଓ ମୋମିନୁର୍ ରହେମାନ୍ ଫେରାର୍ ହୋଇଯାଇଥିଲେ । ରାଜନେତିକ ଉଦ୍ଦେଶ୍ୟ ରଖି ଏହି ଗିରଫ କରାଯାଇଛି ବୋଲି ଉଭୟ ଖା ଲିଦା ଓ ତାଙ୍କ ଦଳ ଅଭିଯୋଗ କରିଥିଲେ । ନିଜର ଗିରଫଦାରି ବିରୋଧରେ ଖାଲିଦା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଏହି ଆବେଦନକୁ ୧୧ ନଭେମ୍ବର ୨୦୨୪ରେ ସୁପ୍ରିମକୋର୍ଟ ବିଚାର ନିମନ୍ତେ ଗ୍ରହଣ କରିଥିଲେ ।

## ଛତିଶଗଡ ମଦ ଦୁର୍ନୀତି ମାମଲା

# ପୂର୍ବତନ ଅବକାରୀ ମନ୍ତ୍ରୀ କାୱାସି ଗିରଫ

**ରାୟପୁର:** ମଦ ଦୁର୍ନୀତି ମାମଲାରେ ଛତିଶଗଡ଼ର ପୂର୍ବତନ ଅବକାରୀ ମନ୍ତ୍ରୀ କାୱାସି ଲଖମାଙ୍କୁ ଗିରଫ କରାଯାଇଛି । ଦୀର୍ଘ ଦିନର ପଚରାଉଚରା ପରେ ଇଡି କୱାସି ଲଖମାଙ୍କୁ ଗିରଫ କରିଛି ଇଡି । ବୁଧବାର ତାଙ୍କୁ ତୃତୀୟ ଥର ପାଇଁ ପଚରାଉଚରା ପାଇଁ ଇଡି କାର୍ଯ୍ୟାଳୟକୁ ଡକାଯାଇଥିଲା ଏବଂ ଏହି ସମୟରେ ତାଙ୍କୁ ଗିରଫ କରାଯାଇଥିଲା । ମଦ ଦୁର୍ନୀତି ପଦାକୁ ଆସିବା ପରେ କବାସୀ ଲଖମା ସେତେବେଳେ କଂଗ୍ରେସ ସରକାରରେ ଅବକାରୀ ବିଭାଗର ମନ୍ତ୍ରୀ ଥିଲେ । ୨ହଜାର କୋଟିରୁ ଅଧିକ ଟଙ୍କାର ଛତିଶଗଡ଼ ମଦ ଦୁର୍ନୀତିର ତଦନ୍ତ କରୁଛି ଇଡି । ଏହି ମାମଲାରେ ଅନେକ ଅଭିଯୁକ୍ତ ଜେଲରେ ଅଛନ୍ତି ।



ଏହି ଦୁର୍ନୀତିରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଛତିଶଗଡ଼ରେ ମଦ ଦୁର୍ନୀତି ନେଇ ଇଡିକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା । କୁହାଯାଉଛି ଯେ ଏହି ପୁରା ଘଟଣା ୨୦୧୯ରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ୨୦୨୨ ପର୍ଯ୍ୟନ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ହୋଲୋଗ୍ରାମ ଲଗାଇ ବିପୁଳ ପରିମାଣରେ ବେଆଇନ ମଦ ବିକ୍ରି ହେଉଥିଲା । ଯେଉଁଥିପାଇଁ ଛତିଶଗଡ଼ର ରାଜସ୍ୱ ବିଭାଗକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା ।

ଇଡି କହିଛି ଯେ ମଦକୁ ସ୍କାନିଂରୁ ରକ୍ଷା କରିବା ପାଇଁ ନକଲି ହୋଲୋଗ୍ରାମ ମଧ୍ୟ ଲଗାଯାଇଥିଲା ଯାହା ଦ୍ୱାରା ମଦକୁ କେହି ଧରି ପାରିବେ ନାହିଁ । ସୂଚନା ଅନୁଯାୟୀ, ମଦ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ନକଲି ହୋଲୋଗ୍ରାମ ତିଆରି କରିବା ପାଇଁ ଉତ୍ତରପ୍ରଦେଶର ନୋଏଡାରେ ହୋଲୋଗ୍ରାଫି କାମ କରୁଥିବା ଏକ କମ୍ପାନୀକୁ ଟେଣ୍ଡର ଦେଇଥିଲେ । ଯଦିଓ ଏହି କମ୍ପାନୀ ଏହି ପ୍ରକ୍ରିୟା ପାଇଁ ଯୋଗ୍ୟ ନଥିଲା, କିନ୍ତୁ ନିୟମରେ ସଂଶୋଧନ କରିବା ପରେ ମଧ୍ୟ ସେହି କମ୍ପାନୀକୁ ଏହି ଟେଣ୍ଡର ଦିଆଯାଇଥିଲା । ଏହା ବଦଳରେ କମ୍ପାନୀ ମାଲିକଙ୍କଠାରୁ କମିଶନ ନିଆଯାଇଥିଲା । ନୋଏଡାର ଏହି କମ୍ପାନୀର ମାଲିକଙ୍କ ନାମ ବିଧୁ ଗୁପ୍ତା । ଯେତେବେଳେ ବିଧୁ ଗୁପ୍ତାଙ୍କୁ ଇଡି ଗିରଫ କରିଥିଲା,ସେତେବେଳେ ସେ ଅରୁଣ ପତି ଏବଂ ଅନୱର ଧେବରଙ୍କ ନାମ ନେଇଥିଲେ । ଯାହା ପରେ ଗୋଟିଏ ପରେ ଗୋଟିଏ ପୁରା ଘଟଣା ସାମ୍ନାକୁ ଆସିଥିଲା । ଏହି ମାମଲାରେ ଅନିଲ ଟୁଟେଜା, ଅନୱାର ଢେବର ଓ ଏପି ତ୍ରିପାଠୀ ଗିରଫ ହେବା ପରେ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିବା ସହ କଂଗ୍ରେସ ବିଧାୟକ ତଥା ପୂର୍ବତନ ଅବକାରୀ ମନ୍ତ୍ରୀ କବାସୀ ଲଖମାଙ୍କ ନାଁ ସାମ୍ନାକୁ ଆସିଥିଲା । ଡିସେମ୍ବର ୨୮ରେ ଇଡି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା ।

## ସାଧାରଣତନ୍ତ୍ର ଦିବସରେ ଇଣ୍ଡୋନେସିଆ

# ରାଷ୍ଟ୍ରପତି ମୁଖ୍ୟ ଅତିଥି

**ନୂଆଦିଲ୍ଲୀ:** ଏଥର ସାଧାରଣତନ୍ତ୍ର ଦିବସରେ ଇଣ୍ଡୋନେସିଆ ରାଷ୍ଟ୍ରପତି ମୁଖ୍ୟଅତିଥି ହେବେ । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋ ସୁବିଆଣ୍ଟୋ ଆସନ୍ତା ୨୫ ଓ ୨୬ରେ ଭାରତ ଆସିବେ । ଇଣ୍ଡୋନେସିଆ ରାଷ୍ଟ୍ରପତି ଭାବେ ଏହା ତାଙ୍କର ପ୍ରଥମ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୭୬ତମ ସାଧାରଣତନ୍ତ୍ର ଦିବସରେ ସେ ମୁଖ୍ୟ ଅତିଥି ରହିବେ । ଏଥିଲାଗି ସବିଶେଷ ଯୋଜନା ପ୍ରସ୍ତୁତ କରାଯାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ ଉଲ୍ଲେଖ କରାଯାଇଛି ଯେ ଭାରତର ପୂର୍ବ ନୀତି ଓ ଇଣ୍ଡୋ ପାସିଫିକ୍ ଦୃଷ୍ଟିଭଙ୍ଗୀରେ ଇଣ୍ଡୋନେସିଆ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କୁ ସାଧାରଣତନ୍ତ୍ର ଦିବସ ଲାଗି ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିଛନ୍ତି । ବର୍ଷ ବର୍ଷ ଧରି ଉଭୟ ଦେଶର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଏହି ଗସ୍ତ ସମୟରେ ଦ୍ୱିପାକ୍ଷିକ ଆଲୋଚନା ହେବାସହ କେତେକ ଉଭୟ ଦେଶର ସ୍ୱାର୍ଥକୁ ନେଇ ରାଜିନାମା ହୋଇପାରେ । ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସକୁ ବିଦେଶ ରାଷ୍ଟ୍ରର ମୁଖ୍ୟଙ୍କୁ ଅତିଥି ଭାବେ ଡକାଯାଇଥାଏ । ଗତବର୍ଷ ଫ୍ରାନ୍ସ ରାଷ୍ଟ୍ରପତି ଇମାନୋଏଲ୍ ମାର୍କନଙ୍କୁ ଅତିଥି କରାଯାଇଥିଲା । ୨୦୨୩ରେ ଇଜିପ୍ଟ୍ ରାଷ୍ଟ୍ରପତିଙ୍କୁ ଡକାଯାଇଥିଲା । ତେବେ ୨୦୨୧ ଓ ୨୦୨୨ରେ କୋଭିଡ ମହାମାରୀ ଯୋଗୁ କୌଣସି ବିଦେଶୀ ଅତିଥିଙ୍କୁ ସାଧାରଣତନ୍ତ୍ର ଦିବସରେ ଅତିଥି କରାଯାଇନଥିଲା ।



# ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ନିର୍ବାଚନ ଲଢିପାରିବ: ଚନ୍ଦ୍ରବାବୁ

**ବିଶାଖାପାଟଣା:** ଦିନ ଥିଲା ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ପଞ୍ଚାୟତ କିମ୍ବା ପୌର ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆଯାଉନଥିଲା । କିନ୍ତୁ ଏବେ ସମୟ ବଦଳିଛି । ଅଧିକ ସନ୍ତାନ ଥିବା ଲୋକଙ୍କୁ ହିଁ ନିର୍ବାଚନ ଲଢିବାକୁ ଅନୁମତି ମିଳିବ ।

ଆନ୍ଧ୍ରପ୍ରଦେଶରେ ଏବେ ଲାଗୁ ହେବ ଏକ ନିଆରା ନିୟମ । ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଏପର୍ଯ୍ୟନ୍ତ କମ୍ ସନ୍ତାନ ଜନ୍ମ ପାଇଁ ନୀତି ଗ୍ରହଣ କରାଯାଉଥିଲା । କିନ୍ତୁ ଆନ୍ଧ୍ରପ୍ରଦେଶରେ ଏବେ ଅଧିକ ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦିଆଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଜଣେ ବ୍ୟକ୍ତି ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର କିମ୍ବା ମେୟର ହୋଇପାରିବେ ।

ଆନ୍ଧ୍ରପ୍ରଦେଶରେ ଏବେ ଅଧିକ ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦିଆଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଜଣେ ବ୍ୟକ୍ତି ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର କିମ୍ବା ମେୟର ହୋଇପାରିବେ । ଏହା ଦ୍ୱାରା ଜନସଂଖ୍ୟା ହ୍ରାସକୁ ରୋକାଯାଇପାରିବ ବୋଲି ସେ ସଙ୍କେତ ଦେଇଛନ୍ତି । ଲୋକଙ୍କୁ ଅଧିକ ସନ୍ତାନ ଜନ୍ମ ପାଇଁ ପ୍ରୋତ୍ସାହିତ କରିବା ପାଇଁ ସେ ନୀତି ଆଣିବେ ବୋଲି ନାଇଡୁ କହିଛନ୍ତି । ଏକ ସମୟ ଥିଲା ଯେତେବେଳେ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ପଞ୍ଚାୟତ (ନିର୍ବାଚନ) କିମ୍ବା ସ୍ଥାନୀୟ ସଂସ୍ଥା ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆଯାଉନଥିଲା । ଏବେ ମୁଁ କହୁଛି, କମ୍ ସନ୍ତାନ ଥିବା ବ୍ୟକ୍ତି ମାନେ ନିର୍ବାଚନ ଲଢ଼ିପାରିବେ ନାହିଁ । ଯଦି ଆପଣଙ୍କର ଦୁଇରୁ ଅଧିକ ସନ୍ତାନ ଅଛନ୍ତି ତେବେ ହିଁ ଆପଣ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର, ନିଗମ ସଭାପତି କିମ୍ବା ମେୟର ହେବେ । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ପ୍ରାୟ ୧୫ ବର୍ଷ ମଧ୍ୟରେ ଉତ୍ତର ଭାରତ ସ୍ଥିର ପ୍ରଜନନ ହାରର ଲାଭ ହରାଇପାରେ ।



# ସକାଳେ ନିର୍ବନ୍ଧ, ମଧ୍ୟାହ୍ନରେ ଜୀବନ ହାରିଲେ ଯବାନ

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶର ବିଜନେରରେ ପିଏସିର ଜଣେ ଯବାନଙ୍କ ମୃତଦେହ ଗଛରୁ ଉଦ୍ଧାର ହେବା ପରେ ଚାଞ୍ଚଲ୍ୟ ଖେଳି ଯାଇଛି । ଉଦ୍ଧାର ବେଳେ ଯବାନଙ୍କ ଦୁଇହାତ ପଛରେ ବନ୍ଧାଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି ।

ସୂଚନାଯୋଗ୍ୟ, ବିଜନେରର ଅଫଜଲଗର ଯବାନ ଲୋକେନ୍ଦ୍ର ମୁରାଦାବାଦର ନବମ ବାଟାଲିୟନରେ ଚାକିରି କରୁଥିଲେ । ତାଙ୍କର ଡିୟୁଟି ପ୍ରୟାଗରାଜରେ ଚାଲୁଥିବା ମହାକୁମ୍ଭ ମେଳାରେ ପଡ଼ିଥିଲା । ଜାନୁଆରୀ ୧୫ ତାରିଖରେ ତାଙ୍କର ନିର୍ବନ୍ଧ ଥିବାରୁ ସେ ତିନିଦିନର ଛୁଟି ନେଇ ଘରକୁ ଆସିଥିଲେ । ଗତ ବୁଧବାର ଯବାନ ଲୋକେନ୍ଦ୍ରଙ୍କ ଧୁମଧାମରେ ନିର୍ବନ୍ଧ ଶେଷ ହୋଇଥିଲା । ନିର୍ବନ୍ଧ ପରେ ଲୋକେନ୍ଦ୍ରଙ୍କ ବିବାହ ଫେବ୍ରୁଆରି ୧୪ ତାରିଖରେ ହେବା ନେଇ ସ୍ଥିର ହୋଇଥିଲା । ନିର୍ବନ୍ଧ ଶେଷହେବାପରେ ଲୋକେନ୍ଦ୍ର କୌଣସି ଏକ କାମରେ ଘରୁ ବାହାରି ଯାଇଥିଲେ । ଅନେକ ସମୟ ବିତି ଯାଇଥିଲେ ସୁଦ୍ଧା ସେ ଘରକୁ ଫେରି ନଥିଲେ । ପରିବାରଲୋକେ ଯବାନ ଲୋକେନ୍ଦ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ତାଙ୍କ ଫୋନ ସୁଇଚ ଅଫ କହିଥିଲା । ଅନେକ ଖୋଜାଖୋଜି ପରେ ଗ୍ରାମ ନିକଟସ୍ଥ ଏକ ଜମିରେ ଥିବା ଗଛରେ ଯବାନଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ଏନେଇ ଗ୍ରାମବାସୀ ଲୋକେନ୍ଦ୍ରଙ୍କ ପରିବାର ସମେତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତ ଯବାନ ଲୋକେନ୍ଦ୍ରଙ୍କ ପକେଟରୁ ଏକ ନୋଟ ମିଳିଛି । ଏହି ନୋଟରେ ଉଲ୍ଲେଖ ଅଛି କି, ମୁଁ ଗତ ତିନିଚାରିମାସ ହେବ ବହୁତ ଚିନ୍ତାରେ ଥିଲି । ମୋର ଅନୁରୋଧ ଏଣିକି ମୋ ପରିବାକୁ ଏହି ଘଟଣା ପରେ ଯେମିତି କୌଣସି ପ୍ରକାରେ ହଇରାଣ କରାନଯାଉ । ଏହି ନୋଟ ମିଳିବା ପରେ ପୋଲିସ ତଦନ୍ତ କରୁଛି କି ଲୋକେନ୍ଦ୍ରଙ୍କ ପକେଟରୁ ମିଳିଥିଲା ଚିଠି ସେ ନିଜେ ଲେଖିଛନ୍ତି । ନା କେହି ଜଣେ ଲେଖି ତାଙ୍କ ପକେଟରେ ରଖି ଦେଇଛନ୍ତି । ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଲୋକସଭା ନିର୍ବାଚନ ପାଇଁ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ: ପାୱାର

**ନୂଆଦିଲ୍ଲୀ:** କେବଳ ଜାତୀୟ(ଲୋକସଭା) ନିର୍ବାଚନ ପାଇଁ ଗଠନ ହୋଇଥିଲା ଇଣ୍ଡିଆ' ମେଣ୍ଟ । ଏଭଳି କହିଛନ୍ତି ବିରୋଧୀ ମେଣ୍ଟର ବରିଷ୍ଠ ସଦସ୍ୟ ଶରଦ ପାୱାର । ଲୋକସଭାରେ ବିଜେପିକୁ ମାତ ଦେବା ପାଇଁ ଗଠନ ହୋଇଥିବା ବିରୋଧୀ ମେଣ୍ଟରେ ସବୁକିଛି ଠିକ ଚାଲିନଥିବା ଚର୍ଚ୍ଚା ଜୋର ଧରିଥିବାବେଳେ ଶରଦ ପାୱାରଙ୍କ ଏଭଳି ପ୍ରତିକ୍ରିୟା ଜାତୀୟ ରାଜନୀତିକୁ ସରଗରମ କରିଛି ।

ଶରଦ ପାୱାର କହିଛନ୍ତି ଯେ ରାଜ୍ୟ ଓ ଆଞ୍ଚଳିକ ନିର୍ବାଚନରେ ଏକାଠି ଲଢ଼ିବାକୁ ଇଣ୍ଡିଆ ମେଣ୍ଟରେ କୌଣସି ଆଲୋଚନା ହୋଇନଥିଲା । ତେବେ ଆମେ ସମସ୍ତେ ଆଗାମୀ ୧୦ ଦିନ ଭିତରେ ଏକାଠି ହେବୁ ଏବଂ ଆଞ୍ଚଳିକ ନିର୍ବାଚନ ବିଷୟରେ ଆଲୋଚନା କରିବୁ ବୋଲି କହିଛନ୍ତି ଶରଦ ପାୱାର । ଦିଲ୍ଲୀରେ ଆପ୍ ଓ କଂଗ୍ରେସ ପରସ୍ପର ବିରୋଧରେ ଲଢ଼ିବା ବିଷୟରେ ପାୱାର କହିଛନ୍ତି ଯେ, କେବଳ ଜାତୀୟ(ଲୋକସଭା) ନିର୍ବାଚନ ପାଇଁ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ । ଦିଲ୍ଲୀ ହେଉଛି ଅରବିନ୍ଦ କେଜ୍ରିୱାଲଙ୍କ ଗଡ଼ । ସେଠାରେ ଲୋକ ତାଙ୍କୁ ଦୁଇଥର ବହୁମତ ଦେଇଛନ୍ତି । ତେଣୁ ଯଦି ସେଠାରେ ସେ ଆତ୍ମବିଶ୍ୱାସର ସହ ଏକା ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ବହୁତ ଭଲ ।



ଉଲ୍ଲେଖ ଯୋଗ୍ୟ, ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟର ଦୁଇ ସହଯୋଗୀ ଆମ୍ ଆଦମୀ ପାର୍ଟି ଓ କଂଗ୍ରେସ ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇବା ପରେ ମେଣ୍ଟରେ ସବୁକିଛି ଠିକ ନଥିବା ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏହାପରେ ସମାଜବାଦୀ ପାର୍ଟି, ଟିଏମସି ଓ ଶିବସେନା (ଉଦ୍ଧବ ଗୋଷ୍ଠୀ) କଂଗ୍ରେସକୁ ଏକ ପାଖିଆ କରି ଆପକୁ ସମର୍ଥନ ଘୋଷଣା କରିଛନ୍ତି । ଅନ୍ୟପଟେ ନିକଟରେ ମହାରାଷ୍ଟ୍ରରେ ବିଭିନ୍ନ ମହାନଗର ନିଗମ, ଜିଲ୍ଲା ପରିଷଦ ଓ ପଞ୍ଚାୟତ ଭଳି ଆଞ୍ଚଳିକ ନିର୍ବାଚନରେ ଉଦ୍ଧବ ଠାକରେଙ୍କ ଶିବସେନା ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି । ଏପଟେ ଦିଲ୍ଲୀରେ ରାହୁଲ ଗାନ୍ଧି ଓ ଅରବିନ୍ଦ କେଜ୍ରିୱାଲ ପରସ୍ପରକୁ ଜୋରଦାର ଟାର୍ଗେଟ ଜାରି ରଖିଛନ୍ତି । ଯାହା ଇଣ୍ଡିଆ ମେଣ୍ଟର ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠାଇଛି ।

# ସୀତାଂଶୁ ଟିମ୍ ଇଣ୍ଡିଆର ବ୍ୟାଟିଂ କୋଚ୍



ନୂଆଦିଲ୍ଲୀ,୧୬।୧ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲରେ ଭାରତ ପ୍ରବେଶ କରିପାରିନାହିଁ । କିନ୍ତୁ ଇଂଲଣ୍ଡ ବିପକ୍ଷ ଘରୋଇ ଶୃଙ୍ଖଳା ପାଇଁ ଭାରତ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି । ଘରୋଇ ପରିବେଶରେ ଇଂଲଣ୍ଡ ସହ ପ୍ରଥମେ ୫ଟି ଟି-୨୦ ଓ ପରେ ୩ଟି ଦିନିକିଆ ମ୍ୟାଚ ଖେଳିବ ଭାରତ । ଏହାକୁ ଦୃଷ୍ଟିରେ ରଖି ସୀତାଂଶୁ କୋଟାକଙ୍କୁ ଭାରତୀୟ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି । ସେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରୁ ଦାୟିତ୍ୱ ଗ୍ରହଣ କରିବେ । ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପରାମର୍ଶ ପରେ ବିସିସିଆଇ ପକ୍ଷରୁ ସୀତାଂଶୁ ଏହି ଦାୟିତ୍ୱ ଦିଆଯାଇଛି । ରାହୁଲ ଦ୍ରାବିଡ ଆୟର୍ଲାଣ୍ଡ ଗସ୍ତରେ ଯାଇନଥିବା ବେଳେ ସୀତାଂଶୁ ଦଳର କୋଚ ହୋଇଥିଲେ । ୨୦୧୯ରେ ସେ ଭାରତୀୟ ଏ ଦଳ ସହ କାର୍ଯ୍ୟ କରିଛନ୍ତି । ୫୨ ବର୍ଷୀୟ ସୀତାଂଶୁ ଲିଷ୍ଟ ଏ ରେ ୮୯ ମ୍ୟାଚ ଖେଳି ୩,୦୮୩ ରନ୍ କରିବା ସହ ୫୪ ୱିକେଟ୍ ନେଇଥିଲେ ।

## ଅନୁଗୁଳରେ କ୍ରିକେଟ୍ ପ୍ରଶିକ୍ଷଣ ଶିବିର

ଅନୁଗୁଳ,୧୬।୧ (ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଏବଂ ଅନୁଗୁଳ ଜିଲ୍ଲା ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଦମପଡ଼ିଆ ଠାରେ ୧୪, ୧୬ ଓ ୧୯ ବର୍ଷରୁ କମ୍ କ୍ରିକେଟ୍ ଖେଳାଳିଙ୍କ ପାଇଁ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ବିଭିନ୍ନ ସ୍କୁଲ, କଲେଜ ଓ କ୍ଲବରସ୍ତରର ଖେଳାଳି ଶିବିରରେ ଯୋଗଦାନ କରିବାକୁ ଅନୁଗୁଳ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ଓସିଏର କୌଶଳ ନିର୍ଦ୍ଦେଶକ ଭି ଭେଙ୍କଟରାମ, ସୌରଭ ସେଗାଲ, ପ୍ରୀତମଜିତ ଦାସ (କୋଚ୍) ପ୍ରମୁଖ ଶିବିରରେ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି ।

## ଅଷ୍ଟ୍ରେଲିଆନ୍ ଓପନ

# ଫୋନସିକା ବିଦା



ମେଲବୋର୍ଣ୍ଣ,୧୬।୧ (ଏଜେନ୍ସି): ବ୍ରାଜିଲର ଯୁବ ଟେନିସ୍ ଖେଳାଳି ଜୋଆଓ୍ୱ ଫୋନସିକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି । ନିଜର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆନ୍ ଓପନ ଯୋଗ୍ୟତା ହାସଲ କରିଥିବା ଫୋନସିକା ଆଗକୁ ବଢ଼ିବେ ବୋଲି ପ୍ରଶଂସକଙ୍କ ଆଶା ଥିଲା । ଏପରିକି ଦ୍ୱିତୀୟ ରାଉଣ୍ଡ ମ୍ୟାଚ ବେଳେ ବ୍ରାଜିଲର ଏହି ଯୁବ ଖେଳାଳିଙ୍କୁ ସମର୍ଥନ ଦେବା ପାଇଁ ଭରପୂର ଦର୍ଶକ ଉପସ୍ଥିତ ଥିଲେ । ମେଲବୋର୍ଣ୍ଣ ମ୍ୟାଚ ୫ ସେଟ୍ ବିଶିଷ୍ଟ ହୋଇଥିଲା । ସେ ପ୍ରତିପକ୍ଷ ଲୋରେଞ୍ଜୋ ସୋନେଗୋଙ୍କ ନିକଟରୁ ୭-୬, ୩-୬, ୧-୬, ୬-୩, ୩-୬ ସେଟରେ ପରାଜିତ ହୋଇଥିଲେ । ମ୍ୟାଚ ୩ ଘଣ୍ଟା ୩୭ ମିନିଟ୍ ଧରି ଚାଲିଥିଲା । ଖେଳର ରୋଚକତା ଓ ସଂଘର୍ଷ ପାଇଁ ନବାଗତ ଜୋଓ୍ୱାଓଙ୍କୁ ବିଶ୍ୱର ବହୁ ପୂର୍ବତନ ଟେନିସ୍ ଖେଳାଳି ପ୍ରଶଂସା କରିଛନ୍ତି । ପରାଜୟ ପରେ ଫୋନସିକା କହିଛନ୍ତି । ଭରପୂର ଦର୍ଶକଙ୍କ ଗହଳରେ ଖେଳିବାକୁ ଭଲ ଲାଗେ । ଅବଶ୍ୟ ଏହି ମ୍ୟାଚ ମୁଁ ଜିତି ପାରିଲି ନାହିଁ । କିନ୍ତୁ ସମର୍ଥକଙ୍କୁ ଧନ୍ୟବାଦ ଜଣାଉଛି । ପ୍ରଥମ ରାଉଣ୍ଡରେ ସେ ରୁବଲେଭଙ୍କୁ ୭-୬, ୬-୩, ୭-୬ ସେଟ୍‌ରେ ହରାଇଥିଲେ ।

### ତୃତୀୟ ରାଉଣ୍ଡରେ ସିନର

ଅଷ୍ଟ୍ରେଲିଆନ୍ ଓପନରେ ନିଜର ଦବଦବା ଜାରି ରଖିଛନ୍ତି ବିଶ୍ୱର ନଂ.୧ ଖେଳାଳି ଜାନିକ ସିନର । ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସିନର ୪-୬, ୬-୪, ୬-୧, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ୱାଇଲ୍ଡ କାର୍ଡ ପ୍ରାପ୍ତ ସ୍କୋଲେକେଟ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେ ପରବର୍ତ୍ତୀ ମ୍ୟାଚରେ ଗିରୋନୋଙ୍କୁ ଭେଟିବେ । ଗତ ସଂସ୍କରଣରେ ସିନର ଚାମ୍ପିଅନ୍ ହୋଇଥିବା ବେଳେ ଡାନିଏଲ୍ ମେଡେଭେଡେଭ ରନର୍ସ ଅପ୍ ହୋଇଥିଲେ । ଏଥର ମଧ୍ୟ ସିନିୟରଙ୍କ ପାଇଁ ସମାନ ସୁଯୋଗ ରହିଛି । ସିନର ପ୍ରଥମ ରାଉଣ୍ଡ ମ୍ୟାଚରେ ସିନର ୭-୬, ୭-୬, ୬-୧ ସେଟ୍‌ରେ ଜେରିଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ । ଦ୍ୱିତୀୟ ରାଉଣ୍ଡରେ ଅନ୍ୟ ମ୍ୟାଚ ଗୁଡିକରେ ଅଣସିଡେଡ ମାରୋଜସାନ, ମିଚେଲ ସେନ, ଗିରନ, ମାଡେଟେଟ୍, ଡି ମିନାଉର, ବି ସେଲଟନ୍ ଗାଏଲମନଫିଲ୍ସ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ମହିଳା ବର୍ଗର ଦ୍ୱିତୀୟ ରାଉଣ୍ଡରେ ପାଓଲିନ୍, କୁଲିନ୍ସ, କିଜ୍, କୁଡେରମେଟୋଭା ଏଲିନା ଭିଟୋଲିନା, ଜେ କ୍ରିଷ୍ଟିଆନ୍, ହାଡାଡ ମାୟା, ଏଲିନା ରେବାକିନା, ଜିଲୁଆ ପୁଟିନ୍ ସେଭା, ଇଗା ସ୍ୱିଟେକ୍, ନାଭାରୋ, ରାଡୁକାନୁ, ଜାବେଉର, କାସାଟକିନା ଓ ୟସଷ୍ଟ୍ରିମସ୍କା ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

# ଫୁଟବଲ ବିଶ୍ୱକପ୍ ପାଇଁ ମରକ୍କୋରେ ମରାଯିବ ୩୦ ଲକ୍ଷ କୁକୁର



ନୂଆଦିଲ୍ଲୀ,୧୬।୧ (ଏଜେନ୍ସି): ଫିଫା ଫୁଟବଲ ବିଶ୍ୱକପ୍‌ର ୨୦୩୦ ସଂସ୍କରଣକୁ ମରକ୍କୋ, ସ୍ପେନ୍ ଓ ପର୍ତ୍ତୁଗାଲ ମିଳିତ ଭାବେ ଆୟୋଜନ କରିବେ । ଏନେଇ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇସାରିଛି । ଫିଫା ବିଶ୍ୱକପ୍ ପାଇଁ ମରକ୍କୋ ସରକାରଙ୍କ ଏକପଦ କ୍ଷେପକୁ ନେଇ ହଇଚାଇ ସୃଷ୍ଟି ହୋଇଛି । ମରକ୍କୋରେ ୩୦ ଲକ୍ଷ ବୁଲା କୁକୁରକୁ ମାରିବା ପାଇଁ ଯୋଜନା କରାଯାଇଛି । ଏଭଳି ପଦକ୍ଷେପକୁ କ୍ରୀଡା ଓ ପଶୁପ୍ରେମୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏଥିପାଇଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆନିମଲ୍ସ ରାଇଟ୍ସ ଆକ୍ଟିଭିଟ୍ସ ଏବେ ଠାରୁ ବିରୋଧ କରିବା ଆରମ୍ଭ କରିଛନ୍ତି ।

# ଏପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜେଏମ୍‌ସିସି କୋଲାର ଚାମ୍ପିଅନ



ନିଶ୍ଚିନ୍ତକୋଇଲି ,୧୬।୧ (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ବାବୁଜଙ୍ଗ ପଞ୍ଚାୟତ ଦୁଲୁପୁରସ୍ଥିତ ବିରିଖଳା ଖେଳପଡିଆରେ ନେସନାଲ ସ୍ପୋର୍ଟିଂ କ୍ଲବ ବାବୁଜଙ୍ଗ ଆନୁକୂଲ୍ୟରେ ଏପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଏଥିରେ ଗ୍ରାମାଞ୍ଚଳର ୧୬ ଗୋଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ଜେଏମ୍‌ସିସି କୋଲାର ତେଣ୍ଡାକୋଡାକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଏହାର ପୁରସ୍କାର ବିତରଣୀ ଉତ୍ସବରେ ମ୍ୟୁନିସିପାଲଟିର ଚେୟାରମ୍ୟାନ ଇଜାଜ୍ ଖାଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଟକ ସଦର ୟୁନିୟନ ଡେଭଲପ ମେଣ୍ଟ ସଭାପତି ମନୋଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ସୋସିଆଲ ୱେଲଫେୟର ଫାଉଣ୍ଡେସନର ସଭାପତି ସମସେର ଅଲୀ, ସମ୍ମାନୀତ ଅତିଥି ଭାବେ ରୟାଲ ଇଣ୍ଡଷ୍ଟ୍ରିର ଡାଇରେକଟର ଇକ୍‌ବାଲ ଖାଁ, ଅନୁଷ୍ଠାନର ସଭାପତି ସାବୀର ଅଲୀ ଖାଁ, ଅବସରପ୍ରାପ୍ତ ସେନା ଅଧିକାରୀ ଅବୁ ତାଲିବ୍ ଖାଁ, ବରିଷ୍ଠ ସଦସ୍ୟ ସାହାଜାନ୍ ଖାଁ, ବିଜୟ ନାୟକ, ଅଭିମନ୍ୟୁ ସାହୁ, ଉଦୟ ସାସମଲ, ସୁଦର୍ଶନ ଜେନା, ପ୍ରସନ୍ନ ବେହେରା, ଛାତ୍ର ନେତା ପ୍ରକାଶ ମାଝୀ, ବିଶ୍ୱଜିତ୍ ସାହୁ, ଦେବାଶିଷ ପରିଡା ପ୍ରମୁଖ ଯୋଗଦେଇ ଟ୍ରଫି ସହିତ ଚାମ୍ପିଅନ ଟିମ୍‌କୁ ୫୦ ହଜାର ଓ ରନର୍ସ ଅପ୍ ଦଳକୁ ୩୦ ହଜାର ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଅବଦୁଲ ଅଲିମ୍ ଖାଁ, ରିହାନ୍ ଖାଁ, ବାରି ପରେରା, ଅବଦୁଲ ସୋଏବ ଖାଁ, ପାର୍ଥ ଦାସ ଖେଳ ପରିଚାଳନା କରିଥିଲେ ।

## ଏକଦିବସୀୟ ଭଲିବଲ

# ଭୁବନେଶ୍ୱର ଚାମ୍ପିଅନ

କୁଆଖିଆ,୧୬।୧(ସବ୍ୟୁ): ରସୁଲପୁର ବ୍ଲକ୍ ମୁଗୁପାଳ ସ୍ଥିତ ଶିକ୍ଷା, ସମାଜ ଓ ପରିବେଶ ଉନ୍ନୟନ ସଂସ୍ଥା (ଇଏସ୍‌ଇପିଏମ୍)ର ୨୨ତମ ପ୍ରତିଷ୍ଠା ଦିବସ ଅବସରରେ ୨୨ତମ ଏକ ଦିବସୀୟ ଦିବାରାତ୍ର ରାଜ୍ୟ ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ୍ ଆଜି ଆରମ୍ଭ ହୋଇଛି । ଏଥିରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କୁ ଭୁବନେଶ୍ୱର ପରାସ୍ତ କରି ଥାନା ଅଧିକାରି ଚିନ୍ମୟୀ ସାହୁ ଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଆଜି ପ୍ରଥମ ମ୍ୟାଚରେ ଭୂମିକା ପ୍ରଗତି କ୍ଲବ ମୁଗୁପାଳକୁ ୨-୦ ପଏଂଟରେ ପରାସ୍ତ କରିଛି । ସେହିପରି ୨ୟ ଖେଳରେ ନେହୁର ଷ୍ଟାଡିୟମ ବାଲେଶ୍ୱରକୁ ୨-୦ ପଏଂଟରେ ହରାଇଛି । ସେହିପରି ତୃତିୟ ମ୍ୟାଚରେ ସୁର୍ଯ୍ୟଶିଖା ମୁଗୁପାଳକୁ ୨-୦ ଓ ଚତୁର୍ଥ ଖେଳରେ ଭୁବନେଶ୍ୱର ସ୍ପୋର୍ଟିଂକୁ ହରାଇଛି । ପ୍ରଥମ ସେମିଫାଇନାଲ ଖେଳରେ ଭୂମିକା ସୁର୍ଯ୍ୟଶିଖା ମଧ୍ୟରେ ଖେଳ ଚାଲିଛି । ଉଦଘାଟକ ଭାବେ ଶିକ୍ଷାବିତି ଜିତେନ୍ଦ୍ର କୁମାର କର ଉଦ୍‌ଘାଟନ କରିଥିଲେ । ଇପିସିଏମ୍ ଓ ମୁଗୁପାଳ ସ୍ଥିତ ପ୍ରଗତି କ୍ଲବ୍ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୬ଟିଦଳ ବାଲେଶ୍ୱର ସ୍ପୋଟିଂ , ଭୁବନେଶ୍ୱର ସ୍ପୋଟିଂ, ସୁର୍ଯ୍ୟଶିଖା , ଭଦ୍ରକ ,ନେହୁରୁ କ୍ଲବ ଭଦ୍ରକ , ଭୂମିକା ଚକ୍ଷୁ ଚିକିତ୍ସାଳୟ ଏବଂ ମୁଗୁପାଳ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଗତି କ୍ଲବ ଓ ଇଏସ୍‌ଇପିଏମ୍‌ର ସଂପାଦକ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭଲିବଲରେ ଅତିଥି ଭାବେ ସମିତି ସଭ୍ୟ ନରୋତମ ସାହୁ, କଲେଜ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର, ସଂଗୀତ ଶିକ୍ଷକ ପ୍ରମୋଦ ଦାସ, ଅଜିତ କୁମାର ଓଝା ଯୋଗଦେଇ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ । ଭରତ ନାୟକ ଅତିଥି ପରିଚୟ ଓ ଅମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅମରେନ୍ଦ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରି ପ୍ରତିଯୋଗିତା ସଂଚାଳନ କରିଥିଲେ। ଆଜିର ଖେଳକୁ ରେଫେରୀ ଯତୀନ୍ଦ୍ର ନାଥ ଜେନା, ସୋମ୍ୟ ରଂଜନ ନାୟକ, ଅଭ୍ରାଂଶୁ ମହାନ୍ତି , ସୁବ୍ରତ କର ଓ ଅମରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଂଟ୍ କାର୍ଯ୍ୟକ୍ରମକୁ ଓ ପ୍ରଗତି କ୍ଲବ୍ ଖେଳ ସଂପାଦକ ଓ ସମସ୍ତ ସଭ୍ୟ ପରିଚାଳନା କରିଥିଲେ ।

# ସିଏମ ଟ୍ରଫି ଫୁଟବଲ ଚାମ୍ପିଅନସିପ



ଢେଙ୍କାନାଳ,୧୬।୧ (ସବ୍ୟୁ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ ଠାରେ ଜିଲ୍ଲା ସି.ଏମ୍. ଟ୍ରଫି ନିମନ୍ତେ ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମୁଖ୍ୟ ଷ୍ଟାଡ଼ିୟମଠାରେ ସି.ଏ. ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ ୧୫ବର୍ଷରୁ କମ ଇଣ୍ଟର କ୍ଲବ ପ୍ରତିଯୋଗିତା ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ,ପାଠ ସହିତ କ୍ରୀଡ଼ା ଅଭ୍ୟାସ ନିଜ ଶରୀର ଓ ଜୀବନ ଗଠନରେ ବିଶେଷ ସହାୟକ ହୋଇଥାଏ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି ପ୍ରକାଶ କରିଥିଲେ । ଏଥି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ବିଧିବଦ୍ଧ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା କ୍ରୀଡ଼ା ସଂଘର ସେକ୍ରେଟାରୀ ନଳିନୀ କୁମାର ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଉଅଛି । ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଫୁଟବଲ ଚମ୍ପିୟାନ ସିପ୍ ପ୍ରତିଯୋଗତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ଲବ୍ ଅଂଶ ଗ୍ରହଣ କରିଛନ୍ତି । ଉତ୍ସବ ଶେଷରେ କ୍ରୀଡା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଖ୍ୟାତ ଘୋଷକ ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଅଲ୍‌ମାଇଟ କ୍ରିକେଟ ଟିମ୍ ଚାମ୍ପିଅନ

ସିମୁଳିଆ,୧୬।୧ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଣ୍ଡରାଇ ପଞ୍ଚାୟତ ସେରପୁର ଗ୍ରାମରେ ଥିବା ବଟ ହନୁମାନ ପଡ଼ିଆରେ ବଟ ହନୁମାନ କ୍ରିକେଟ ଟିମ୍ ଆନୁକୂଲ୍ୟରେ ଫାଇନାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମେଚକୁ ଯୁବ ସମାଜସେବୀ ଅଶୋକ ପାତ୍ର ଉଦ୍ଘାଟନ କରିଥିଲେ । ୭ଦିନ ବ୍ୟାପୀ ହୋଇଥିବା ଏହି ମ୍ୟାଚରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଗୁରୁବାର ଅନୁଷ୍ଠିତ ଫାଇନାଲ ମେଚରେ ଅଲ୍‌ମାଇଟ କ୍ରିକେଟ କ୍ଲବ ଅଣ୍ଡରାଇ ଏବଂ ଭଦ୍ରକ ଜିଲ୍ଲା ନଳାଙ୍ଗ ଡମିନେଟ-୧୧ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅଲ୍‌ମାଇଟ ଟସ୍ ଜିତି ପ୍ରଥମେ ବେଟିଂ କରି ୧୫ ଓଭରରେ ୧୧୬ ରନ୍ କରିଥିଲେ । ଏହାର ପ୍ରତିବାଦରେ ଡମିନେଟ ଟିମ୍ ୧୪ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରି ପରାସ୍ତ ହୋଇଥିଲେ । ପରେ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ଗଗନ ଚନ୍ଦ୍ର ମିଶ୍ର, ଅନନ୍ତ ପ୍ରସାଦ ନାୟକ, ସମାଜସେବୀ ଅଶୋକ ପାତ୍ର, ସରପଞ୍ଚ ମମତାମୟୀ ନାୟକ ଯୋଗଦେଇ ଚମ୍ପିଆନ ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅଫ୍ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସଭାପତି ମନୋଜ ମହାନ୍ତି ଓ ସମ୍ପାଦକ ସ୍ୱୟଂ ଶୁଭମ ମହାଳିକ ସହଯୋଗ କରିଥିଲେ ।

# କଳାପଥର କପ କ୍ରିକେଟ୍: ମଞ୍ଚେଶ୍ୱର ଚାମ୍ପିଅନ




ବାଙ୍କୀ,୧୬।୧ (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ଅନ୍ତର୍ଗତ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜୀବନ ଜ୍ୟୋତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ସତ୍ୟଭାମା -ଚୌଧୁରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଣ୍ଟର ଫାଇନାଲ ମ୍ୟାଚରେ କୁମାରବସ୍ତକୁ ୯ ରନରେ ହରାଇ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ ଦଳ ଚଳିତ ବର୍ଷ ଚାମ୍ପିଅନ ହୋଇଛି । ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର ଦଳ ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୨ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦିଲ୍ଲୀପ ମହାରଣା ସର୍ବାଧିକ ୫୨ରନ (୩୭ ବଲ୍),ଏମ୍‌କେ ସଲମାନ ୪୩ରନ(୨୩ ବଲ୍) ସଂଗ୍ରହ କରିଥିଲେ । କୁମାରବସ୍ତ ଦଳର ବି.ଶିବା ସର୍ବାଧିକ ୪ଟି ସଫଳତା ପାଇଥିଲେ. ଏହାର ଜବାବରେ କୁମାରବସ୍ତ କ୍ରିକେଟ ଦଳ ୨୨ ଓଭରରେ ୮ ୱିକେଟ ହରାଇ ୧୭୩ ରନ କରି ୯ ରନରେ ପରାଜୟ ବରଣ କରିଥିଲା । ଦଳ ପକ୍ଷରୁ ଆଇଏସ ଗିରି ସର୍ବାଧିକ ୫୦ ରନ (୪୧ବଲ୍)ସଂଗ୍ରହ କରିଥିଲେ । ମଞ୍ଚେଶ୍ୱର ପକ୍ଷରୁ ବିବେକ ସାହୁ । ମ୍ୟାଚ ତଥା ଟୁର୍ଣ୍ଣାମେଣ୍ଟର ମ୍ୟାନ ଅଫ ଦୀ ମ୍ୟାଚ ଓ ମ୍ୟାନ ଅଫ ସିରିଜ ବିବେଚିତ ହୋଇଥିଲେ । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ଡଃ. ଦେବାଶିଷ ପଟ୍ଟନାୟକ, ଓ ସମ୍ମାନିତ ଅତିଥି ଭାବେ ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ, ଯୋଗ ଦେଇ ଥିଲେ । ଚାମ୍ପିଅନ ଦଳ କୁ ଟ୍ରଫି ସହିତ ନଗଦ ୪୦ହଜାର ଟଙ୍କାଓ ରନର୍ସ ଅପ କୁମାର ବସ୍ତ ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି ।

# ରାଜ୍ୟସ୍ତରୀୟ ପୁରୁଷ ଡବଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ନୂଆପଡା,୧୬।୧ (ସବ୍ୟୁ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ରାଜ୍ୟ ସ୍ତରୀୟ ପୁରୁଷ ଡବଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଜିଲ୍ଲା ବ୍ୟାଡ଼ମିଣ୍ଟନ ଏସୋସିଏସନ ଆନୁକୁଲ୍ୟରେ ଦୁଇ ଦିନ ବ୍ୟାପି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଶୁଭାରମ୍ଭ ହୋଇଯାଇଛି । ଉପରୋକ୍ତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ, ବିଶିଷ୍ଟ ଅତିଥି ଭାବରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସମ୍ମାନୀତ ଅତିଥି ଭାବରେ ନୂଆପଡା ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡ଼େଇ ଯୋଗଦେଇ ଯୁବ ପ୍ରତିଭାବାନ ବ୍ୟାଡ଼ମିଣ୍ଟନ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି । ଆୟୋଜିତ ଉଦଘାଟନୀ ସଭାରେ ନୂଆପଡା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଉପ ସଭାପତି ପ୍ରସନ୍ନ ମହାରଣା ମଞ୍ଚାସୀନ ରହିଥିବା ବେଳେ, ସମ୍ପାଦକ ସୁଦୀପ୍ତ କୁମାର ବିଶୋଇ ମଞ୍ଚ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ବଛା ବଛା ୩୯ ଗୋଟି ବ୍ୟାଡ଼ମିଣ୍ଟନ ପୁରୁଷ ଡବଲ ଦଳ ଅଂଶଗ୍ରହଣ କରି ନିଜ ନିଜ ଖେଳ ପ୍ରଦର୍ଶନ କରି କ୍ରୀଡାପ୍ରେମୀଙ୍କ ପ୍ରସଂସା ଲାଭ କରିଛନ୍ତି । ଉଦଘାଟନୀ ମ୍ୟାଚ ସୋନପୁର ଓ ଖଡ଼ିଆଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତକୃଷ୍ଟ ଖେଳ ର ପ୍ରଦର୍ଶନ କରି ଖଡ଼ିଆଳ ଦଳ ଲିଗ ବିଜୟୀ ଲାଭ କରିଛି ।

## ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ୍: ସେମିରେ ପାଟଣାଗଡ

ପାଟଣାଗଡ,୧୬।୧ (ସବ୍ୟୁ): ପାଟଣାଗଡ଼ ରମାଇଁ ହାଇସ୍କୁଲ ଖେଳ ପଡ଼ିଆ ଠାରେ ଚାଲିଥିବା ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବି ପୁଲର ପ୍ରଥମେ ମ୍ୟାଚ୍ ଉତ୍ତରପ୍ରଦେଶ ପ୍ରୟାଗରାଜ ଓ ପାଟଣାଗଡ଼ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଟସ୍ ଜିଣି ପ୍ରୟାଗରାଜ ଦଳ ୨୩.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବ ରେ ବିଜୟ ହାସଲର ଲକ୍ଷ ନେଇ ପାଟଣାଗଡ଼ ଦଳ ୨୮.୫ ଓଭର ରେ ୧୭୪ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା । ଦଳ ପକ୍ଷରୁ ୩୫ ବଲ ରେ ୩୮ ରନ୍ ସଂଗ୍ରହ କରିଥିବା ପ୍ରଫୁଲ୍ଲ ନାଗକୁ ଆଜି ର ମ୍ୟାଚରେ ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା । ସତ୍ୟ ରଥ ଓ ଶ୍ୟାମସୁନ୍ଦର ପଣ୍ଡା ମ୍ୟାଚ ପରିଚାଳନା କରିଥିବା ବେଳେ ଦୁଲୁ ନାୟକ ଓ ଲିପୁନ ମହାରଣା ସ୍କୋର ଦାୟିତ୍ୱରେ ଥିଲେ । ଅଂଶୁମାନ ହୋତା ଓ ଜେମିନି ଚିରଗୁନ ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟାଚ ମଥୁରା ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି